# ଓଡ଼ିଶା ବିଧାନସଭା

## ପଞ୍ଚମ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୫ ଡିସେମ୍ବର, ୨୦୨୫

----

[ଶିକ୍ଷ - ଉଚ୍ଚ ଶିକ୍ଷା - ବିଦ୍ୟାଳୟ ଓ ଗଣଶିକ୍ଷା - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - କ୍ରୀଡା ଓ ଯୁବକଲ୍ୟାଣ - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ].

ମୋଟ ପ୍ରଶ୍ନର ସଂଖ୍ୟା - 372

----

**Justice in cases of campus-based harassment**

503 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- what institutional mechanisms are in place to support survivors (medical, legal, counselling) and ensure timely justice in cases of campus-based harassment; (a) How many survivors were assisted in the past year at college/university level; (b) Are there dedicated legal aid/counselling services in institutions; average time from complaint registration to ICC inquiry conclusion ?

----

**ସ୍ମୃତି ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ**

847 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାର ଗର୍ବ ଗୌରବ ପ୍ରଥମ ଓଡ଼ିଆ ଲୋକସଭା ବାଚସ୍ପତି ସ୍ୱର୍ଗତ ରବି ରାୟଙ୍କ ଚଳିତ ବର୍ଷ ଜନ୍ମ ଶତବାର୍ଷିକୀ ଅବସରରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସରକାରଙ୍କ ତରଫରୁ କି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଅଛି ?

----

## KIIT ର ଜମି ଜବର ଦଖଲ

859 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) NHRC Nepal ଙ୍କ ଠାରୁ ପତ୍ର ସରକାର / KIIT ଅଧିକାରୀ ପ୍ରାପ୍ତ ପରେ ଏଯାବତ୍ କି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ଏତତ୍ ସହ ସରକାରଙ୍କ ଦ୍ୱାରା ହୋଇଥିବା ଉଚ୍ଚସ୍ତରୀୟ କମିଟିର Inquiry Report ଟିକୁ କେବେସୁଦ୍ଧା ସାର୍ବଜନୀନ କରାଇବେ ; (ଖ) KIIT ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକଟି ରାଜସ୍ୱ ବିଭାଗର କେଉଁ କିସମରେ ଅବସ୍ଥିତ, ଏହା ଯଦି ସର୍ବସାଧାରଣ ରାସ୍ତା ତେବେ କେବେସୁଦ୍ଧା ଏଠାରୁ ଜବରଦଖଲକୁ ଉଚ୍ଛେଦ କରାଇବେ ଏବଂ ତତ୍ ସହ Forest Land ରେ 17/18 ଏକର ପରିଣିତ ଜମିକୁ ରଖି KIIT ଜବରଦଖଲରେ ଥିବା ସତ୍ୟ ତେବେ କେବେ ସୁଦ୍ଧା ଏହାକୁ ଜବରଦଖଲରୁ ମୁକ୍ତ କରାଇବେ ?

----

## ପ୍ରକଳ୍ପ ପାଇଁ ଗଛ କଟା

1093 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଭିନ୍ନ ବଡ଼ ପ୍ରକଳ୍ପମାନ ପ୍ରତିଷ୍ଠା ପାଇଁ MOU ସ୍ୱାକ୍ଷରିତ ହୋଇଥିବା ବେଳେ କେଉଁ କେଉଁ ପ୍ରକଳ୍ପ ଗୁଡ଼ିକ କେଉଁ କମ୍ପାନୀମାନଙ୍କ ଦ୍ୱାରା ପାହାଡ଼ିଆ କିମ୍ବା ଜଙ୍ଗଲ ଜମିରେ ପ୍ରତିଷ୍ଠା ହେବ; ସେହି ପ୍ରକଳ୍ପ ଗୁଡ଼ିକ ପାଇଁ କେତେପରିମାଣର ଜଙ୍ଗଲ ଜମି ଅଧିଗ୍ରହଣ ହେବା ସହ କେତେ ଗଛ କଟାଯିବ; ତାହା ସର୍ବେକ୍ଷଣ କରାଗଲାଣି କି; ସେହି ପ୍ରକଳ୍ପ ମାନଙ୍କରେ କି କି ପ୍ରକାର ଜଙ୍ଗଲ ଜାତ ଦ୍ରବ୍ୟର ହୋଇ ପାରିବ ?

----

## ବନ୍ଦ ହୋଇଥିବା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

1208 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ କେତେଗୋଟି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କାର୍ଯ୍ୟରତ ରହିଅଛି, ଗତ 5 ବର୍ଷ ମଧ୍ୟରେ କେତେଗୋଟି ବନ୍ଦ ହୋଇଛି ଏବଂ ଶେଷ 2 ବର୍ଷ ମଧ୍ୟରେ କେତେ ନୂଆ ଉଦ୍ୟୋଗ ଖୋଲିଛି, ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ରୋଗୀମାନଙ୍କର କେତେଜଣ କର୍ମନିଯୁକ୍ତି ହୋଇଛି ଓ ସେମାନଙ୍କର ମାସିକ ରୋଜଗାର ହାରାହାରି କେତେ, ସେମାନଙ୍କ ମଧ୍ୟରେ ଓଡିଆଙ୍କ ସଂଖ୍ୟା କେତେ?

----

## ମା ଶାରଳା ସୂତାକଳର ପୁର୍ନରୁଦ୍ଧାର

1211 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ମା ଶାରଳା ସୂତାକଳର ପୁର୍ନରୁଦ୍ଧାର ପାଇଁ ଯେଉଁ ନୂଆ Industry ହେବା ପାଇଁ ଯୋଜନା କରାଯାଇଛି ତାହାର DPR ପ୍ରସ୍ତୁତି ହେଲାଣି କି, ଏହି କଂପାନୀ ର ଚୟନ ପ୍ରଣାଳୀ କେଉଁ ଆଧାରରେ କରାଯାଇଅଛି ତାର ସବିଶେଷ ବିବରଣୀ ପ୍ରଦାନକ କରିବା ସହ ନୂଆ Industry କେବେସୁଦ୍ଧା କାର୍ଯ୍ୟକାରୀ ହେବ?

----

## ବିଜ୍ଞାନ ମେଳା ପ୍ରଦର୍ଶନ

1289 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରକାର ପ୍ରତି ସ୍କୁଲ ଓ କଲେଜମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଆଧୁନିକ ଜ୍ଞାନକୌଶଳ ସମ୍ପର୍କିତ ବିଦ୍ୟାକୁ ନେବା Science Exhibition (ବିଜ୍ଞାନ ପ୍ରଦର୍ଶନୀ) କରିବାକୁ ପ୍ରୋତ୍ସାହିତ କରିବେ କି ; ଏତଦ୍ ବ୍ୟତୀତ ସମସ୍ତ ଜିଲ୍ଲା ସ୍ତରରେ ବିଭିନ୍ନ ସ୍କୁଲ ଓ କଲେଜ ସ୍ତରରେ ବିଜ୍ଞାନ ପ୍ରଦର୍ଶନୀ ପ୍ରତିଯୋଗୀତା ଆୟୋଜନ କରି ସମସ୍ତ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗୀତାରେ ଭାଗ ନେବାକୁ ସମସ୍ତ ପ୍ରକାର ପ୍ରୋତ୍ସାହନ ଦେବେ କି?

----

## Present status of the approved green field

1536 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The present status of the approved green-field and brown-field steel projects in the State, including their installed capacity, progress of implementation, and the extent of actual investment realised so far in relation to the commitments made by the companies ?

----

## ସୂଚନା କେନ୍ଦ୍ର ସ୍ଥାପନ

1584 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର କଣ୍ଠିଲୋ ସ୍ଥିତ ପର୍ଯ୍ୟଟନକ୍ଷେତ୍ର ଶ୍ରୀ ନୀଳ ମାଧବ ମନ୍ଦିର କ୍ଷେତ୍ର, ପଠାଣି ସାମନ୍ତ ସଂଗ୍ରାହଳୟଠାରେ ଦୁଇଗୋଟି ସୂଚନା କେନ୍ଦ୍ର ସ୍ଥାପନ ଓ ମନ୍ଦିର ଓ ସାମନ୍ତଙ୍କ ସମ୍ପର୍କୀତ ପୁସ୍ତକ ଉପଲବ୍ଧି ପାଇଁ ଗ୍ରନ୍ଥାଳୟ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ କି ?

----

## Details of morum tenders

1713 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The details of morum-laying tenders floated and awarded for Baliyatra in the last five years,

including tender amount, selected agency, basis of selection and approved quantity; (b) The total morum quantity laid each year and the method used to verify actual utilisation; Whether any audit has been carried out to determine the status or disposal of morum after each Baliyatra; The monitoring mechanism to prevent excess lifting or diversion; and Whether any irregularities have been detected.

----

## ବଜେଟରେ ଆର୍ଥିକ ବ୍ୟବସ୍ଥା

1795 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ଯୁବକ ମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଦେଶ ଗଠନରେ ଯୁବକ ମାନଙ୍କୁ ନିୟୋଜିତ କରିବା ପାଇଁ ଓ ଯୁବକମାନଙ୍କୁ ବେକାରୀରୁ, ଦାଦନରୁ ଆଣି ରୋଜଗାର ଦେବା ପାଇଁ କି କି ଯୋଜନା, ପଦକ୍ଷେପ ଓ ଚିନ୍ତା କରିଛନ୍ତି ଓ ସେଥିପାଇଁ ବଜେଟରେ କେତେ ଆର୍ଥିକ ବ୍ୟବସ୍ଥା ହୋଇଛି ?

----

## ସଂସ୍କୃତ ମହାବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ ସୁବିଧା ପ୍ରଦାନ

1804 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା ବିଭିନ୍ନ ସଂସ୍କୃତ ମହାବିଦ୍ୟାଳୟ ମାନଙ୍କରେ 2008 ରୁ 2018 ମଧ୍ୟରେ କାର୍ଯ୍ୟରତ Junior Clerk, Assistant Librarian ଏବଂ Night Watchman ମାନେ ଦୀର୍ଘ ଦିନରୁ କାର୍ଯ୍ୟରତ ଥିଲେ ମଧ୍ୟ ସେମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଉନଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି କି ; ଯଦି ଉତ୍ତର ହଁ ହୁଏ, ତେବେ ଏ ବାବଦରେ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ବେସରକାରୀ ଅନୁଦାନପ୍ରାପ୍ତ College ରେ କାର୍ଯ୍ୟରତ ଅଧ୍ୟାପକମାନଙ୍କୁ ସୁବିଧା ପ୍ରଦାନ

1805 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2018 ଠାରୁ 2024 ମସିହା ମଧ୍ୟରେ ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନ ପ୍ରାପ୍ତ College ମାନଙ୍କରେ ନିଯୁକ୍ତି ଅଧ୍ୟାପକ ଏବଂ କର୍ମଚାରୀମାନଙ୍କର ଚାକିରୀ ସର୍ତ୍ତାବଳୀ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବା ସମ୍ବନ୍ଧୀୟ ସମସ୍ୟା ଦୀର୍ଘ ଦିନରୁ ସରକାରଙ୍କ ବିଚାରଧୀନ ଥିବା ବିଷୟରେ ସରକାର ଅବଗତ ଅଛନ୍ତି କି ; ଯଦି ଉତ୍ତର ହଁ ହୁଏ, ତେବେ ଏହା କେବେ ସୁଦ୍ଧା ସମାଧାନ କରାଯିବ?

----

## ବ୍ଲକସ୍ତରରେ ଷ୍ଟାଡିୟମ ନିର୍ମାଣ

1806 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ଲକ ସ୍ତରୀୟ ଷ୍ଟାଡିୟାମ ନିର୍ମାଣ କରିବା ପାଇଁ ପ୍ରାଥମିକ ସ୍ତରରେ କି ପ୍ରକାର ପଦକ୍ଷେପ ନିଆଯାଇଛି ; କେତୋଟି ବ୍ଲକରେ ଆବଶ୍ୟକୀୟ ପରିମାଣର ସରକାରୀ ଜମି 10-12 ଏକର ଭୂମି ଚିହ୍ନଟ କରାଯାଇଛି ଏବଂ କେତୋଟି ବ୍ଲକରେ ଏହି ପ୍ରକଳ୍ପ ପାଇଁ କେତେ ଲେଖାଏଁ ପରିମାଣର ବେସରକାରୀ ଜମିର ଆବଶ୍ୟକତା ରହିଛି ତାହାର ଆକଳନ କରାଯାଇଛି କି ; ଏହି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଦୀର୍ଘ ମିଆଦି କିମ୍ବା କୌଣସି ଏକ ନିର୍ଦ୍ଦିଷ୍ଟ ବର୍ଷରେ ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ଅଛି?

----

## ୬ ବର୍ଷରୁ ଉର୍ଦ୍ଧ ସମୟ ଧରି କାର୍ଯ୍ୟକରି OES Cadre ଅଫିସର

1807 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଣଶିକ୍ଷା ବିଭାଗରେ କେତେଜଣ OES Cadre ଅଫିସର ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରୁଛନ୍ତି ; ପ୍ରଶାସନରେ ସ୍ୱଚ୍ଛତା ଓ ନିରପେକ୍ଷତା ପାଇଁ ସରକାର ପ୍ରଣୀତ କରିଥିବା ବଦଳୀ ନୀତି ଅନୁଯାୟୀ କୌଣସି ବିଭାଗର OAS/OFS/IAS ଅଫିସର ମାନଙ୍କର ୩ ବର୍ଷ ପରେ ବଦଳୀ କରାଯାଉଛି କି ; ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗଣଶିକ୍ଷା ବିଭାଗରେ ଗାଦିମାଡି ବସିଥିବା OES ଅଫିସର ମାନଙ୍କର ବଦଳୀ ନହେବାର କାରଣ କଣ ; ସରକାର ଯଥାଶୀଘ୍ର ସେମାନଙ୍କ ବଦଳୀ ପାଇଁ ପଦକ୍ଷେପ ଗ୍ରହଣ କରିବେ କି?

----

## ଚାନ୍ଦବାଲି ଠାରେ Indoor Stadium

1808 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲିରେ ଥିବା Indoor Stadium ର କାର୍ଯ୍ୟ ଦୀର୍ଘଦିନ ହେବ ସରିଯାଇଥିଲେ ମଧ୍ୟ ଏହାର opening କରାଯାଇନାହିଁ ; କେବେ ସୁଦ୍ଧା ଏହା ଲୋକମାନଙ୍କ ପାଇଁ ଖୋଲିବା ପାଇଁ ସରକାର ଯୋଜନା କରିଛନ୍ତି ଓ ତୁରନ୍ତ ଏହାର ସମାଧାନ ପାଇଁ ସରକାର ପଦକ୍ଷେପ ନେବେ କି?

----

## ଶିକ୍ଷାନୁଷ୍ଠାନରେ ଅଗ୍ନିନିରାପତ୍ତା ବ୍ୟବସ୍ଥା

1809 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଭବିଷ୍ୟତ ଗଢିବାର ଦାୟିତ୍ୱ ନେଇଥିବା ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଫନରତ ଲକ୍ଷାଧିକ ଛାତ୍ରଛାତ୍ରୀଙ୍କର ସୁରକ୍ଷା ପାଇଁ NAAC ଏବଂ AICTE ଭଳି ରାଷ୍ଟ୍ରୀୟ ସ୍ତରର ଅନୁଷ୍ଠାନ ଗୁଡିକ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ଗୁଡିକରେ ଅଗ୍ନି ନିରାପତ୍ତା ଦିଗରେ ଅତ୍ୟନ୍ତ ଚିନ୍ତାଶୀଳ ଅଟନ୍ତି ; ବର୍ତ୍ତମାନ NAAC ଏବଂ AICTE ମାନ୍ୟତା ପାଇବା ପାଇଁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଅପରିହାର୍ଯ୍ୟ ଅଟେ ; ଏଭଳି ପରିସ୍ଥିତିରେ ରାଜ୍ୟ ସରକାରଙ୍କର କଣ ପଦକ୍ଷେପ ରହିଛି ଜଣାଇବେ କି ; ଏବେ ସୁଦ୍ଧା କେତେଗୋଟି ଶିକ୍ଷ ଅନୁଷ୍ଠାନରେ ଏହା ସମ୍ପୂର୍ଣ୍ଣ ହୋଇଛି?

----

## କଳିଙ୍ଗ ଶିକ୍ଷା ସାଥୀ ଯୋଜନାରେ ପାଇଥିବା ଛାତ୍ରଛାତ୍ରୀ

1810 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳିଙ୍ଗ ଶିକ୍ଷା ସାଥୀ ଯୋଜନାରେ 2024-25 ଶିକ୍ଷା ବର୍ଷରେ କେତେ ଛାତ୍ରଛାତ୍ରୀ ପାଇଛନ୍ତି ତାହାର ସମ୍ପୂର୍ଣ୍ଣ ବିବରଣୀ ଦେବା ସହିତ ଏଥିପାଇଁ ସବୁ ବ୍ୟାଙ୍କକୁ specific instruction ଦିଆହୋଇଛି କି ; ଏହାର ଲାଭ ବ୍ୟାପକ ଭାବରେ କିଭଳି ଛାତ୍ରଛାତ୍ରୀମାନେ ପାଇବେ ସେଥିପାଇଁ କଣ ସବୁ ପଦକ୍ଷେପ ନେଇଛନ୍ତି ଏବଂ ତାହା ନିଶ୍ଚିତ କରିବା ପାଇଁ ବିଭାଗ ପକ୍ଷରୁ କୌଣସି ନିରୀକ୍ଷଣ ବା ଅଭିଯୋଗ ନିରାକରଣ ବ୍ୟବସ୍ଥା ରଖାଯାଇଛି କି?

----

## ଖାଲିଥିବା କୁଳପତି ଅଧ୍ୟାପକ ପଦବୀ ପୂରଣ

1811 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ କେଉଁ ସରକାରୀ ବିଶ୍ୱବିଦ୍ୟାଳୟ ଥିବାବେଳେ ତନ୍ମଧ୍ୟରୁ କେଉଁ କେଉଁ ବିଶ୍ୱବିଦ୍ୟାଳୟରେ କୁଳପତି, କୁଳସଚିବ, ପରୀକ୍ଷା ନିୟନ୍ତ୍ରକ, ବିଭିନ୍ନ ବିଭାଗରେ ମଂଜୁରୀପ୍ରାପ୍ତ ବିଭିନ୍ନ ବର୍ଗର ଅଧ୍ୟାପକ, କର୍ମଚାରୀ ପଦବୀରୁ କେତେ ପଦବୀ ଖାଲିଅଛି, ତାହା ପୂରଣ ପୂର୍ବକ ଶିକ୍ଷାଦାନ ସୁସଂହତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଅଚଳ ଥିବା ଭାରିଶିଳ୍ପ ସଚଳ କରିବା

1812 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁ କେଉଁ ଭାରୀଶିଳ୍ପ କେବେଠାରୁ ଅଚଳ ଅବସ୍ଥାରେ ଅଛି ଓ ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଇସ୍ପାତ ଶିଳ୍ପ ପ୍ରତିଷ୍ଠା ପାଇଁ ବୁଝାମଣା ପତ୍ର

1813 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବିଗତ 2 ବର୍ଷରେ କେତେ ଇସ୍ପାତ ଶିଳ୍ପ/କାରଖାନା ପ୍ରତିଷ୍ଠା ପାଇଁ କେଉଁ କେଉଁ କମ୍ପାନୀ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି ଓ ଏସବୁ ପ୍ରକଳ୍ପର ସ୍ଥିତି କଣ ; (ଖ) ଏହା ଦ୍ୱାରା ରାଜ୍ୟରେ କେତେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାର ଆକଳନ କରିଛନ୍ତି?

----

## Investment appointment target for State Make-in-Odisha

1814 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- What was the investment opportunity/target for the State in "Make in Odisha" edition wise and employment opportunity, will the Govt. furnish the details of information edition wise including the last of company signing MOU/showing interest for investment and target achieved so far ?

----

## ୪୮୮ ବର୍ଗର ମହାବିଦ୍ୟାଳରେ କାର୍ଯ୍ୟରତ ଅଧ୍ୟାପକ ମାନଙ୍କର ପଦୋନ୍ନତି

1815 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ः**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାର ଅନୁଦାନପ୍ରାପ୍ତ ୪୮୮ ବର୍ଗ ମହା ବିଦ୍ୟାଳୟରେ SSB ଦ୍ୱାରା ୨୦୧୬ରେ ନିଯୁକ୍ତି ଅଧ୍ୟାପକମାନଙ୍କର ପଦୋନ୍ନତି ୨୦୧୪ ନିୟମାବଳି ଅନୁସାରେ ୨୦୨୪ ଅକ୍ଟୋବର ମାସରେ ହେବାକୁ ଥିଲେ ମଧ୍ୟ ଇତିମଧ୍ୟରେ ୧ ବର୍ଷ ବିତିଯାଇଥିବା ଏଯାବତ୍ କେଉଁ କାରଣ ବଶତଃ ହୋଇପାରିନାହିଁ ; (ଖ) ସରକାର ଏହି ପ୍ରକ୍ରିୟା କେବେସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି ?

----

## Fill up the vacant posts

1816 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ः**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Is it a fact that the process is fiilling up vacant posts in different Universities have not yet been completed if yes, the reasons there of; (b) Has the Govt set any deadline to fill up vacant posts of VCs ?

----

## Application pending oldage Pension

1817 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ः**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Is it a fact that many applications are pending disposals of the Govt. to revive pension of persons above 80 and 80% disabilities ; If yes, the details there off ?

----

## ନିଶାମୁକ୍ତ ଜିଲ୍ଲା ଭାବେ ସାମିଲ

1818 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ः**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ର ସରକାରର ନିଶାମୁକ୍ତ ଭାରତ ଅଭିଯାନରେ ଓଡିଶାର କେଉଁ କେଉଁ ଜିଲ୍ଲା କେବେ ଠାରୁ ସାମିଲ ହୋଇଛନ୍ତି, ଏଥିପାଇଁ କେନ୍ଦ୍ର ସରକାର ଓଡିଶାକୁ ଗତ ୧୦ବର୍ଷ ଭିତରେ କେଉଁ ବର୍ଷ କେତେ ଅର୍ଥ ପ୍ରଦାନ କରିଛନ୍ତି ଏବଂ ଏଥିରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି ଓ କେତେ ବଳକା ରହିଛି ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି, ନିଶାମୁକ୍ତ ଭାରତ ଯୋଜନା ଅନୁଯାୟୀ ଓଡିଶା କେବେ ସୁଦ୍ଧା ନିଶାମୁକ୍ତ ହେବ ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ?

----

## ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା

1819 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାରୀ ଚାକିରି କ୍ଷେତ୍ରରେ କେଉଁ ବର୍ଗଙ୍କ ପାଇଁ କେତେ ପ୍ରତିଶତ ସ୍ଥାନ ସଂରକ୍ଷଣ ରହିଛି, ଏବେ ରାଜ୍ୟରେ କେଉଁ ପାହ୍ୟାର କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ପଦବୀ ଅଛି ଏବଂ ସେଥିରୁ କେତେ ପଦବୀର ଏସସି, ଏସ୍‌ଟି, ଏସଇବିସି ନିଯୁକ୍ତି ପାଇବା କଥା ଏବଂ ଏଥିରୁ କେଉଁ ସଂରକ୍ଷିତ ବର୍ଗ ଲାଗି ଉଦ୍ଦିଷ୍ଟ କେତେ ପଦବୀ ଖାଲି ପଡିଛି, ଖାଲି ପଡିଥିବା ସଂରକ୍ଷିତ ପଦବୀ ଯୋଗୁଁ ପ୍ରତ୍ୟକ୍ଷ ନିଯୁକ୍ତି ଓ ପଦୋନ୍ନତି ଭିତ୍ତିରେ ପୂରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବେ କି ?

----

## ଖାଲିଥିବା ପଦବୀ ପୂରଣ

1820 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କେଉଁ କେଉଁ ଓ ଏକାଡେମୀ, ଗବେଷଣାକେନ୍ଦ୍ର, ବିଶ୍ୱ ବିଦ୍ୟାଳୟ ଓ ଭାଷା ପ୍ରତିଷ୍ଠାନମାନ ରହିଛି, ଏଗୁଡିକ ପାଇଁ କେତେ ସଂଖ୍ୟକ କେଉଁ ବର୍ଗର ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି ଓ ସେଥିରୁ କେତେ ପଦବୀ ଖାଲି ପଡିଛି, ଏହି ସଂସ୍ଥାଗୁଡିକର କାର୍ଯ୍ୟକାରୀ କମିଟି ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନଙ୍କ କାର୍ଯ୍ୟକାଳ କେବେ ଠାରୁ ଶେଷ ହୋଇଛି ଏବଂ ଏଠାରେ ନୂଆ କର୍ମକର୍ତ୍ତା କେବେ ସୁଦ୍ଧା ନିଯୁକ୍ତ ହେବେ ?

----

## ବିଭିନ୍ନ ସ୍କୁଲରେ drop out ହାର

1821 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବିଭିନ୍ନ ସ୍କୁଲରେ drop out ହାର କେତେ ରହିଛି, ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଏହି ହାର କେତେ, ଗତ ୫ ବର୍ଷ ମଧ୍ୟରେ ଡ୍ରପ ଆଉଟ୍ ହାର କେତେ ରହିଛି ଏହାର ବର୍ଷୱାରି ଏକ ତାଲିକା ପ୍ରଦାନ କରିବେ କି, ସ୍କୁଲ ଗୁଡ଼ିକରେ ଡ୍ରପ ଆଉଟ୍ ହାର କମିବାରେ କାରଣ କ'ଣ ?

----

## ଛାତ୍ର ସାଂସଦ ନିର୍ବାଚନ ଉପରେ ରୋକ୍

1822 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ବିଭିନ୍ନ ମହା ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ ଛାତ୍ର ସାଂସଦ ନିର୍ବାଚନ ଉପରେ ରାଜ୍ୟ ସରକାର ରୋକ୍ ଲଗାଇଛନ୍ତି କି, ଦୀର୍ଘ ଦିନ ଧରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ନିର୍ବାଚନ କାହିଁକି ଓ କେଉଁ କାରଣରୁ ହୋଇ ନାହିଁ ?

----

## Upgradation of Barabati Stadium

1823 **Smt. Sofia Firdous (Barabati-Cuttack):**

Will the Minister for **Sports & Youth Services** be pleased to state that:- (a) Whether the Government has taken note of the huge public craze for cricket at Barabati Stadium and the recent match attended by the Hon'ble Chief Minister and Ministers; (b) Whether there is any proposal or DPR to upgrade Barabati into a world-class international cricket venue with improved seating, player facilities, floodlights and access; and the proposed timeline and budget for this work and whether Barabati will be prioritised for hosting major international matches ?

----

## Introduced to Celebrate the Akshaya Mohanty Sangeet Utsav

1824 **Smt. Sofia Firdous (Barabati-Cuttack):**

Will the Minister for **Odia Language, Literature & Culture** be pleased to state that:- (a) Whether the Government has noted growing public concern that legendary musician Akshaya Mohanty has not received adequate recognition for his contributions to Odia music and culture; (b) Whether the Government proposes installation of a permanent statue or memorial in his honour; (Whether an annual “Akshaya Mohanty Sangeet Utsav" will be introduced to celebrate his musical legacy; and Whether steps have been taken to recommend his name for a national-level honour, including a posthumous Padma Award, in response to public demand ?

----

## Appointment of Contract guest on adjunct Faculty

1825 **Smt. Sofia Firdous (Barabati-Cuttack):**

Will the Minister for **Higher Education** be pleased to state that:- (a) Whether

any interim measures have been taken to address the 1,353 teaching and 2,081 non-teaching vacancies in State Public Universities in view of the prolonged legal pendency cited in SLP No. 8812- 8814/2022; (b) Whether the Government has fixed a timeline for initiating recruitment after passage of the Odisha University (Amendment) Bill, 2024; How academic functioning is being ensured despite such shortages; and Whether contract, guest, or adjunct faculty appointments are being considered until regular recruitment resumes ?

----

## School Building କାର୍ଯ୍ୟ ସମ୍ପୂର୍ଣ୍ଣ କରିବା

1826 **Shri Satyajeet Gomango (Gunupur):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- NPCC ଦ୍ୱାରା ରାୟଗଡା ଜିଲ୍ଲା ରେ tender ପ୍ରକ୍ରିୟା କେତୋଟି School building କେବେଠାରୁ କାମ ଚାଲିଛି ଏବଂ କେବେ ସମ୍ପୂର୍ଣ ହେବ ?

----

## ଖାଲିଥିବା ଅଧ୍ୟାପକ ଓ କର୍ମଚାରୀ ପଦବୀ ପୂରଣ

1827 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗୁଣପୁର ନିର୍ବାଚନ ମଣ୍ଡଳୀରେ କେତୋଟି ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟ ରହିଛି ଓ କେଉଁ ବିଭାଗରେ କେତୋଟି ଅଧ୍ୟାପକ ଓ କର୍ମଚାରୀ ପଦବୀ ବିଭାଗ ୱାରି ଖାଲି ପଡିଛି, ନୂତନ ନିଯୁକ୍ତି ପାଇଁ କଣ ପଦକ୍ଷେପ ନିଆଯାଇଛି ?

----

## ମିନିଷ୍ଟାଡିୟମର ଉନ୍ନତିକରଣ

1828 **Shri Satyajeet Gomango (Gunupur):**

Will the Minister for **Sports & Youth Services** be pleased to state that:- ଗୁଣପୁର ନିର୍ବାଚନ ମଣ୍ଡଳୀରେ କେତୋଟି ମିନି ଷ୍ଟାଡିୟମ ଅଛି, ଏହାର ଉନ୍ନତିକରଣ ନିମନ୍ତେ ଗତ 5 ବର୍ଷ ମଧ୍ୟରେ କେତେ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛିଞ୍ଚ ଗୁଣପୁର ମିନିଷ୍ଟାଡିୟମ ର ଉନ୍ନତି କରଣ ପାଇଁ ନୂଆ କରି କଣ ପ୍ରସ୍ତାବ ରହିଛି ?

----

## OSDA ରେ ଟଙ୍କା ବିନିଯୋଗ

1829 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- OSDA ନିମନ୍ତେ ଗତ ୨୦୨୪-୨୦୨୫, ୨୦୨୫-୨୦୨୬ରେ କେତେ ଟଙ୍କାର ଆର୍ଥିକ ବ୍ୟବସ୍ଥା କରିଛନ୍ତି, ଗତ ପଂଚ ବର୍ଷ ମଧ୍ୟରେ ରାଜ୍ୟ ସରକାର Odisha Skill Development Authority ମାଧ୍ୟମରେ କେତେ ଟଙ୍କା ବିନିଯୋଗ କରିଛନ୍ତି ଆଉ ସେସବୁର ବିନିଯୋଗରେ ଆମ ରାଜ୍ୟରେ କେତେ ନିଯୁକ୍ତି ସୃଷ୍ଟି, ହୋଇଛି ?

----

## ଶିକ୍ଷକଙ୍କୁ ଟ୍ରେଣ୍ଡମାଟ୍ରିକ ହାରରେ ଦରମା ଦେବା

1830 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ନିଯୁକ୍ତି ପାଇଁ ସର୍ବନିମ୍ନ ଯୋଗ୍ୟତା ଟ୍ରେଣ୍ଡଏଂଟରମିଡିଏଟ ଥିବା ବେଳେ, ନିଯୁକ୍ତି ଶିକ୍ଷକଙ୍କୁ ଟ୍ରେଣ୍ଡମାଟ୍ରିକ ହାରରେ (GP 2200) ଦରମା କାହିଁକି, ସେମାନଙ୍କୁ କେବେ ଟ୍ରେଣ୍ଡଏଂଟରମିଡିଏଟ (GP 2800) ହାରରେ ଦରମା ଦେବେ, (ଖ) ଅନ୍ୟ ବିଭାଗ ପରି ପ୍ରାଥମିକ ଶିକ୍ଷକଙ୍କ ଠିକା ସମୟକୁ ନୋସନାଲ ଇନକ୍ରିମେଂଟ ଦେଇ ମୂଳ ଚାକିରିରେ ଗଣନା ନିର୍ଦ୍ଦେଶନାମା କେବେ ପ୍ରକାଶ କରିବେ ?

----

## SC/ST Commission ଗଠନ

1831 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାର ଜନ ସଂଖ୍ୟା ରେ 40% ହେଉଛନ୍ତି SC/ST ସରକାର SC/ST ଙ୍କ ସୁରକ୍ଷା ତଥା ତାଙ୍କ ଅଧିକାରର ତାଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା ଏବଂ ଜାତିଗତ ଭେଦଭାବ ସୁରକ୍ଷା ପାଇଁ ଓଡ଼ିଶାରେ SC/ST Commission ଗଠନ କରିବା ପାଇଁ ପଦକ୍ଷେପ ନେବେ କି ?

----

## ନିର୍ମାଣଧୀନ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ

1832 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହି ବ୍ଲକ କେ ବାଲିପାଳ ପଞ୍ଚାୟତର ପଞ୍ଚାୟତ ହାଇସ୍କୁଲ ଠାରେ ୨୦୧୩ ମସିହା ଠାରୁ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ନ ହେବା କାରଣ କଣ, ଛାତ୍ରୀ ନିବାସଟି କାର୍ଯ୍ୟକ୍ଷମ ନ ହେବା ଫଳରେ ଦୂର ଦୁରନ୍ତ ରୁ ଆସୁଥିବା ଛାତ୍ରୀ ମାନେ ଅନେକ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି ଏ ନେଇ ଅବଗତ ଅଛନ୍ତି କି, କେବେ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ?

----

## ପାଟଣା ବ୍ଲକଠାରେ Steel Plant ନିର୍ମାଣର ସ୍ଥିତି

1833 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେଉଁଝର ଜିଲ୍ଲାରେ ପାଟଣା ବ୍ଲକଠାରେ JSW ଏବଂ POSCO ମିଳିତ ଉଦ୍ୟମରେ ପ୍ରତିଷ୍ଠା ହେବାକୁ ଥିବା Steel Plant ପ୍ରସ୍ତାବର ବର୍ତ୍ତମାନ ସ୍ଥିତି କ'ଣ, ଏହାର ଉତ୍ପାଦନ କ୍ଷମତା କେତେ, ଏଥିପାଇଁ କେଉଁ ସବୁ ଆନୁଷଙ୍ଗିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି, ଜମି ଅଧିଗ୍ରହଣ କାର୍ଯ୍ୟ କେତେ ଅଗ୍ରଗତି କରିଛି, ଅନ୍ୟ କେଉଁ ପଦକ୍ଷେପମାନ ନେବାକୁ ବାକି ଅଛି ଏବଂ କେବେ ସୁଦ୍ଧା ଏ plant ନିର୍ମାଣ କାମ ଆରମ୍ଭ ହେବ କହିବେ କି ?

----

## ଅବସର ପରେ ନୂତନ ଶିକ୍ଷକ ନିଯୁକ୍ତି

1834 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ Stand alone ବେସରକାରୀ ଅନୁଦାନ ପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଶିକ୍ଷକମାନେ ଅବସର ନେବା ପରେ ନୂତନ ଶିକ୍ଷକ ନିଯୁକ୍ତ ହେଉନଥିବା ଜାଣନ୍ତି କି, ଏ ଭଳି କେତେ ବେସରକାରୀ ଅନୁଦାନ ପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମସ୍ତ ଶିକ୍ଷକ ଅବସର ନେଲେଣି ତା'ର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି, ଏଭଳି କ୍ଷେତ୍ରରେ ସରକାର ଏ School ସବୁର Recognition ପ୍ରତ୍ୟାହାର କରି ନୂଆ ସରକାରୀ UP School ପ୍ରତିଷ୍ଠା କରିଛନ୍ତି କି, ଅଥବା ସଂଲଗ୍ନ ପ୍ରାଥମିକ ବିଦ୍ୟାଳୟକୁ UP School କୁ Upgrade କରିଛନ୍ତି କି, ଏ ଭଳି କେଉଁ ଜିଲ୍ଲାରେ କେତୋଟି School ପ୍ରତିଷ୍ଠା କରିଛନ୍ତି ତାହା ଜଣାଇବେ କି, ଉତ୍ତର "ନା" ହେଲେ କେବେ ସୁଦ୍ଧା ଏହା କରିବେ ?

----

## Updated dropout rate figure

1835 **Shri Sagar Charan Das (Bhawanipatna):**

Will the Minister for **School and Mass Education** be pleased to state that:- The updated district wise dropout rate figures from the latest UDISE+ 2024 -25 update, and explain why Odisha has recorded a rise in dropout rates at both middle ( from 2% to 3.2 %) and secondary levels ( from 9.1 % to 9.8 % ) as reported in August 2025 , along with the specific corrective measures for Kalahandi to be implemented before the 2026 academic session ?

----

## Placement for 2,300 trained youth

1836 **Shri Sagar Charan Das (Bhawanipatna):**

Will the Minister for **Skill Development & Technical Education** be pleased to state that:- In light of a report that states that over 2,300 trained youth in Odisha secured zero placement after training, will the Govt. provide the district-wise breakup, including Kalahandi figures, and action against non-

performing training partners?

----

**Utilisation Report of Major ST/SC Welfare Scheme**

1837 **Shri Sagar Charan Das (Bhawanipatna):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- Will the Govt. present the physical and financial utilisation report of major ST/SC welfare schemes for 2024-25 and explain why districts like Kalahandi show lower utilisation, along with steps taken to ensure full and timely disbursal to beneficiaries ?

----

**ଅନୁସୂଚିତ ଜନଜାତି ଓ ଜାତିମାନଙ୍କ କଲ୍ୟାଣ ପାଇଁ ଅନୁଦାନ ପ୍ରଦାନ**

1838 **Shri Ramesh Chandra Behera (Daspalla):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ରାଜ୍ୟରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟର ସାମଗ୍ରିକ ବିକାଶ ନିମନ୍ତେ ପୃଥକ ପୃଥକଭାବେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ କି କି ସ୍ୱତନ୍ତ୍ର ଯୋଜନାମାନ କାର୍ଯ୍ୟକାରି କରାଯାଉଛି ଓ ବିଗତ ୫ ବର୍ଷମଧ୍ୟରେ ଏ ବାବଦକୁ କେଉଁ କେଉଁ ଯୋଜନାରେ କେଉଁ କେଉଁ ବର୍ଗ ପାଇଁ କେତେ ପରିମାଣର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି ?

----

**ଛାତ୍ର ଅନୁପାତର ଶିକ୍ଷକ ନିଯୁକ୍ତି**

1839 **Shri Ramesh Chandra Behera (Daspalla):**

Will the Minister for **School and Mass Education** be pleased to state that:- (କ) ରାଜ୍ୟରେ ବର୍ତ୍ତମାନ କେଉଁ ଜିଲ୍ଲାରେ କେତେ ଗୋଟି ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭାଗ ଅଧୀନରେ ପରିଚାଳିତ ହେଉଅଛି ଓ ସେଥିରେ କେତେ ସଂଖ୍ୟକ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି, ନିୟମ ଅନୁଯାୟୀ ସେଥିରେ କେତେ ସଂଖକ ଶିକ୍ଷକ ଓ କର୍ମଚାରୀ ରହିବା କଥା ଓ କେତେ ଅଛନ୍ତି ତାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ; (ଖ) ସମ୍ପୃକ୍ତ ବିଦ୍ୟାଳୟ ଗୁଡିକରେ ନୂତନ ଶିକ୍ଷକ ନିଯୁକ୍ତି ବାରଣ ଥିବା କାରଣରୁ ଅନେକ ବିଦ୍ୟାଳୟରେ ୧ କିମ୍ବା ୨ ଜଣ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଉଥିବା ଏବଂ ଚଳିତ ବର୍ଷ କିଛି ବିଦ୍ୟାଳୟରେ ଅବଶିଷ୍ଟ ସମସ୍ତ ଶିକ୍ଷକ ଅବସର ବୟସରେ ପଦାର୍ପଣ କରୁଥିବା କାରଣରୁ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କ ଆଗାମୀ ଶିକ୍ଷା ବର୍ଷରେ ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନକୁ ସୁନିଶ୍ଚିତ କରିବା ପାଇଁ ବିଭାଗ କଣ ପଦକ୍ଷେପ ଗ୍ରହଣ କରୁଛି ?

----

**ଶିଳ୍ପାୟନ ଯୋଗୁଁ ନିଯୁକ୍ତି ସୃଷ୍ଟି**

**1840** **Shri Ramesh Chandra Behera (Daspalla):**

Will the Minister for **Industries** be pleased to state that:- (କ) ରାଜ୍ୟରେ ଶିଳ୍ପାୟନ ବୃଦ୍ଧି ସାଙ୍ଗକୁ ନୂତନ ନିଯୁକ୍ତି ସୃଷ୍ଟି କରିବା କ୍ଷେତ୍ରରେ ଉତ୍କର୍ଷ ଓଡ଼ିଶା ଓ ମେକ ଇନ ଓଡ଼ିଶା କନକ୍ଲେଭ କିଭଳି ସହାୟକ ହୋଇପାରିଛି, ଗତ ବର୍ଷ ଓ ଚଳିତ ବର୍ଷ କେଉଁ କେଉଁ ଜିଲ୍ଲାରେ କେତେ ଟଙ୍କା ବିନିମୟରେ କେଉଁ କେଉଁ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ଥିର କରାଯାଇଛି/ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ତାହା ଦ୍ୱାରା କେଉଁ ଜିଲ୍ଲାରେ କେତେ ସଂଖ୍ୟକ ନିଯୁକ୍ତି ସୃଷ୍ଟି ହୋଇପାରିବ ପ୍ରକାଶ କରିବେ କି; (ଖ) ନୟାଗଡ଼ ଜିଲ୍ଲାରେ ନୂତନ ଶିଳ୍ପ ପ୍ରତିଷ୍ଠା ସହ ନିଯୁକ୍ତି ସୁବିଧା ସୃଷ୍ଟି କରିବା ପାଇଁ ସରକାରଙ୍କ ଯୋଜନା କଣ ?

----

## ବନ୍ଦ ହୋଇଥିବା ସ୍କୁଲ ପୁନଃ ଖୋଲିବା

**1841** **Shri Romancha Ranjan Biswal (Deogarh):**

Will the Minister for **School and Mass Education** be pleased to state that:- ଦେବଗଡ ଜିଲ୍ଲା ତିଳେଇବଣି (ITDA) ଅନ୍ତର୍ଗତ ବଡଛାପଲ ପଞ୍ଚାୟତ ଅନ୍ତର୍ଗତ ବିଛଣାପୁର ପ୍ରକଳ୍ପ ସ୍କୁଲଟିକୁ ଭୁଲ ତଥ୍ୟ ଦେଇ ବର୍ତ୍ତମାନ ମଧ୍ୟ 32 ଜଣ ଛାତ୍ର ଛାତ୍ରୀ ଥିବା ସତ୍ତ୍ୱେ ବନ୍ଦ କରି ଦିଆଯାଇଅଛି ଫଳରେ ଭୌଗଳିକ କାରଣରୁ ସେ ପିଲାମାନେ ଆଉ କୌଣସି ସ୍କୁଲକୁ ନ ଯାଇ ପାଞ୍ଚ ବର୍ଷ ହେଲା ବନ୍ଦ ଥିବା ଉକ୍ତ ସ୍କୁଲରେ ଗ୍ରାମବାସୀଙ୍କ ସହଯୋଗରେ ପାଠ ପଢୁଛନ୍ତି ଏଣୁ ଉକ୍ତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି କେବେ ସୁଦ୍ଧା ସେ ସ୍କୁଲଟିକୁ ଖୋଲାଯିବ ?

----

## ଅନୁସୂଚିତ ଜନଜାତି ଓ ଜାତି ବର୍ଗ ଲୋକମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ

**1842** **Shri Romancha Ranjan Biswal (Deogarh):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ଦେବଗଡ଼ ନିର୍ବାଚନ ମଣ୍ଡଳୀର ବସବାସ କରୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଜନସାଧାରଣଙ୍କ ସର୍ବନିମ୍ନ ସୁବିଧା ପାଇଁ ବିଭାଗ ପକ୍ଷରୁ କଣ ପଦକ୍ଷେପ ନିଆଯାଇଛି, ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯିବା ସହିତ ଜୀବନ ଧାରଣ ମାନର ଉନ୍ନତି ଆଣିବା ପାଇଁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦିଆଯିବ କି ?

----

## ଅନୁସୂଚିତ ଜନଜାତି ଓ ଜାତି ପାଇଁ ଉଦ୍ଦିଷ୍ଟ ସ୍କଲାରସିପ ବାଟମାରଣ

**1843** **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ସ୍କଲାରସିପ୍ ଟଙ୍କା ଏବଂ ବାଟମାରଣା ହେଉଥିବା ସତ୍ୟ କି; ଯଦି ଉତ୍ତର ହଁ ହୁଏ ତେବେ ଏହାର କାରଣ କ'ଣ କ କେଉଁ ଜିଲ୍ଲାର କେଉଁଠାରେ ଏପରି ହୋଇଛି ତାର ସଂପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିବେ କି; (ଖ) ନିମାପଡ଼ା ନିର୍ବାଚନମଣ୍ଡଳୀରେ ଜଣେ SC ବର୍ଗର ଛାତ୍ରୀ ଓ ଆଉ ଜଣେ ସାଧାରଣ ବର୍ଗର ଛାତ୍ରୀ ଏଭଳି ସ୍କଲାରସିପ୍ ଦୁର୍ନୀତିର ପର୍ଦ୍ଦାଫାସ୍ କରିଥିଲେ, ସେମାନେ ପାଠ ପଢୁଥିବା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଜଣେ ଅଧ୍ୟାପିକା ଏ ଛାତ୍ରୀମାନଙ୍କର ସାର୍ଟିଫିକେଟ କଲେଜରୁ ନେଇ ଏବଂ ସାଧାରଣ ବର୍ଗର ଛାତ୍ରୀଙ୍କ ନାମରେ ଫର୍ଜରୀ ଅନୁସୂଚିତ ଜାତି ବର୍ଗର ଜାତିପ୍ରମାଣ ପତ୍ର ବାହାର କରି କୋଣାର୍କରେ ଥିବା ସ୍ୱର୍ଣ୍ଣଲତା ସ୍କୁଲ୍ ଅଫ ନର୍ସିଙ୍ଗ ନାମକ ଶିକ୍ଷାନୁଷ୍ଠାନରେ ନର୍ସିଂ କୋର୍ସରେ ଛାତ୍ରୀମାନଙ୍କର ଅଜାଣତରେ Admission କରାଇ ସମସ୍ତ ସ୍କଲାରସିପ୍ ଟଙ୍କା ହଡ଼ପ କରିନେଇଥିଲେ ଏହି ଦୁର୍ନୀତି ପାଇଁ ସମ୍ପୃକ୍ତ ଅଧ୍ୟାପିକା ଓ ତାଙ୍କ ପରିବାରବର୍ଗ ଗିରଫ ହୋଇଥିଲେ କିନ୍ତୁ ଏ ଦୁର୍ନୀତିରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ମାଲିକ, ପ୍ରିନ୍ସପାଲ୍ ଏବଂ ପୁରୀ ଜିଲ୍ଲାର DWOଙ୍କ ବିରୁଦ୍ଧରେ ଅଦ୍ୟାବଧି କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ତାହାର କାରଣ ଗୁଡିକ ଉପସ୍ଥାପନ କରିବେ କି?

----

**Methods of Scoring & Methods of assessment**

**1844 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What are the methods of scoring and methods of assessment of our universities and colleges done for ranking; (b) What are bibliometrics; And it is argued by some experts that over reliance on bibliometric indicators while ranking institutions does not capture the intricacies of scientific performance as a whole, and as such, will the state Government suggest to NIRF for the need of a more comprehensive and transparent evaluation methodology, if so the details thereof ?

----

**ପାଠ୍ୟ ପୁସ୍ତକ ପରିବର୍ତ୍ତନ କରିବାର ପରିକଳ୍ପନା**

**1845 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଗଣଶିକ୍ଷା ବିଭାଗ ଅଧିନରେ ପରିଚାଳିତ ହେଉଥିବା ସ୍କୁଲ ଗୁଡିକର ପାଠ୍ୟପୁସ୍ତକ ପରିବର୍ତ୍ତନ କରିବାର ସରକାରଙ୍କ କିଛି ପରିକଳ୍ପନା ଅଛି କି ; ଯଦି ରହିଛି କେଉଁ କେଉଁ ଶ୍ରେଣୀ ଏବଂ କେଉଁ କେଉଁ ବିଷୟରେ ପରିବର୍ତ୍ତନ କରିବାକୁ ସରକାର ଯାଉଛନ୍ତି ତାହାର ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ; (ଖ) ରାଜ୍ୟରେ ପାଠ୍ୟପୁସ୍ତକ ଡ୍ରାଫ୍ଟ କରିବା ପାଇଁ ଗଠିତ ହେଉଥିବା କମିଟିରେ କେଉଁମାନେ writers panel ରେ ସଭ୍ୟ ଅଛନ୍ତି ; ସରକାରୀ କଲେଜ/ ବିଶ୍ୱବିଦ୍ୟାଳୟରୁ କେଉଁମାନେ ବିଦ୍ୟାଳୟରୁ କେଉଁମାନେ ଓ ସରସ୍ୱତୀ ଶିଶୁ ମନ୍ଦିରରୁ କେଉଁମାନେ ଅଛନ୍ତି ତାର ଏକ ନିର୍ଦ୍ଦିଷ୍ଟ ଭାବେ ଜଣାଇବା ସହ ଏଥିପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତ ନିୟମାବଳୀର ତଥ୍ୟ ଉପସ୍ଥାପନା କରିବେ କି ?

----

## ସହରାଞ୍ଚଳ ବିଦ୍ୟାଳୟ Repair ଦାୟିତ୍ୱ ନିର୍ମାଣ ବିଭାଗକୁ ପ୍ରଦାନ

1846 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ଗୁଡ଼ିକର Repair & Maintenance ଦାୟିତ୍ୱ ଗ୍ରାମାଞ୍ଚଳରେ ଗ୍ରାମଉନ୍ନୟନ ବିଭାଗ ଓ ସହରାଞ୍ଚଳରେ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ପ୍ରଦାନ ଦାୟିତ୍ୱ କେବେଠାରୁ ବନ୍ଦ ହୋଇଛି, ଏହା କାହାଦ୍ୱାରା ମରାମତି ଓ ରକ୍ଷଣାବେକ୍ଷଣ କରାଯାଉଛି ପ୍ରକାଶ କରି ପୂର୍ବବତ ଗ୍ରାମାଞ୍ଚଳ ବିଦ୍ୟାଳୟ ଗ୍ରାମ୍ୟ ଉନ୍ନୟନ ଓ ସହରାଞ୍ଚଳ ବିଦ୍ୟାଳୟର Repair & Maintenance ଦାୟିତ୍ୱ ନିର୍ମାଣ ବିଭାଗକୁ ଦାୟିତ୍ୱ ପ୍ରଦାନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ସଂସ୍ଥା ପାଇଁ ଜମି ଲିଜ୍ ଦେବା

1847 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- IDCO ତରଫରୁ ବିଗତ ତିନି ବର୍ଷରେ ଜଗତପୁର ଖପୁରିଆ ଓ ଚୌଦ୍ୱାରରେ କେତେ ପରିମାଣର ଜାଗା କେତେ ମୂଲ୍ୟରେ କେଉଁମାନଙ୍କୁ ବିକ୍ରୟ ବା ଲିଜରେ ପ୍ରଦାନ କରିଛି ତାହାର ବିବରଣୀ ପ୍ରଦାନ ସହ ବର୍ତ୍ତମାନ କୌଣସି ଲିଜ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି କି ?

----

## ମାଧ୍ୟମିକ ଶିକ୍ଷା ବୋର୍ଡ ଓ ଉଚ୍ଚତର ମାଧ୍ୟମିକ ଶିକ୍ଷା ବୋର୍ଡ ମିଶାଇ ଗୋଟିଏ ସଂସ୍ଥା କରିବା

1848 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଓ ଉଚ୍ଚତର ମାଧ୍ୟମିକ ଶିକ୍ଷା ବୋର୍ଡକୁ ମିଶାଇ ଗୋଟିଏ ସଂସ୍ଥା କରିବାକୁ ନିଷ୍ପତ୍ତି ନେବାକୁ ଯାଉଥିବା କଥା ସତ୍ୟ କି, ଉତ୍ତର ହଁ ହେଲେ, ଏହାର ରୂପରେଖ କ'ଣ ହେବ ଓ ଏହା ପରୀକ୍ଷା ପରିଚାଳନାରେ କିପରି ସହାୟକ ହେବ ?

----

## ଖାଲିଥିବା ଅଧ୍ୟକ୍ଷ, ଅଧ୍ୟାପକ, କର୍ମଚାରୀ ପଦବୀ ପୂରଣ

1849 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ମଞ୍ଜୁରୀପ୍ରାପ୍ତ ଅଧ୍ୟକ୍ଷ, ବିଭିନ୍ନ ବିଭାଗର ବିଭିନ୍ନ ବର୍ଗର ଅଧ୍ୟାପକ ଓ କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି ଓ ଅବସର ଗ୍ରହଣ ହେତୁ ୨୦୨୫, ୨୦୨୬ ଓ ୨୦୨୭ ମସିହାରେ କେତେ ପଦବୀ ଖାଲି ହେବ, ପ୍ରକାଶ କରି ବର୍ତ୍ତମାନର ଖାଲିଥିବା ପଦବୀ ଓ ଆଗାମୀ ଦିନରେ ଖାଲି ହେବାକୁଥିବା ପଦବୀ ଆକଳନ କରି ପଦବୀ ପୂରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଶିଳ୍ପ ସ୍ଥାପନ ପାଇଁ ହୋଇଥିବା MOU

1850 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଗତ ପାଞ୍ଚ ବର୍ଷରେ କେଉଁ ଶିଳ୍ପଗୋଷ୍ଠୀ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇ ସେମାନଙ୍କୁ କେତେ ଜମି ଓ ଆନୁସଙ୍ଗିକ ସୁବିଧା ପ୍ରଦାନ କରାଯାଇଛି ଓ ଏହି ଗୋଷ୍ଠୀମାନଙ୍କ ମଧ୍ୟରୁ କେଉଁମାନେ ଶିଳ୍ପାୟନରେ କେତେଦୂର ଅଗ୍ରଗତି କରିଛନ୍ତି ପ୍ରକାଶ କରି ଶିଳ୍ପ ପ୍ରତିଷ୍ଠାରେ ବିଫଳ ହୋଇଥିବା ସଂସ୍ଥା ସହ ବୁଝାମଣା ପତ୍ରକୁ ବାତିଲ୍ କରି ଜମି ଫେରସ୍ତ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## CSR ଫଣ୍ଡର ସୁବିଧା ସୁଯୋଗ

1851 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ପଥର କ୍ୱାରୀ, ବାଲିଘାଟ ଭଳି ଉତ୍ସରୁ ନୟାଗଡ଼ ଜିଲ୍ଲା CSR ଫଣ୍ଡ ପକ୍ଷରୁ କଣ ସୁବିଧା ସୁଯୋଗ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀକୁ ପ୍ରଦାନ କରାଯାଇଛି ଏହାର ସୂଚନା ମିଳିବ କି ?

----

## 662 ଓ 488 ବର୍ଗର ଅଧ୍ୟାପକମାନଙ୍କୁ Pension ପରିସରଭୁକ୍ତ କରିବା

1852 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା ୬୬୨ ଓ ୪୮୮ ବର୍ଗର ବ୍ଲକ ଗ୍ରାମରୁ ଅଧ୍ୟାପକ ଓ କର୍ମଚାରୀମାନେ ଭିନ୍ନ ଭିନ୍ନ ପ୍ରକାର ଦରମା ପାଉଛନ୍ତି, ସେମାନଙ୍କ ଯୋଗ ଦାନ ତାରିଖ ଅନୁଯାୟୀ ବରିଷ୍ଠତା ନିର୍ଦ୍ଧାରଣ କରି ଅନୁଦାନ ଦେବାକୁ ପଦକ୍ଷେପ ନିଆଯିବ କି; ପୁନଶ୍ଚ ସେମାନଙ୍କୁ ପେନସନ୍ ପରିସରଭୁକ୍ତ କରିବା ଓ ଅନ୍ୟାନ୍ୟ ସର୍ଭିସ୍ କଣ୍ଡିସନ ଦେବା ପାଇଁ ସରକାର ପଦକ୍ଷେପ ନେଉଛି କି ?

----

## ଆକାଶ ବାହିନୀର ପ୍ରଶିକ୍ଷକ ଶିକ୍ଷକ ନିଯୁକ୍ତି

1853 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆସିକାଠାରେ ଥିବା ହରିହର ଉଚ୍ଚ ବିଦ୍ୟାଳୟ ବହୁ ପୁରାତନ ଅଟେ, ଏହି ବିଦ୍ୟାଳୟ N.C.C. ଅଧିନରେ ସ୍ଥଳ, ଆକାଶ, ଜଳପଥ ନିମନ୍ତେ ତିନି ବାହିନୀର ଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଥିଲା, ମାତ୍ର ବର୍ତ୍ତମାନ ବିଦ୍ୟାଳୟରେ ସ୍ଥଳ, ଆକାଶ ବାହିନୀର ପ୍ରଶିକ୍ଷଣ (Teacher) ଅଭାବରୁ ତାହା ବନ୍ଦ ହୋଇଅଛି, ଏଣୁ ସ୍ଥଳ, ଆକାଶ ବାହିନୀର ପ୍ରଶିକ୍ଷିକ (Teacher) କେତେ ଦିନ ମଧ୍ୟରେ ଉକ୍ତ ସ୍କୁଲରେ ନିଯୁକ୍ତି ଦେବେ ?

----

## ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି

1854 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ଆଦର୍ଶ ବିଦ୍ୟାଳୟ ଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଓ ଶିକ୍ଷୟତ୍ରି ଅଭାବରୁ ଛାତ୍ର ଓ ଛାତ୍ରୀମାନଙ୍କର ଶିକ୍ଷାଦାନରେ ଘୋର ଅବ୍ୟବସ୍ଥା ହେଉଅଛି; ଆଦର୍ଶ ବିଦ୍ୟାଳୟରେ ପୁର୍ଣ୍ଣମାତ୍ରାରେ ଶିକ୍ଷକ ଓ ଶିକ୍ଷୟତ୍ରୀ ପଦବୀ ପୂରଣ କରିବେ କି ?

----

## ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତ ଓ ଦେବ ଶିକ୍ଷାକୁ ବାଧ୍ୟତା ମୂଳକ

1855 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାର ଶିକ୍ଷାବ୍ୟବସ୍ଥାରେ ଓଡ଼ିଆ ଅସ୍ମିତାକୁ ରକ୍ଷା କରିବା ନିମନ୍ତେ ମୂଳଭାଷା ସଂସ୍କୃତ ଓ ବେଦଶିକ୍ଷା ସମସ୍ତ ପ୍ରାଥମିକଠାରୁ ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଛାତ୍ର ଓ ଛାତ୍ରୀଙ୍କୁ ସଂସ୍କୃତ ଓ ବେଦ ଶିକ୍ଷାକୁ ଏକ ବାଧ୍ୟତା ମୂଳକ ବିଷୟ ରୂପେ ଗ୍ରହଣ କରିବା ଆଇନରେ ବ୍ୟବସ୍ଥା କରିବେ କି; ଯଦ୍ୱାରା ଓଡ଼ିଶାର ଛାତ୍ର ଓ ଛାତ୍ରୀମାନେ ଆଧ୍ୟାତ୍ମିକତା, ଆଦର୍ଶ ଓ ସଂସ୍କାରବାଦି ହୋଇ ପାରିବେ ?

----

## ସବୁ ଜିଲ୍ଲାକୁ ଶିଳ୍ପ ସମୃଦ୍ଧି କରିବା

1856 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସବୁଜିଲ୍ଲାକୁ ଶିଳ୍ପସମୃଦ୍ଧ କରିବାକୁ ସରକାରଙ୍କର ଯୋଜନାବଦ୍ଧ କାର୍ଯ୍ୟକ୍ରମ କଣ, ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ଏପର୍ଯ୍ୟନ୍ତ କେଉଁ ଜିଲ୍ଲାମାନେ ଅଗ୍ରଣୀ ଅଛନ୍ତି, ସମତାଭିତ୍ତିକ ବ୍ୟବସ୍ଥା ରୂପାୟନ କରିବାକୁ ଆଉ କେଉଁ ଉପାୟ ଅବଲମ୍ବନ କରାଯିବ ?

----

## ବିଶ୍ୱ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା

1857 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ସବୁ ବିଶ୍ୱ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା କରିବାକୁ ସରକାରଙ୍କର ଯୋଜନାବଦ୍ଧ ବ୍ୟବସ୍ଥା, କାର୍ଯ୍ୟକ୍ରମ ତଥା ରୂପରେଖ କଣ, କେଉଁ ପଦ୍ଧତି ଅବଲମ୍ବନ କରି ସରକାର ବିଶ୍ୱ ବିଦ୍ୟାଳୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଏପରି ବ୍ୟବସ୍ଥା କାର୍ଯ୍ୟକାରୀତା ବର୍ତ୍ତମାନ କେଉଁ ସ୍ତରରେ ?

----

## ବିଦ୍ୟାଳୟରେ କ୍ରୀଡାକୁ ଏକ ବିଷୟ ଭାବେ ପ୍ରଚଳନ

1858 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ତଥା ଉଚ୍ଚ ମାଧ୍ୟମିକ +2 ପର୍ଯ୍ୟନ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡାକୁ ଏକ ବିଷୟ ଭାବରେ ସିଲାବସ୍ ପ୍ରଚଳନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ପାଠ୍ୟଦାନପୂର୍ବକ ସରକାର ନୂଆ କରି ପଦକ୍ଷେପ ନେବେ କି ?

----

## ଯୋଡା ବ୍ଲକରେ ମହା ବିଦ୍ୟାଳୟ ସ୍ଥାପନ

1859 **ଶ୍ରୀ ସନତ କୁମାର ଗଡ଼ତୀୟା (ବିଜେପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ ) ଦେଶ ସ୍ୱାଧିନତାର 77 ବର୍ଷ ପରେ ମଧ୍ୟ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଯୋଡା ବ୍ଲକ ଠାରେ କୌଣସି ଉଚ୍ଚ ଶିକ୍ଷା ବିଦ୍ୟାଳୟ ନାହିଁ, ତାହାକୁ ପୂରଣ କରିବା ପାଇଁ ଚଳିତ ଆର୍ଥିକ ବର୍ଷ 2025-202ରେ ସରକାରଙ୍କ ତରଫରୁ ଉଚ୍ଚ ଶିକ୍ଷା ବିଦ୍ୟାଳୟ ଯୋଡା ବ୍ଲକ ଠାରେ ଖୋଲିବା ପାଇଁ ସରକାର ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରିବେ କି, (ଖ) ଯୋଡା ବ୍ଲକରେ କୌଣସି ମହା ବିଦ୍ୟାଳୟ ନଥିବାରୁ ଶିକ୍ଷା ଦାନରୁ ବଞ୍ଚିତ ହେଉ ଅଛନ୍ତି, ଯୋଡା ବ୍ଲକ ଏକ ଖଣି ବହୁଳ ହୋଇଥିବାରୁ ଦେଶର ବିଭିନ୍ନ ରାଜ୍ୟରୁ ଅନେକ ଲୋକ ଏଠାରେ ଜୀବନ ଜୀବିକା ନିର୍ବାହ କରୁଛନ୍ତି, ଏହାକୁ ଆଖି ଆଗରେ ରଖି ମହାବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ଆବଶ୍ୟକତା ତୁଳନାରେ ଶିକ୍ଷକ ନିଯୁକ୍ତି

1860 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଏବଂ +2 ଉଚ୍ଚ ବିଦ୍ୟାଳୟ ବର୍ତ୍ତମାନ କେତୋଟି ଅଛି, ବ୍ଲକ ୱାରୀ, ପୌର ପରିଷଦ ୱାରୀ ସ୍ଥାପନ ହୋଇଅଛି, ସେହି ଶିକ୍ଷା ଅନୁଷ୍ଠାନରେ ଆବଶ୍ୟକତା ଅନୁସାରେ ଶିକ୍ଷକ ନ ଥିବା କଥା ସତ୍ୟ କି, ଯଦି ସତ୍ୟ ଅଟେ ତାହା ହେଲେ ଉକ୍ତ ପଦବୀ ପୂରଣ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ITDA ମିଳିଥିବା ଅର୍ଥ ଖର୍ଚ୍ଚ ନ ହେବା

1861 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ITDA ରେ କେତେ ଅର୍ଥ କେଉଁ ଯୋଜନାରେ ଖର୍ଚ୍ଚ ହୋଇ ବଳକା ରହିଅଛି ତାହାର ତାଲିକା ପ୍ରଦାନ କରିବା ସହ କାରଣ ଜଣାଇବେ କି, ନବରଙ୍ଗପୁର ITDA ରେ ଖର୍ଚ୍ଚ ନ ହୋଇ ଗଚ୍ଛିତ କେଉଁ ଯୋଜନାରେ କେତେ କି କାରଣ ପାଇଁ ରହିଅଛି ଏବଂ ଏଥିପାଇଁ ଦାୟୀ କିଏ ?

----

## Papadahandi ଠାରେ Degree College ଖୋଲିବା

1862 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୂତନ Govt. Degree College କେତେ ସ୍ଥାନରେ ଖୋଲାଯିବା ପାଇଁ ପ୍ରସ୍ତାବ ରହିଅଛି ତାହାର ତାଲିକା ପ୍ରଦାନ କରିବେ କି, ନବରଙ୍ଗପୁର ଜିଲ୍ଲାରେ Papadahandi ଠାରେ Degree College ଓ B.B. College କୁ govt. College କରିବାକୁ ନିଷ୍ପତ୍ତି ନେବେ କି ?

----

## ଛାତ୍ର/ଛାତ୍ରୀଙ୍କୁ ନିମ୍ନ ମାନର Dress ଯୋଗାଣ

1863 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ (ଏହି) ବିଭାଗୱାରୀ କି କି କାର୍ଯ୍ୟ କରାଯାଇଅଛି ତାହାର ତାଲିକା ପ୍ରଦାନ କରିବେ କି, ପିଲାମାନଙ୍କୁ Dress ପ୍ରଦାନ ପାଇଁ କେଉଁ ସଂସ୍ଥାକୁ ସ୍ୱିକୃତି ପ୍ରଦାନ କରାଯାଇଅଛି କି, Dress ନିମ୍ନମାନର ଯୋଗାଇ ଦିଆଯାଇଥିଲା କି କାର୍ଯ୍ୟାନୁଷ୍ଠାନ ନିଆଯାଇଅଛି, ନବରଙ୍ଗପୁର ଜିଲ୍ଲାରେ ଅତି ନିମ୍ନମାନର dress ବିଭିନ୍ନ ଉଦ୍ୟୋଗୀମାନଙ୍କୁ ଦିଆଯାଇଥିଲା ଏବଂ ସେମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ?

----

## Odisha domicile quota system

1864 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- In some states like Bihar, there is a domicile quota system for the appointment of Assistant Professors in universities, where 85% of the seats are reserved for candidates from that state. Does the Government of Odisha have such a domicile quota system? If not, has the government proposed any special law to safeguard the interests of students from Odisha? If not, what special arrangements is the government considering to protect the interests of Odisha candidates who face unequal competition with candidates from other states?

----

## Shortage of classrooms & teachers in government schools in Balangir

1865 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government has assessed the shortage of classrooms, teachers, and basic facilities in government schools of Balangir district? (b) If so, the details of the deficiencies identified in each block of the district? The steps taken or

proposed by the Government to address these gaps and improve the quality of school education in Balangir district?

----

**Identify and promote sports talent**

1866 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) what steps have been taken by the Government to identify and promote sports talent from rural and tribal areas of the State? (b) whether any special coaching or scholarship programme has been initiated for rural sportspersons?

----

**Government has committed to recruitment teachers**

1867 **Shri Om Prakash Mishra (Satyabadi):**

Will the Minister for **School and Mass Education** be pleased to state that:- The government has committed to recruit 44, 433 teachers over three years (15,000 per year) to meet NEP-2020 requirements. (a) How many teachers have been actually recruited between August 2025 and November 2025 against the target of 15,000 for 2025-26 ? (b) Have all recruitment notifications been issued? If not, what is the timeline for notification release? What is the subject-wise and designation-wise (Primary/Upper Primary/Secondary) breakdown of these 44,433 sanctioned positions? & How many of the 44, 433 positions will be allocated to Puri district and further to Satyabadi/Kanas blocks? & Will the government conduct teacher recruitment before or after the implementation of BSE-CHSE board merger?

----

**Third-highest number of pending UDID**

1868 **Shri Om Prakash Mishra (Satyabadi):**

Will the Minister for **Social Security & Empowerment of Persons with Disabilities** be pleased to state that:- While Odisha has recorded the third-highest number of pending UDID applications in the country (1,78,628 applications as per Ministry of Social Justice and Empowerment data), what concrete timelines have been set by the SSEPD department to clear these backlogs in Satyabadi constituency specifically, what district- wise weekly targets have been established and what will be the mechanism for public

accountability if these targets are not met by December 31, 2025 ?

----

## ମନ୍ଦିର ଉନ୍ନତିକରଣ ପାଇଁ ପଦକ୍ଷେପ

1869 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମନ୍ଦିର ଉନ୍ନତିକରଣ ପ୍ରକ୍ରିୟାରେ ରାଜ୍ୟର ସମୁଦାୟ କେତେ ମନ୍ଦିର ମଧ୍ୟରୁ କେତେ ମନ୍ଦିରକୁ ଅନ୍ତର୍ଭୁକ୍ତ କରାଯାଇଛି, କେତେ ଅର୍ଥ ବ୍ୟୟ କରାଯିବାର ପରିକଳ୍ପନା କରାଯାଇଛି, ଅବଶିଷ୍ଟ କେଉଁ ଜିଲ୍ଲାର କେଉଁ କେଉଁ ମନ୍ଦିରକୁ କେତେ ବ୍ୟୟ ଅଟ୍ଟକଳରେ କେବେସୁଦ୍ଧା ଉନ୍ନତିକରଣ ପ୍ରକ୍ରିୟାରେ ସାମିଲ କରାଯିବ ତାହା ପ୍ରକାଶ କରିବେକି (ଖ) ମନ୍ଦିର ଉନ୍ନତିକରଣ ନିମନ୍ତେ ଅଗ୍ରାଧିକାର କେଉଁ ଭିତ୍ତି ଆଧାରରେ ଚୟନ କରି ଅନୁଧ୍ୟାନ ମଂଜୁର କରାଯାଉଛି?

----

## ଛାତ୍ରଛାତ୍ରୀ ହ୍ରାସ ଯୋଗୁଁ ବିଦ୍ୟାଳୟ ବନ୍ଦ

1870 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଛାତ୍ରଛାତ୍ରୀଙ୍କ ହ୍ରାସ ଯୋଗୁଁ 2024 ଶେଷ ସୁଦ୍ଧା ରାଜ୍ୟର କେତେ ସଂଖ୍ୟକ ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନସୁଦ୍ଧା ବନ୍ଦ ହୋଇରହିଛି, ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଆଖି ଆଗରେ ରଖି ବନ୍ଦ ହୋଇପଡିଥିବା କେତୋଟି ସ୍କୁଲକୁ ସରକାର ଖୋଲିଛନ୍ତି ଏବଂ ଆଉ କେତୋଟି ବିଦ୍ୟାଳୟ ଖୋଲିବା ପାଇଁ ସରକାରଙ୍କ ନିକଟରେ ଆବେଦନ ପଡିରହିଛି ତାହାର ଏକ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେକି?

----

## ନୂତନ ଛାତ୍ରାବାସ ନିର୍ମାଣ

1871 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ବର୍ତ୍ତମାନ କେତେଜଣ ପଛୁଆ ବର୍ଗର ଛାତ୍ରଛାତ୍ରୀ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟଗୁଡିକରେ ଅଧ୍ୟୟନରତ ଅଛନ୍ତି ଏବଂ (ଖ) ପଛୁଆ ବର୍ଗର ଛାତ୍ରଛାତ୍ରୀମାନଙ୍କ ଉଚ୍ଚ ଏବଂ ମାଧ୍ୟମିକ ଶିକ୍ଷା ନିମନ୍ତେ ରହଣି ସୁବିଧା ପାଇଁ ଜିଲ୍ଲାର କେଉଁ କେଉଁ ସ୍ଥାନରେ ହଷ୍ଟେଲ ନିର୍ମାଣ କରାଯାଇଛି, ଉକ୍ତ ହଷ୍ଟେଲରେ କେତେଜଣ ଛାତ୍ରଛାତ୍ରୀ ନିବାସ କରୁଛନ୍ତି, ସିମୁଳିଆ ନିର୍ବାଚନମଣ୍ଡଳୀର କେଉଁ ସ୍ଥାନରେ ହଷ୍ଟେଲ ଅଛି, ଏବଂ ନୂତନ ଛାତ୍ରାବାସ ନିର୍ମାଣ ପାଇଁ ଚଳିତ ବର୍ଷ ପ୍ରସ୍ତାବ ଅଛି କି?

----

## Closed Primary School Building

1872 **Shri Mangu Khilla (Chitrakonda):**

Will the Minister for **School and Mass Education** be pleased to state that:- Is it

true, that the closed Primary School Building of any use to Panchayat or Villager, Will the stake the call for providing the Location of Closed Primary School Building of Chitrakonda Constituency, Block, GP, Village wise with the nature of Use at Community level ?

----

## ବିଦ୍ୟାଳୟର ଶ୍ରେଣୀଗୃହ ନିର୍ମାଣ

1873 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୬୦୦ ରୁ ଅଧିକ ବିଦ୍ୟାର୍ଥି ଅଛନ୍ତି, ଉପଯୁକ୍ତ ଶ୍ରେଣୀଗୃହ ଅଭାବରୁ ପିଲାମାନେ ତଳେ ବସିବାକୁ ବାଧ୍ୟ ହେଉଛନ୍ତି ଓ ଯଥାଚିତ ମଧ୍ୟାହ୍ନ ଭୋଜନ ଖାଇବାପାଇଁ ଅସୁବିଧା ହେଉଛନ୍ତି, ବର୍ତ୍ତମାନ ନିର୍ମାଣଧିନ କେନ୍ଦ୍ରୀୟ ଏକଲବ୍ୟ ବିଦ୍ୟାଳୟ ପରି ଏକ ନୂତନ Integreated multI Storied ବିଦ୍ୟାଳୟ ଗୃହ ନିର୍ମାଣର ପ୍ରସ୍ତାବ ଗ୍ରହଣ କରିବେ କି, (ଖ) ଜିଲ୍ଲାରେ ବନ୍ଦ ହୋଇ ରହିଥିବା ବିଦ୍ୟାଳୟ ଗୁଡ଼ିକର Blook, Gp ଗ୍ରାମ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ପାଟଣା ନିର୍ବାଚନ ମଣ୍ଡଳୀରେ ଫୁଟବଲ ଷ୍ଟାଡିୟମ ପ୍ରତିଷ୍ଠା

1874 **Shri Akhila Chandra Naik (Patna):**

Will the Minister for **Sports & Youth Services** be pleased to state that:- କେନ୍ଦୁଝର ଜିଲ୍ଲାର ପାଟଣା ନିର୍ବାଚନ ମଣ୍ଡଳୀରେ ଅନେକ ପ୍ରତିଭାବାନ ଫୁଟବଲ ଖେଳାଳି ଥିବା ସତ୍ତ୍ୱେ ସେମାନଙ୍କ ପାଇଁ ଷ୍ଟାଡିୟମଟିଏ ନାହିଁ, ତେଣୁ, ଖେଳାଳି ମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ପାଟଣା ନିର୍ବାଚନ ମଣ୍ଡଳୀରେ ଏକ ଫୁଟବଲ ଷ୍ଟାଡିୟମ ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ଗ୍ରହଣ କରିବ କି, କେନ୍ଦୁଝର ଜିଲ୍ଲାରେ କେତୋଟି ନୂଆ ଷ୍ଟାଡିୟମ ପ୍ରତିଷ୍ଠା ହେବାର ଯୋଜନା ରହିଛି ଓ ଏଗୁଡିକ କେଉଁ ଠାରେ ପ୍ରତିଷ୍ଠା ହେବ ?

----

## ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ

1875 **Shri Akhila Chandra Naik (Patna):**

Will the Minister for **Social Security & Empowerment of Persons with Disabilities** be pleased to state that:- କେନ୍ଦୁଝର ଜିଲ୍ଲାରେ ୨୦୨୪ ମସିହା ଏପ୍ରିଲ ମାସରୁ ଏଯାବତ ମଧୁବାବୁ ପେନସନ ଯୋଜନାରେ କେତେ ଜଣ ହିତାଧିକାରୀ ବିଭିନ୍ନ ଭତ୍ତା ପାଇଛନ୍ତି ଓ ଏଥିନିମନ୍ତେ କେତେ ଅର୍ଥ ପ୍ରଦାନ କରାଯାଉଛି ତା'ର ବ୍ଲକୱାରୀ, ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳ ପରିଷଦୱାରୀ ଏବଂ ମାସ ୱାରୀ ତଥ୍ୟ ପ୍ରଦାନ କରିବେ କି, ଭତ୍ତା ପାଉଥିବା ହିତାଧିକାରୀଙ୍କ ମଧ୍ୟରୁ କେତେଜଣଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ପ୍ରେରଣ କରାଯାଉଛି, ଆଗାମୀଦିନରେ ଜିଲ୍ଲାରେ କେତେଜଣ ବ୍ୟକ୍ତି ଭତ୍ତା ପାଇବା ନିମନ୍ତେ ଆବେଦନ କରିଛନ୍ତି ?

----

## ବୈଷୟିକ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଖାଲିଥିବା ପଦବୀ ପୁରଣ

**1876** **Shri Akhila Chandra Naik** (**Patna**)**:**

Will the Minister for **Skill Development & Technical Education** be pleased to state that:- ରାଜ୍ୟର ବିଭିନ୍ନ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅନୁମୋଦିତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ସଂଖ୍ୟା କେତେ, ସେଥିମଧ୍ୟରୁ କେତେ ପଦବୀ ଖାଲି ପଡିଛି ତା'ର ବିଶ୍ୱବିଦ୍ୟାଳୟୱାରୀ/ମହାବିଦ୍ୟାଳୟ ୱାରି ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବା ସହ ଖାଲି ପଡ଼ିଥିବା ପଦବୀ ଗୁଡିକ ପୂରଣ କରିବା ନିମନ୍ତେ ବିଭାଗ ପଦକ୍ଷେପ ଗ୍ରହଣ କରିବ କି ?

----

## ମହାବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ

**1877** **Shri Ashok Kumar Das** (**Basudevpur**)**:**

Will the Minister for **Higher Education** be pleased to state that:- ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଅନୁମୋଦିତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ସଂଖ୍ୟା କେତେ, ସେଥିମଧ୍ୟରୁ କେତେ ପଦବୀ ଖାଲି ପଡିଛି ତା'ର ମହାବିଦ୍ୟାଳୟୱାରୀ ସମ୍ପୂର୍ଣ ତାଲିକା ପ୍ରଦାନ କରିବା ସହ ଖାଲି ପଡ଼ିଥିବା ପଦବୀ ଗୁଡିକ ପୂରଣ କରିବା ନିମନ୍ତେ ବିଭାଗ ପଦକ୍ଷେପ ଗ୍ରହଣ କରିବ କି, ଅବସରପରେ କେଉଁ ମହାବିଦ୍ୟାଳୟରେ କେଉଁମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି ସେମାନଙ୍କର ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି, ପୁନଃନିଯୁକ୍ତି ପ୍ରକ୍ରିୟା ନିମନ୍ତେ ସରକାରଙ୍କ କ'ଣ ନିୟମ ରହିଛି, ଜିଲ୍ଲାର କେଉଁ କେଉଁ ମହାବିଦ୍ୟାଳୟ ଗୁଡିକରେ ସ୍ଥାୟୀ Principal ନିଯୁକ୍ତି ନାହାଁନ୍ତି ତାହାର ମହାବିଦ୍ୟାଳୟ ୱାରି ତଥ୍ୟ ଓ ବିଭାଗ ସ୍ଥାୟୀ Principal ନିଯୁକ୍ତ ପାଇଁ କଣ ଯୋଜନା କରିଛନ୍ତି ଜଣାଇବେ କି, ଚଳିତ ଶିକ୍ଷା ବର୍ଷରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷାରେ କେଉଁ ବିଭାଗରେ କେତେ ଆସନ ଖାଲି ପଡିଛି?

----

## ପଞ୍ଚଶଖା ଶିକ୍ଷା ସେତୁ ସଙ୍ଗଠନର ମୂଳ ଲକ୍ଷ୍ୟ

**1878** **Shri Ashok Kumar Das** (**Basudevpur**)**:**

Will the Minister for **School and Mass Education** be pleased to state that:- ପଞ୍ଚଶଖା ଶିକ୍ଷା ସେତୁ ସଙ୍ଗଠନ ର ମୂଳ ଲକ୍ଷ୍ୟ କଣ, ରାଜ୍ୟ ର ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପଞ୍ଚଶଖା ଶିକ୍ଷା ସେତୁ ଅଧିନରେ କାର୍ଯ୍ୟ କରୁଥିବା MTS ମାନଙ୍କର ବର୍ତ୍ତମାନର ସ୍ଥିତି କଣ, କେଉଁ କାରଣ ଯୋଗୁଁ ରାଜ୍ୟ ର ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ପଞ୍ଚଶଖା ଶିକ୍ଷା ସେତୁ ଅଧିନରେ କାର୍ଯ୍ୟ କରୁଥିବା MTS ମାନଙ୍କର ପୋଷ୍ଟ କୁ Held Up କରାଯାଇଛି, ଏବଂ କେବେ ସୁଦ୍ଧା MTS ମାନଙ୍କୁ କାର୍ଯ୍ୟ କରିବା ପାଇଁ ଅନୁମତି ପ୍ରଦାନ କରିବେ, ପଞ୍ଚଶଖା ଶିକ୍ଷା ସେତୁ ଅଧିନରେ ଭଦ୍ରକ ଜିଲ୍ଲା ରେ ନୂଆ ସରକାର ଆସିବା ଠାରୁ କେଉଁ କେଉଁ କାର୍ଯ୍ୟ କରାଯାଇଛି ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ବନ୍ଦ ହୋଇଥିବା ପୁନର୍ବାର ଖୋଲିବା

**1879** **Shri Uma Charan Mallick (Phulbani):**

Will the Minister for **School and Mass Education** be pleased to state that:- ରାଜ୍ୟରେ ଥିବା ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକ ମଧ୍ୟରୁ କିଛି ବିଦ୍ୟାଳୟର ସମସ୍ତ ଶିକ୍ଷକ ଅବସର ଗ୍ରହଣ କରିସାରିଥିବାରୁ, ଏ ଗୁଡିକ ବନ୍ଦ ହେବା ଅବସ୍ଥାରେ ପହଞ୍ଚି ସାରିଛି, ଏହି ବିଦ୍ୟାଳୟ ଗୁଡିକୁ ଚାଲୁ ରଖିବା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଖାଲିଥିବା ପଦବୀ ପୂରଣ

**1880** **Shri Uma Charan Mallick (Phulbani):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- କନ୍ଧମାଳ ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଗୁଡିକରେ କେତେଜଣ ଶିକ୍ଷକ କାର୍ଯ୍ୟ କରିବା କଥା ଏବଂ ବର୍ତ୍ତମାନ କେତେଜଣ କାର୍ଯ୍ୟ କରୁଛନ୍ତି ଓ କେତେଗୋଟି ପଦବୀ ଖାଲିପଡିଛି, ଖାଲିଥିବା ପଦବୀ ଗୁଡିକ କେବେସୁଦ୍ଧା ପୂରଣ କରାଯିବ ?

----

## ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷକ ତାଲିମ

**1881** **Smt. Subasini Jena (Basta):**

Will the Minister for **School and Mass Education** be pleased to state that:- (କ) ଜାତୀୟ ଶିକ୍ଷା ନୀତି ଅନୁଯାୟୀ ମୌଳିକ ଶିକ୍ଷାଦାନର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଓ ଆମ ରାଜ୍ୟରେ ତାହାକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏପର୍ଯ୍ୟନ୍ତ କେତେଜଣ ଶିକ୍ଷକଙ୍କୁ ଏଥିରେ ତାଲିମ ପ୍ରଦାନ କରାଯାଇଛି ଏବଂ କେତେଜଣ ଶିକ୍ଷକଙ୍କୁ ଏପର୍ଯ୍ୟନ୍ତ ତାଲିମ ଦିଆଯିବାକୁ ବାକି ଅଛି ତାହାର ଜିଲ୍ଲାୱାରୀ ଏକ ତାଲିକା ପ୍ରକାଶ କରିବେ କି ; (ଖ) ସମସ୍ତ ଜିଲ୍ଲାରେ ଜାତୀୟ ଶିକ୍ଷା ନୀତି ସମର୍ଥିତ ତାଲିମ ପରିଚାଳନା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ତାଲିମ ପ୍ରାପ୍ତ ଅଧ୍ୟାପକ ଏବଂ ମାଷ୍ଟର ପ୍ରଶିକ୍ଷକ ଅଛନ୍ତି କି, ଯଦି ନାହାନ୍ତି, ତେବେ ଏ ବାବଦରେ ସରକାରଙ୍କ ପଦକ୍ଷେପ କ'ଣ ଅଟେ, ଏଥିସହିତ NEP ଶୈଳୀରେ ଶିକ୍ଷାଦାନ କରୁଥିବା ଶିକ୍ଷକ ମାନଙ୍କର ନିରନ୍ତର ବୃତ୍ତିଗତ ବିକାଶ ପାଇଁ ସରକାରଙ୍କ ଯୋଜନା ସମ୍ପର୍କରେ ଜଣାଇବେ କି ?

----

## ବାଲେଶ୍ୱର ଜିଲ୍ଲାରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ

**1882** **Smt. Subasini Jena (Basta):**

Will the Minister for **Industries** be pleased to state that:- (କ) ଗତ ଦୁଇବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲା ପାଇଁ କେଉଁ କେଉଁ ନୂତନ ଶିଳ୍ପ ନିବେଶ ପାଇଁ ପ୍ରସ୍ତାବ ମିଳିଛି, ସେଥିରୁ କେତେ ପ୍ରସ୍ତାବ ମଞ୍ଜୁର, ବିଚାରାଧୀନ କିମ୍ବା ପ୍ରତ୍ୟାଖ୍ୟାନ କରାଯାଇଛି ଏବଂ ବିଚାରାଧୀନ ରହିବାର କାରଣ କ'ଣ ଅଟେ ତାହା ଜଣାଇବେ କି, ଏଥିସହିତ ବାଲେଶ୍ୱର ଠାରେ ପ୍ଲାଷ୍ଟିକ, ରାସାୟନିକ ପଦାର୍ଥ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଇଞ୍ଜିନିୟରିଂ ଭଳି କ୍ଷେତ୍ରର ବୃହତ ଶିଳ୍ପକୁ ଆକର୍ଷିତ କରିବା ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଉଛି ; (ଖ) ରାଜ୍ୟ ସରକାର ବାଲେଶ୍ୱରରେ, ବିଶେଷକରି ବସ୍ତା ଓ ବାଲିଆପାଳ ଅଞ୍ଚଳରେ କୌଣସି ନୂତନ ଶିଳ୍ପ ଇଷ୍ଟେଟ୍ ନିର୍ମାଣ ପାଇଁ ଯୋଜନା କରୁଛନ୍ତି କି ?

----

**Provided the district-wise RTE 25% Quota Enrollment**

**1883 Shri Sarada Prasad Nayak (Rourkela):**

Will the Minister for **School and Mass Education** be pleased to state that:- The district-wise RTE 25% quota enrollment details for Sundargarh district, including a separate list for Rourkela city showing how many EWS students applied, were allotted seats, and actually enrolled during the academic year 2025-26 ?

----

**Appointment of Regular Vice-Chancellor**

**1884 Shri Sarada Prasad Nayak (Rourkela):**

Will the Minister for **Higher Education** be pleased to state that:- The present status of regular Vice-Chancellor appointments in state universities, particularly Utkal University, Ravenshaw University, Sambalpur University, Fakir Mohan University, Odia University and Khallikote University and the reasons for prolonged functioning without regular Vice-Chancellors in these institutions, date on which each VC post fell vacant, whether acting/adhoc arrangements are currently in place, expected timeline for regular appointment ?

----

**Preparation of Final Panel Vice-Chancellor**

**1885 Shri Sarada Prasad Nayak (Rourkela):**

Will the Minister for **Higher Education** be pleased to state that:- The exact procedure currently being followed by the Higher Education Department and the Office of the Chancellor for appointment of Vice-Chancellors in state universities, specify the process of advertisement and inviting application,

composition of the Search-cum-Selection Committee, stages of scrutiny, interview and preparation of the final panel, whether any reforms or updated guidelines have been issued after 2024-25 along with what special in Odia University ?

----

## ଶିଳ୍ପ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା

1886 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡାରେ ମିତ୍ତଲ ଶିଳ୍ପଗୋଷ୍ଠି ଓ ଜାପାନର ନିପ୍ପନ ଷ୍ଟିଲ ଏବଂ ଜଗସିଂହପୁର ଜିଲ୍ଲା ପାରାଦ୍ୱୀପ ନିକଟରେ JSW ଶିଳ୍ପ ଗୋଷ୍ଠି ଯେଉଁ ଇସ୍ପାତ ଦ୍ୱୟ ପ୍ରତିଷ୍ଠା କରିବା କଥା ତାହା ଉଭୟ କମ୍ପାନୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ନିକଟରେ ଇସ୍ପାତ ପ୍ରକଳ୍ପ ସ୍ଥାପନ କରିବାକୁ ସେଠାକାର ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ କ୍ରମେ ଯାଉଥିବାରୁ ବାଧାପ୍ରାପ୍ତ କିମ୍ବା ବିଳମ୍ବିତ ହୋଇପାରେ କି ଯଦି ଏହିଭଳି ଆଶଙ୍କା କରୁନାହାନ୍ତି ତେବେ ଓଡିଶାରେ 2ଟି ପ୍ରକଳ୍ପ କାମ କେବେ ଆରମ୍ଭ ହୋଇ କେବେ ଶେଷ ହେବ ଏବଂ ସେହି କମ୍ପାନୀ ଦ୍ୱୟ କେତେ ଅର୍ଥ ଖର୍ଚ୍ଚ କରିସାରିଲେଣି, ଉଭୟ ପ୍ରକଳ୍ପର ଉତ୍ପାଦନ କ୍ଷମତା ଓ ବ୍ୟୟ ଅଟକଳ ଜଣାଇବେ କି ?

----

## ଛାତ୍ର/ଛାତ୍ରୀ ଙ୍କୁ ସରକାରୀ ସ୍କୁଲକୁ ପଢିବା ପାଇଁ ଆକର୍ଷିତ କରିବା

1887 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ସରକାରୀ ଓ ଘରୋଇ ସ୍କୁଲ ଚାଲୁଛି ଓ ସେସବୁର ଯଥା କ୍ରମେ କେତେ ଲେଖାଏଁ ଛାତ୍ର/ଛାତ୍ରୀ ପଢୁଛନ୍ତି ଏବଂ ସେମାନଙ୍କର ଚଳିତ ଶିକ୍ଷା ବର୍ଷରେ ଛାତ୍ର/ଛାତ୍ରୀ ସଂଖ୍ୟା ବୃଦ୍ଧି ହାର କେତେ ଓ ପୂର୍ବ ତିନି ବର୍ଷରେ ଏହି ବୃଦ୍ଧି ହାର କେତେ ଥିଲା ଛାତ୍ର/ଛାତ୍ରୀ ଙ୍କୁ ସ୍କୁଲକୁ ଆକର୍ଷିତ କରିବା ପାଇଁ ଚାହିଁଛନ୍ତି କି ଓ ଉତ୍ତର ହଁ ହୋଇଥିଲେ ଏଥିଲାଗି କି ପଦକ୍ଷେପ ନେଉଛନ୍ତି ?

----

## ପ୍ରତି ଜିଲ୍ଲାରେ ଶିଳ୍ପାୟନ ପାଇଁ ପଦକ୍ଷେପ

1888 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ନୂଆ ଶିଳ୍ପ ନୀତି କ'ଣ ଅଛି, ପ୍ରତି ଜିଲ୍ଲାରେ ଶିଳ୍ପାୟନ ପାଇଁ ସରକାରଙ୍କର ସ୍ୱତନ୍ତ୍ର ପଦକ୍ଷେପ କ'ଣ, ରାଜ୍ୟକୁ Agro based Industries କରିବା ପାଇଁ ପୁଞ୍ଜି ବିନିଯୋଗ ପାଇଁ ବଡ ବଡ ଶିଳ୍ପପତିଙ୍କୁ ଆମନ୍ତ୍ରଣ କରିବେ କି, ଅଧୁନା ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କି କି ଭାରୀ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର କେଉଁ କେଉଁ ସଂସ୍ଥା ସହିତ କେତେ ପୁଞ୍ଜି ବିନିଯୋଗ ଓ କେତେ ଓଡିଆ ପିଲାଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ MOU କରିଛନ୍ତି ?

----

## ଖାଲିଥିବା Vice-Chancellor ପଦବୀ ପୂରଣ ପାଇଁ ପଦକ୍ଷେପ

1889 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ବିଶ୍ୱବିଦ୍ୟାଳୟରେ Vice Chancellor Post ଖାଲିଅଛି ଓ ଆଗାମୀ 3 ମାସ ମଧ୍ୟରେ କେଉଁ କେଉଁ ବିଶ୍ୱବିଦ୍ୟାଳୟରେ Vice Chancellor ଙ୍କ କାର୍ଯ୍ୟକାଳ ପୂରଣ ହେବାକୁ ଯାଉଛି ସେସବୁ ସ୍ଥାନରେ ନୂତନ Vice Chancellor ନିଯୁକ୍ତି ଦେବା ପାଇଁ କଣ ପଦକ୍ଷେପ ନେଇଛନ୍ତି ସେହିପରି କେତେଟା ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ପଦ ଖାଲିଅଛି Caretaker ଅଧ୍ୟକ୍ଷ ବା Incharge ଅଧକ୍ଷ ମାନେ କାମ ଚଳାଉଛନ୍ତି ଅଧ୍ୟକ୍ଷ ପଦ ପୁରଣ ପାଇଁ ପଦକ୍ଷେପ ନେବେ କି ସେହିପରି ସମସ୍ତ ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ କେତୋଟି ଅଧ୍ୟାପକ ପଦ କେଉଁ କେଉଁ ବିଷୟରେ କେତେ ଅଧ୍ୟାପକ ପଦ ଖାଲିଅଛି ?

----

## ଆଦିମ ଜନଜାତି ଲୋକଙ୍କର ସାମଗ୍ରିକ ବିକାଶ

1890 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ବର୍ଗର କେତେ ଆପଦଗ୍ରସ୍ତ ଜନଜାତି ଅଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଙ୍ଗଲ ପାହାଡରେ ବସବାସ କରୁଛନ୍ତି, ଆଦିମ ଜନଜାତି ଲୋକଙ୍କର ସାମଗ୍ରିକ ବିକାଶ ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି, ବଡ ବଡ ପୁଞ୍ଜିପତି ମାନେ ବିକାଶ ନାମରେ ଆଦିବାସୀଙ୍କ ଜଙ୍ଗଲ ପାହାଡ ନଷ୍ଟ କରି ସେମାନଙ୍କ ଭିଟାମାଟିରୁ ତଡିବା ପାଇଁ ଅହରହ ଉଦ୍ୟମ କରିଆସୁଥିବା ବେଳେ ସରକାର ସେହିଭଳି ଆଦିବାସୀଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବାପାଇଁ ପଦକ୍ଷେପ ନେବେ କି ?

----

## ରାଗିଙ୍ଗ ରୋକିବା ପାଇଁ ପଦକ୍ଷେପ

1891 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ 16 ମାସ ମଧ୍ୟରେ ସମସ୍ତ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ, ମେଡିକାଲ ଆଦି ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ କେତେ ରାଗିଙ୍ଗ୍ କରିବା ଛାତ୍ର, ଛାତ୍ରୀ ମାନଙ୍କୁ କଣ ଦଣ୍ଡ ମିଳିଛି କେଲେଜ ୱାରୀ ତଥ୍ୟ ପ୍ରଦାନ କରିବେ କି, ରାଗିଙ୍ଗ୍ ରୋକିବା ପାଇଁ କଣ ସବୁ ପଦକ୍ଷେପ ନେଇଛନ୍ତି, (ଖ) ଅନ୍ୟ ରାଜ୍ୟମାନଙ୍କରେ ଲାଗୁଥିବା "Ragging Prevention Act" ଓଡିଶାରେ ଲାଗୁ କରାଇବା ପାଇଁ ଚିନ୍ତା କରୁଛନ୍ତି କି ଯଦି ହଁ ହୁଏ ତେବେ କେବେ କାର୍ଯ୍ୟକାରୀ ହେବ ?

----

## ବିଦ୍ୟାଳୟରେ ଦିଆଯାଉଥିବା MDMର ମାନ ଯାଞ୍ଚ

1892 **Shri Madhab Dhada (Soro):**

Will the Minister for **School and Mass Education** be pleased to state that:- (କ) ରାଜ୍ୟରେ ପ୍ରତି ବିଦ୍ୟାଳୟ ଗୁଡିକରେ ପ୍ରଥମରୁ 10ମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ PM-POSHAN ଓ MM-POSHAN କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟାହ୍ନ ଭୋଜନ ଦେବାର ବ୍ୟବସ୍ଥା ଅଛି ମାତ୍ର ବିଦ୍ୟାଳୟ ଗୁଡିକରେ ପିଲାମାନେ ଅପରିଷ୍କାର ଓ ଅସୁରକ୍ଷିତ ପରିବେଶରେ ବସି ଭୋଜନ କରୁଥିବାର ବିଷୟ ବିଭାଗ ଅବଗତ ଅଛି କି ; ଯଦି ହଁ ତେବେ ଏ ବାବଦରେ ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ନେବେ କି ଏବଂ ସୋରୋ ନିର୍ବାଚନ ମଣ୍ଡଳୀରେ MDM ରେ ବ୍ୟବହାର କରାଯାଉଥିବା ଚାଉଳର ମାନ ନିମ୍ନ ମାନର ଏବଂ ବସ୍ତାର ଓଜନ କମର ଖବର ବିଭାଗ ନଜରରେ ଅଛି କି ; ଯଦି ହଁ ତେବେ ବିଭାଗ ଉକ୍ତ ଘଟଣା ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଅଛି ଓ ଦୁଇ ଗୋଟି ବ୍ଲକ ଥିବା ଗୋଷ୍ଠୀ ଶିକ୍ଷାଧିକାରୀ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇଛନ୍ତି କି ଯଦି ନାଁ ତେବେ BEO ନଜଣାଇବାର କାରଣ କଣ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ 1 ବର୍ଷ ମଧ୍ୟରେ କେତେ ବିଦ୍ୟାଳୟର MDM ର ମାନ ଯାଞ୍ଚ କରିଛନ୍ତି ?

----

## ପାଟିମୁଣ୍ଡା ସଂସ୍କୃତ ମହାବିଦ୍ୟାଳୟର ମାନ୍ୟତା ଯାଞ୍ଚ

**1893** **Shri Madhab Dhada (Soro):**

Will the Minister for **Higher Education** be pleased to state that:- (କ) ସୋରୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାହାନଗା ବ୍ଲକର ପାଟିମୁଣ୍ଡାରେ ଚାଲୁଥିବା ସଂସ୍କୃତ ମହାବିଦ୍ୟାଳୟ ପାଠ ପଢାରେ ହେଉଥିବା ଚରମ ଅବ୍ୟବସ୍ଥା ସହିତ ସବୁବେଳେ ଚାବି ପଡି ରହୁଥିବା ଓ ଉକ୍ତ ମହାବିଦ୍ୟାଳୟକୁ ରୋଜଗାର ସଦୃଶ ବ୍ୟବହାର କରିବା ବିଷୟରେ ସରକାର ଅବଗତ ଅଛନ୍ତି କି ; ଯଦି ହଁ, ଜନସାଧାରଣ Regional Director, Balasore ବିଭାଗୀୟ ସଚିବଙ୍କୁ ଅଭିଯୋଗ ପରେ ବି ଆଜି ପର୍ଯ୍ୟନ୍ତ ଏ ବିଷୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାର କାରଣ କଣ ; (ଖ) ଉକ୍ତ ସଂସ୍କୃତ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଶିକ୍ଷାଗତ ଯୋଗ୍ୟତାର ସମସ୍ତ ତଥ୍ୟ ପୁରୀ ଜଗନ୍ନାଥ ସଂସ୍କୃତି ମହାବିଦ୍ୟାଳୟର ଉଚ୍ଚ ସ୍ତରୀୟ ଟିମ ଦ୍ୱାରା ତଦନ୍ତ କରିବା ପାଇଁ ବିଭାଗ ପଦକ୍ଷେପ ଗ୍ରହଣ କରିବେ କି ; ଉକ୍ତ ଅନୁଷ୍ଠାନ ଦ୍ୱାରା ଶୋଷଣ ହୋଇଥିବା ଛାତ୍ର ଓ ଛାତ୍ରୀ କିପରି ନ୍ୟାୟ ପାଇପାରିବେ ସେ ଦିଗରେ ବିଭାଗ ପଦକ୍ଷେପ ଗ୍ରହଣ କରିବେ କି ଓ ସଂସ୍କୃତ ବିଶ୍ୱବିଦ୍ୟାଳୟର ମାନ୍ୟତାର ଯାଞ୍ଚ ପାଇଁ ପଦକ୍ଷେପ ଗ୍ରହଣ କରିବେ କି?

----

## ବୈଷୟିକ ଶିକ୍ଷାନୁଷ୍ଠାନରେ ଖାଲିଥିବା ପଦବୀ ପୂରଣ

**1894** **Miss Sanjali Murmu (Bangriposi):**

Will the Minister for **Skill Development & Technical Education** be pleased to

state that:- ରାଜ୍ୟରେ ସମୁଦାୟ କେତୋଟି ସରକାରୀ ଓ ବେସରକାରୀ ITI, Poly-Technic, Degree Engineering College ଅଛି ଓ ସେଥିରେ କେଉଁ କେଉଁ ବିଷୟରେ ଅଧ୍ୟୟନ କରାଯାଉଛି category wise intake capacity କେତେ ; ଗତ 3 ବର୍ଷରେ ଉକ୍ତ ବୈଷୟିକ ଶିକ୍ଷାନୁଷ୍ଠାନରେ କେତେ ଖାଲି ପଡିଛି ତାହା ପୂରଣ ପାଇଁ ସରକାରଙ୍କର ଚିନ୍ତାଧାରା କଣ ; ଏହି ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କର ଭିତ୍ତିଭୂମି ନିର୍ମାଣରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ଓ କେତେ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ନିଯୁକ୍ତି ଦିଆଯାଇଛି ତାର କୌଣସି survey ହୋଇଛି କି ; AICTE, University, State Council, Govt ମଧ୍ୟରେ ସମନ୍ୱୟର ଅଭାବ ପରିଲକ୍ଷିତ ହେଉଛି କି?

----

## ଭିନ୍ନକ୍ଷମମାନଙ୍କୁ ସଶକ୍ତିକରଣ କରିବା

**1895 Miss Sanjali Murmu (Bangriposi):**

Will the Minister for **Social Security & Empowerment of Persons with Disabilities** be pleased to state that:- (କ) ରାଜ୍ୟରେ ଭିନ୍ନକ୍ଷମ ମାନଙ୍କୁ ସଶକ୍ତିକରଣ କରିବା ପାଇଁ Subsidy ସହିତ Loan ଦିଆଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଅନ୍ନପୂର୍ଣ୍ଣା କିମ୍ବା ଅନ୍ତୋଦୟ ଯୋଜନାରେ ସାମିଲ କରି ପ୍ରତି ମାସରେ 35 KG ଚାଉଳ ଯୋଗାଇ ଦେଇ ସେମାନଙ୍କର ଆର୍ଥିକ ବିକାଶ ଅଭିବୃଦ୍ଧି କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରିବେ କି ; (ଖ) Tri-Cycle ଚଳାଇବା ଅତ୍ୟନ୍ତ କଷ୍ଟସାଧ୍ୟ ହେଉଥିବାରୁ ଗୋଡ ଦୁର୍ବଳ ଥିବା ଭିନ୍ନକ୍ଷମମାନଙ୍କୁ ବ୍ୟାଟେରୀ ଚାଳିକ Tri-Cycle ଯୋଗାଇଦେବା ପାଇଁ ବ୍ୟବସ୍ଥା କରିବେ କି?

----

## ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାର ଗୁଣବତ୍ତା ହ୍ରାସ

**1896 ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ (ଭଞ୍ଜନଗର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍କୁଲରେ ବହୁ ସଂଖ୍ୟକ ଶିକ୍ଷକ ପଦବୀ ଖାଲିପଡିଛି ଏବଂ ଏଥିପାଇଁ ଗରିବ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣବତ୍ତା ହ୍ରାସ ପାଉଛି ; ତେବେ ସ୍କୁଲଗୁଡିକରେ ଶିକ୍ଷକ ଅଭାବ ଦୂର କରିବା ପାଇଁ ଆପଣଙ୍କ ବିଭାଗ କଣ ପଦକ୍ଷେପ ନେଉଛି ଏବଂ ଏହା କେବେ ସମାଧାନ ହେବ?

----

## କଲେଜରେ ଖାଲିଥିବା ଅଧ୍ୟାପକ ପଦବୀ

**1897 ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ (ଭଞ୍ଜନଗର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ କଲେଜରେ ବହୁ ସଂଖ୍ୟକ ଅଧ୍ୟାପକ ପଦବୀ ଖାଲିପଡିଛି ଏବଂ ଏଥିପାଇଁ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଗୁଣବତ୍ତା ହ୍ରାସ ପାଉଛି ; ତେବେ କଲେଜ ଗୁଡିକରେ ଅଧ୍ୟାପକ ଅଭାବ ଦୂର କରିବା ପାଇଁ ଆପଣଙ୍କ ବିଭାଗ କଣ ପଦକ୍ଷେପ ନେଉଛି ଏବଂ ଏହା କେବେ ସମାଧାନ ହେବ?

----

## ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମରେ ବାହାର କମ୍ପାନୀକୁ ନିମନ୍ତ୍ରଣ

**୧୮୯୮ ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 'ଉତ୍କର୍ଷ ଓଡିଶା' କାର୍ଯ୍ୟକ୍ରମରେ ରାଜ୍ୟ ସରକାର (ବିଗତ 17 ମାସ ମଧ୍ୟରେ) କେତେ କମ୍ପାନୀକୁ ନିମନ୍ତ୍ରଣ କରିଥିଲେ, ସେଥିରୁ କେତୋଟି କମ୍ପାନୀ ଯୋଗ ଦେଇଥିଲେ, କେତୋଟି କମ୍ପାନୀ MOU ସ୍ୱାକ୍ଷର କରିଥିଲେ ଏବଂ କେତେ ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ ; ସେଥିମଧ୍ୟରୁ ଏଯାଏ କେତୋଟି କମ୍ପାନୀ ଶିଳାନ୍ୟାସ କରି କାର୍ଯ୍ୟ ଆରମ୍ଭ କଲେଣି ଏବଂ କେତେଜଣଙ୍କୁ ନିଯୁକ୍ତି ପ୍ରଦାନ କଲେଣି ତାହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି?

----

## ଛାତ୍ର ବୃତ୍ତି ପ୍ରଦାନ

**୧୮୯୯ ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୩-୨୪ ଶିକ୍ଷା ବର୍ଷରେ ରାଜ୍ୟର ବିଭିନ୍ନ ସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢୁଥିବା କେତେ ଜଣ ପିଲା ଛାତ୍ର ବୃତ୍ତି ପାଉଥିଲେ, ୨୦୨୪-୨୫ ଏବଂ ୨୦୨୫-୨୬ ଶିକ୍ଷା ବର୍ଷରେ କେତେ ଜଣ ପିଲା ଛାତ୍ର ବୃତ୍ତି ପାଉଛନ୍ତି ?

----

## ବ୍ଲକରେ ମିନି ଷ୍ଟାଡିୟମ୍ ନିର୍ମାଣ

**1900 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ ବର୍ଷରେ ରାଜ୍ୟର କେଉଁ କେଉଁ ବ୍ଲକରେ ବ୍ଲକ୍ ସ୍ତରୀୟ ମିନି ଷ୍ଟାଡିୟମ୍ ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ଏବଂ କେତେ ଅର୍ଥ ବରାଦ କରାଯାଇଅଛି, ଅବଶିଷ୍ଟ ବ୍ଲକ୍ ଗୁଡିକରେ ଏହି ଷ୍ଟାଡିୟମ୍ କେବେ ସୁଦ୍ଧା ନିର୍ମାଣ କରାଯିବ ?

----

## ଗୋଦାବରୀଶ ଆଦର୍ଶ ବିଦ୍ୟାଳୟର ସ୍ଥିତି

**1901 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗୋଦାବରୀସ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମର ଅଗ୍ରଗତିର ସ୍ଥିତି କ'ଣ, ଅଦ୍ୟାବଧି କେତୋଟି ବିଦ୍ୟାଳୟକୁ ଚୟନ କରାଯାଇ କେତେ ଲେଖାଏଁ ଅର୍ଥ ଦିଆଯାଇଛି, ଉକ୍ତ କାର୍ଯ୍ୟକ୍ରମରେ ବିଳମ୍ବ ହେବାର କାରଣ କ'ଣ, କଳାହାଣ୍ଡି ଜିଲ୍ଲାର ଉକ୍ତ କାର୍ଯ୍ୟାଳୟରେ ସାମିଲ କରାଯାଇଥିବା ବିଦ୍ୟାଳୟ ଗୁଡିକର ଅଗ୍ରଗତିର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ବ୍ଲକଗ୍ରାଣ୍ଟ ସ୍କୁଲ ଗୁଡିକ ସରକାରୀ ସ୍କୁଲ ସହ ମିଶ୍ରଣ

1902 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଯେଉଁ ବ୍ଲକଗ୍ରାଣ୍ଟ ସ୍କୁଲଗୁଡିକରେ Single ବା Double Teacher ଅଛନ୍ତି, ସେହି ସ୍କୁଲଗୁଡିକୁ ସେଠାରେ ଥିବା ସରକାରୀ ସ୍କୁଲ ସହ ମିଶ୍ରଣ କରିବା ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ?

----

## ଶିକ୍ଷକ ନିଯୁକ୍ତି ପୁର୍ବରୁ OTET ପରୀକ୍ଷା ବାଧ୍ୟତା ମୂଳକ

1903 **Shri Ashrit Pattanayak (Pipili):**

Will the Minister for **School and Mass Education** be pleased to state that:- ଗତ ସରକାର ଉଦ୍ଦେଶ୍ୟ ମୂଳକ ଭାବେ ଶିକ୍ଷକ ନିଯୁକ୍ତି ପୁର୍ବରୁ ବାଧ୍ୟତା ମୂଳକ ଓ ଟି ଇ ଟି-୨୦୧୨ ପରୀକ୍ଷା ନକରି ନିଯୁକ୍ତି ପରେ ସର୍ତ୍ତାନୁସାରେ, ଓ ଟି ଇ ଟି- ୨୦୧୨ ପରିକ୍ଷାରେ ଫେଲ ହୋଇଥିବା ୫୨୦୦ ଶିକ୍ଷା ସହାୟକଙ୍କ ସରକାର ବହିଷ୍କାର କରିବା ପରିବର୍ତ୍ତେ ସେମାନଙ୍କ ପ୍ରତି ସର୍ତ୍ତ କୋହଳ କରି, ନିଜ ଜିଲ୍ଲାରେ ନିୟମିତ କରିପାରୁଥିବାବେଳେ, ନିଯୁକ୍ତି ପୁର୍ବରୁ ଓ ଟି ଇ ଟି-୨୦୧୨ ପରିକ୍ଷା ନ ହେବାଯୋଗୁ ଉପକୂଳ ଜିଲ୍ଲାର ପ୍ରାର୍ଥୀ ଯେଉଁମାନେ କେବିକେ ଜିଲ୍ଲାରେ ନିଯୁକ୍ତି ପାଇ ଓ ଟି ଇ ଟ-୨୦୧୨ ପରିକ୍ଷାରେ ପାସ କରିଛନ୍ତି ସେମାନଙ୍କୁ ନିଜ ଜିଲ୍ଲାକୁ ବଦଳି ପାଇଁ ବଦଳୀ ମାର୍ଗଦର୍ଶିକା(ଟ୍ରାନ୍ସଫର ଗାଇଡି ଲାଇନ) ରେ ସଂଯୋଗ କରି, ସରକାର ନୀତିର ସୁଧାର ଆଣିବା ପାଇଁ ପଦକ୍ଷେପ ନେବେ କି ?

----

## ପଞ୍ଚାୟତରେ ହାଇସ୍କୁଲ ନଥିବା

1904 **Shri Pabitra Saunta (Laxmipur):**

Will the Minister for **School and Mass Education** be pleased to state that:- (କ) କୋରାପୁଟ ଜିଲ୍ଲାରେ କେତେଗୋଟି ପଞ୍ଚାୟତରେ High School ନାହିଁ ବ୍ଲକୱାରୀ ପଞ୍ଚାୟତର ନାମ ସହ ଗୋଟିଏ ତାଲିକା ପ୍ରଦାନ କରିବେ କି, High School ନ ଥିବା ପଞ୍ଚାୟତମାନଙ୍କରେ Upper Primary School କୁ Upgrade କରି 9th ଏବଂ 10th Class ଖୋଲିବାର ବ୍ୟବସ୍ଥା କରିବେ କି, (ଖ) ସମଗ୍ର ଓଡିଶା ରେ କେତେ ଗୁଡିଏ ବ୍ଲକ ଗ୍ରାଣ୍ଡ ସ୍କୁଲ ରହିଛି, କୋରାପୁଟ ଜିଲ୍ଲାରେ ଥିବା ବ୍ଲକ ଗ୍ରାଣ୍ଟ ସ୍କୁଲର ତାଲିକା ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି, ସମଗ୍ର ଓଡ଼ିଶାରେ ଥିବା ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ କୁ ଆଖି ଆଗରେ ରଖି ନିଜ ଅଧୀନକୁ ନେଇ ସରକାରୀ ବିଦ୍ୟାଳୟ ମାନଙ୍କରେ ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ହଷ୍ଟେଲ ସୁବିଧା ଓ ବିଦ୍ୟାଳୟ ମାନଙ୍କରେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ପ୍ରଦାନ କରିବେ କି ?

----

## ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ

1905 **Shri Pabitra Saunta (Laxmipur):**

Will the Minister for **School and Mass Education** be pleased to state that:- (କ) ସମଗ୍ର ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ମଞ୍ଜୁରୀ ପ୍ରାପ୍ତ ଶିକ୍ଷକ ପଦବୀ ସଂଖ୍ୟା ସେତେ ଏବଂ ବର୍ତ୍ତମାନ କେତେ ଜଣ ନିୟମିତ ଶିକ୍ଷକ ଶିକ୍ଷାଦାନ କରୁଅଛନ୍ତି ଓ କେତେ guest faculty ଶିକ୍ଷା ଦାନ କରୁଛନ୍ତି ତାର ଜିଲ୍ଲାସ୍ତରୀ ସବିଶେଷ ବିବରଣୀ ପ୍ରଦାନ କରିବେ କି, ଏବଂ ଏ ସବୁ ବାଦେ କେତେ ସଂଖ୍ୟକ ଶିକ୍ଷକ ପଦବୀ ଦୀର୍ଘ ଦିନରୁ ଖାଲି ପଡ଼ି ଅଛି, (ଖ) ଠିକ ସେହିଭଳି ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଚାରି ଗୋଟି ବ୍ଲକର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ମଞ୍ଜୁରୀ ପ୍ରାପ୍ତ ଶିକ୍ଷକ ପଦବୀ ସଂଖ୍ୟା କେତେ ଏବଂ ବର୍ତ୍ତମାନ କେତେ ଜଣ ଶିକ୍ଷକ ଶିକ୍ଷାଦାନ କରୁଅଛନ୍ତି ଓ କେତେ ସଂଖ୍ୟକ ଶିକ୍ଷକ ପଦବୀ ଖାଲି ପଡି ଅଛି, ଉପରୋକ୍ତ ଚାରୀଟି ବ୍ଲକର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଖାଲି ପଡିଥିବା ଶିକ୍ଷକ ପଦବୀ କେବେ ସୁଦ୍ଧା ସରକାର ପୂରଣ କରିବେ ?

----

**MLA Recommend up to 15 in the dist Transfer of teacher**

1906 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- As Per Government Letter No. 13414/SME Dated 13.05.2025, The Department Has Permitted Hon'ble MPS/MLAS To Recommend Up To Fifteen (15) Most Deserving Cases Of Intra-District Transfer Of Teachers, During The Current Transfer Session Whether The Department Is Aware That, In Pursuance Of The Above Letter, The Undersigned MLA, Vide Letter No. 3011/25 Dated 15.06.2025, Had Recommended Certain Teachers' Transfers From Gajapati District, And That A Reminder Regarding The Same Was Sent To The DEO Vide Letter No. 4033/25 Dated 25.10.2025, Whether It Is A Fact That Similar MLA-Recommended Transfers Have Already Been Implemented In Several Other Districts, Whereas The Said Transfers In Gajapati District Have Not Yet Been Implemented What Are The Reasons For The Delay In Implementing The Teachers' Transfer Orders In Gajapati District? What Specific Steps The Department Has Taken Or Proposes To Take To Ensure Early Disposal And Implementation Of The MLA-Recommended Transfers In Gajapati District As Per The Said Government Letter ?

----

**Sanction of Widow Pension**

1907 **Shri Rupesh Kumar Panigrahi (Paralakhemundi):**

Will the Minister for **Social Security & Empowerment of Persons with Disabilities** be pleased to state that:- Whether The Department Is Aware That A Large Number Of Eligible Widow, Unmarried And Destitute Women Residing

In Our Backward District Of Gajapati Have Not Yet Been Sanctioned Monthly Assistance Under The Social Security Pension Schemes, And What Steps The Government Is Taking To Ensure That All Eligible Poor And Vulnerable Women Receive Their Entitled Monthly Assistance Of 1000 To 3500 At The Earliest ?

----

## ଖାଲିଥିବା ଉପନିର୍ଦ୍ଦେଶକ, ପ୍ରକଳ୍ପ ପ୍ରଶାସକ, ITDA ଜିଲ୍ଲା ମଙ୍ଗଳ ଅଧିକାରୀ ପଦବୀ

1908 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନରେ ବିଭିନ୍ନ ପ୍ରଶାସନିକ ପଦବୀ ଖାଲିପଡିଥିବା ଯୋଗୁଁ ଉକ୍ତ ଜନସାଧାରଣମାନଙ୍କ ପାଇଁ ଉଦ୍ଦିଷ୍ଟ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି ହଁ ତେବେ ଅତିରିକ୍ତ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ପ୍ରକଳ୍ପ ପ୍ରଶାସକ, ITDA ଜିଲ୍ଲା ମଙ୍ଗଳ ଅଧିକାରୀ ଓ ସେହିଭଳି କେତେ ପଦବୀ ଖାଲିପଡିଛି ତାର ଏକ ସଂପୂର୍ଣ୍ଣ ତାଲିକା ଦେବା ସହିତ ଏଗୁଡିକ କେବେସୁଦ୍ଧା ପୂରଣ ହେବ?

----

## ସୁନ୍ଦରଗଡ଼ ଜିଲ୍ଲାରେ ଆଦିବାସୀ ବିଦ୍ୟାଳୟ ସ୍ଥାପନ

1909 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସୁନ୍ଦରଗଡ଼ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା ଏବଂ ଖଣି ବହୁଳ ଜିଲ୍ଲା ହୋଇଥିବାରୁ ଏଠାରେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆଦିବାସୀ ବିଶ୍ୱବିଦ୍ୟାଳୟ ( Tribal University ) ସ୍ଥାପନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଏକ ପ୍ରସ୍ତାବ ଦେବେ କି ?

----

## ସ୍ୱତନ୍ତ୍ର ଶିକ୍ଷା ଶିକ୍ଷକ ପୂରଣ

1910 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଭିନ୍ନକ୍ଷମ ଅନ୍ତର୍ନିବେଶି ଶିକ୍ଷା ସ୍ୱେଚ୍ଛାସେବୀ 2010 ମସିହାରୁ ନିରବଚ୍ଛିନ୍ନ ଭାବେ ଗ୍ରାମାଞ୍ଚଳ ସ୍ତରରେ କାର୍ଯ୍ୟ କରି ଆସୁଛନ୍ତି ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ସ୍ୱତନ୍ତ୍ର ଶିକ୍ଷା ଶିକ୍ଷକ ପୂରଣ ଦିଗରେ ଭିନ୍ନକ୍ଷମ ଅନ୍ତର୍ନିବେଶି ଶିକ୍ଷା ସ୍ୱେଚ୍ଛାସେବୀଙ୍କ ପାଇଁ କୌଣସି ସୁବିଧା ଅଛି କି ; (ଖ) ସେମାନଙ୍କୁ ଅଭିଜ୍ଞତା ଭିତ୍ତିରେ ସୁଯୋଗ ଦିଆଗଲେ ରାଜ୍ୟରେ 1085 କାର୍ଯ୍ୟରତ ସ୍ୱେଚ୍ଛାସେବୀ ଉପକୃତ ହୁଅନ୍ତେ ?

----

## କୃଷି ଉଦ୍ୟୋଗ ସ୍ଥାପନ

1911 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲାରେ କେତେଗୋଟି କୃଷି ଉଦ୍ୟୋଗ (Agro Enterprise) ସ୍ଥାପନ ହୋଇଛି; କୃଷକମାନଙ୍କ ବୃହତ୍ତର ସ୍ୱାର୍ଥିକୁ ଦୃଷ୍ଟିରେ ରଖି ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଏ ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ କରିବେ କି ?

----

### ବାଲେଶ୍ୱରଠାରେ IDCO MSME Tower ପ୍ରତିଷ୍ଠା

1912 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱରଠାରେ ୫୦ କୋଟି ଟଙ୍କାର IDCO MSME Tower ହେବା ପାଇଁ ଗତ ଅଗଷ୍ଟ ମାସରେ MSME ବିଭାଗ ପକ୍ଷରୁ MD IDCOଙ୍କୁ ଯେଉଁ ଅନୁମୋଦନ ଆସିଥିଲା ତାହାର ଅଗ୍ରଗତି କଣ ; DPR ପ୍ରସ୍ତୁତ କରିବା ସହିତ କାର୍ଯ୍ୟାରମ୍ଭ କରିବା ପାଇଁ ବିଭାଗ time frame ସ୍ଥିର କରିଛି କି ; ଏ ଦିଗରେ ବିଭାଗର ପଦକ୍ଷେପମାନ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହ ଏହା ସହିତ ଜଡିତ ସମସ୍ତ ଦସ୍ତାବିଜର ତଥ୍ୟ ପ୍ରଦାନ କରିବେ କି ?

----

### ଛାତ୍ରଛାତ୍ରୀ Ratio ଅନୁଯାୟୀ ଶିକ୍ଷକ ନିଯୁକ୍ତି

1913 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାରେ ଛାତଛାତ୍ରୀଙ୍କ ratio ଅନୁଯାଇ କେତେଗୋଟି ବିଦ୍ୟାଳୟରେ ଆବଶ୍ୟକ ଠୁଁ କେତେ ଅଧିକା ଶିକ୍ଷକ ଅଛନ୍ତି ; ବିଭାଗ ପକ୍ଷରୁ Rationalization କରି ଯେଉଁଠି ଶିକ୍ଷକ ନାହାନ୍ତି ସେଠାରେ ଶିକ୍ଷକ ବଦଳି ପାଇଁ ନିର୍ଦ୍ଦେଶନାମା ଜାରି କରାଯିବ କି ; ଯଦି ପୂର୍ବରୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଦିଆଯାଇଛି ତେବେ ଏହା କେଉଁ ଜିଲ୍ଲାର କେଉଁ ବ୍ଲକରେ କାର୍ଯ୍ୟକାରୀ ହୋଇଛି କହିବେ କି ; ସମସ୍ତ ବ୍ଲକରେ କାର୍ଯ୍ୟକାରୀ ନହେବାର କାରଣ କଣ ; ସହରାଞ୍ଚଳରୁ ଗ୍ରାମାଞ୍ଚଳକୁ ଅଦଳବଦଳ କରିବା ପାଇଁ ନିୟମ ନାହିଁ କି ; (ଖ) ଏହି ମର୍ମରେ ବାଲେଶ୍ୱର ଜିଲ୍ଲାରେ କେଉଁ ବିଦ୍ୟାଳୟରେ କେଉଁ categoryର କେତେଗୋଟି ଅଧିକ ଶିକ୍ଷକ ଅଛନ୍ତି ବ୍ଲକ/ ବିଦ୍ୟାଳୟୱାରି ଏକ ତଥ୍ୟ ପ୍ରଦାନ କରିବା ସହ Rationalization କରିବା ପାଇଁ ବିଭାଗ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବେ କି ?

----

### ପୋଷାକ ବଣ୍ଟନରେ ବିଳମ୍ବ

1914 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାରେ ସମସ୍ତ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କୁ ଚଳିତ ବର୍ଷ ୟୁନିଫର୍ମ ଯୋଗାଇ ଦେବା ପାଇଁ କେଉଁ ସମୟ/ ମାସ ସ୍ଥିରୀକୃତ ହୋଇଥିଲା ; ସ୍ଥିର ହୋଇଥିବା ମାସ ମଧ୍ୟରେ ପୋଷାକ ବଣ୍ଟନ ସମାପ୍ତ ହୋଇଛି କି ତାହାର ତଥ୍ୟ ବ୍ଲକ ୱାରୀ ପ୍ରଦାନ କରିବେ କି ; (ଖ)ବାଲେଶ୍ୱର ଜିଲ୍ଲାରେ ପୋଷାକ ବଣ୍ଟନରେ ବିଳମ୍ବ ହେବାର କାରଣ କଣ ; ବିଳମ୍ବ ଦିଗରେ କେଉଁ ମାନେ ଦାୟୀ କହିବେ କି ; ଜିଲ୍ଲାରେ ଅଦ୍ୟାବଧୂ କେଉଁ ବିଦ୍ୟାଳୟ ଗୁଡିକରେ ପୋଷାକ ବଣ୍ଟନ ହୋଇନାହିଁ ତାହାର କାରଣ କଣ ବିଦ୍ୟାଳୟୱାରି କହିବେ କି ; କେବେ ସୁଦ୍ଧା ବିତରଣ ସମ୍ପୂର୍ଣ୍ଣ ହେବ କହିବା ସହ ବିଳମ୍ବ ପାଇଁ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତ କରିବେ କି ?

----

## ଗ୍ରାମ ଗୁଡ଼ିକୁ P.M. JAN MAN ଯୋଜନାରେ ସାମିଲ

1915 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାତ୍ରପୁର ବ୍ଲକର ତୁମ୍ବା, ବିରାତାଲ ଓ ଆଙ୍କୁଲି ପଞ୍ଚାୟତର ଶହେରୁ ଅଧିକ ବସବାସ କରୁଥିବା ଲୋକସଂଖ୍ୟା ପାହାଡ଼ିଆ ଗ୍ରାମଗୁଡ଼ିକ P.M. JAN MAN କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇ ରାସ୍ତାକାମ ଗଲୁ ରହିଅଛି କିନ୍ତୁ ବିରାତାଲ ପଞ୍ଚାୟତର ବଡ଼ ଅଂଶୁପା, ଏ ଗାଇଡା ଓ କୁଶମଳା ଗ୍ରାମ ଗୁଡ଼ିକ ୨୦୧୧ ଜନଗଣନା ଅନୁଯାୟୀ ୧୦୦ରୁ ଉର୍ଦ୍ଧ୍ୱ ଲୋକସଂଖ୍ୟା ବିଶିଷ୍ଟ ହୋଇଥିଲେ ମଧ୍ୟ ଏହି ଗ୍ରାମଗୁଡ଼ିକରେ ରାସ୍ତା P.M. JAN MAN ଯୋଜନାର ଅନ୍ତର୍ଭୁକ୍ତ ହୋଇନାହିଁ, ଏଣୁ ଉକ୍ତ ଗ୍ରାମଗୁଡ଼ିକୁ P.M. JAN MAN ଯୋଜନାରେ ଅନ୍ତର୍ଭୁକ୍ତ କରି ରାସ୍ତାକାମ ସମ୍ପୂର୍ଣ୍ଣ କରିବେ କି ?

----

## ITDA କାର୍ଯ୍ୟକ୍ରମ ପ୍ରଚଳନ ପାଇଁ ବ୍ୟବସ୍ଥା

1916 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାତ୍ରପୁର ବ୍ଲକର ତୁମ୍ବା, ବୁରାତାଲ ଓ ଆଙ୍କୁଲି ପଞ୍ଚାୟତ ଗୁଡ଼ିକ ITDA କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଚାଲୁ ରହିଛି କିନ୍ତୁ ଉକ୍ତ ବ୍ଲକର ତୁରୁବୁଡ଼ି, ମନ୍ଦରଡ଼ା, ଖାରିଆଗୁଡ଼ା, ସାମନ୍ତରାପୁର, ଦରଡ଼ା, ଆମ୍ବପୁର, ସୁରଙ୍ଗୀ, ବରଙ୍ଗ ଓ ତଣ୍ଡୀପୁର ଅଞ୍ଚଳ ଆଦି ଆଦିବାସୀ ଅଞ୍ଚଳ ହୋଇଥିଲେ ମଧ୍ୟ ଏଠାରେ ITDA କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉନାହିଁ, ଏଣୁ ଉକ୍ତ ସମସ୍ତ ପଞ୍ଚାୟତ ଗୁଡ଼ିକୁ ନେଇ ITDA କାର୍ଯ୍ୟକ୍ରମ ପ୍ରଚଳନ ପାଇଁ ବ୍ୟବସ୍ଥା କଲେ ଏ ଅଞ୍ଚଳର ଆଦିବାସୀ ଲୋକମାନେ ବହୁମାତ୍ରାରେ ଉପକୃତ ହୋଇପାରିବେ ?

----

## ଶିଳ୍ପ କାରଖାନାରେ ଦୁର୍ଘଟଣା ରୋକିବା

1917 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମଗ୍ର ରାଜ୍ୟରେ ପ୍ରତିଷ୍ଠିତ ଶିଳ୍ପ କାରଖାନାଗୁଡିକରେ କେତୋଟି ଦୁର୍ଘଟଣା ଘଟିଛି ଏବଂ କେତେ ଧନଜୀବନ ହାନି ହୋଇଛି; ସେହିଭଳି ରେଙ୍ଗାଳୀ ନିର୍ବାଚନ ମଣ୍ଡଳୀରେ ଥିବା ଶିଳ୍ପ କାରଖାନାଗୁଡିକରେ ଗତ ୫ ବର୍ଷ ମଧ୍ୟରେ କେତେ ଦୁର୍ଘଟଣା ଘଟିଛି ଏବଂ କେତେ ଧନଜୀବନ ହାନି ହୋଇଛି, ବର୍ଷ ୱାରୀ ତାର ବିବରଣୀ ପ୍ରଦାନ କରିବେ କି; ଶିଳ୍ପ କାରଖାନାରେ ଦୁର୍ଘଟଣା ରୋକିବା ପାଇଁ କଣ ସବୁ ପଦକ୍ଷେପ ଗ୍ରହଣ କରଯାଇଅଛି; ଫ୍ୟାକ୍ଟରୀ ଏଣ୍ଡ ବ୍ରଏଲର ନିର୍ଦ୍ଦେଶାଳୟ କେତୋଟି କାରଖାନା ପରିଦର୍ଶନ କରିଛି ଏବଂ ଆଇନ ଖିଲାପକାରୀ କାରଖାନାଗୁଡିକ ବିରୋଧରେ କଣ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ଶିକ୍ଷକ/ଶିକ୍ଷୟତ୍ରୀମାନଙ୍କୁ ୟୁନିଫର୍ମ ଭତ୍ତା ପ୍ରଦାନ

1918 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଅବସ୍ଥାପିତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ପାଇଁ ୟୁନିଫର୍ମ ବ୍ୟବସ୍ଥା କରିଛନ୍ତି ତାହା ସ୍ୱାଗତଯୋଗ୍ୟ, ୟୁନିଫର୍ମ ବାବଦକୁ ଭତ୍ତା ରାଜ୍ୟ ସରକାର ପ୍ରଦାନ କରୁଛନ୍ତି କି; ଯଦି ୟୁନିଫର୍ମ ଭତ୍ତା ଅନ୍ୟ ୟୁନିଫର୍ମ ସର୍ଭିସ ଭଳି ବିଭାଗ ପ୍ରଦାନ କରୁନାହିଁ, ନିକଟ ଭବିଷ୍ୟତରେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ୟୁନିଫର୍ମ ଭତ୍ତା ପ୍ରଦାନ କରିବା ଯୋଜନା ରଖୁଛନ୍ତି କି?

----

## ଖଣି ଅଞ୍ଚଳରେ ସ୍ଥାନୀୟ ନିଯୁକ୍ତି

1919 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ରେଙ୍ଗାଳି ଶିଳ୍ପ କାରଖାନା ଓ ଖଣି ଖାଦାନ ଅଧ୍ୟୁଷିତ ସେଥିପାଇଁ ରେଙ୍ଗାଳୀ ନିର୍ବାଚନ ମଣ୍ଡଳୀର ଜନସାଧାଣରଙ୍କୁ ବିସ୍ଥାପନ ଭଳି ଦାରୁଣ ଦୁଃଖଠାରୁ ଆରମ୍ଭ କରି ବ୍ୟାପକ ପ୍ରଦୂଷଣର ଶିକାର ହେବାକୁ ପଡୁଛି, ରେଙ୍ଗାଳି ନିର୍ବାଚନ ମଣ୍ଡଳୀରେ ପ୍ରତିଷ୍ଠିତ ଶିଳ୍ପ କାରଖାନା ଓ ଖଣି ଖାଦାନରେ କାରଖାନା ଓ ଖଣି ୱାରି ରେଙ୍ଗାଳି ନିର୍ବାଚନ ମଣ୍ଡଳୀର କେତେଜଣ ଲେଖାଏଁ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି; କମ୍ପାନୀ ସୋସିଆଲ ରେସ୍ପନ୍ସିବିଲିଟି ବ୍ୟବସ୍ଥାରେ କେଉଁ କେଉଁ ଶିଳ୍ପ କାରଖାନା କେଉଁ କେଉଁ ଅଞ୍ଚଳରେ କେତେ ପରିମାଣର ଅର୍ଥ ବ୍ୟାକ କରିଛନ୍ତି, ଯେଉଁମାନେ ବିସ୍ଥାପନ ଓ ପ୍ରଦୂଷଣର ଶିକାର, କାରଖାନାରେ ବ୍ୟବସାୟ ପ୍ରଦାନ ପୂର୍ବକ କେତେଜଣଙ୍କୁ ଥଇଥାନ କରାଯାଇଛି?

----

## ନିୟମଗିରୀରେ ବସବାସ କରୁଥିବା ଆଦିମ ଜନଜାତି ମାନଙ୍କର ବିକାଶ

1920 **Shri Kadraka Appalaswamy (Rayagada):**

Will the Minister for **ST & SC Development, Minorities & Backward Classes**

**Welfare** be pleased to state that:- (କ) ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲାର ନିୟମଗିରୀରେ ବସବାସ କରୁଥିବା ତିନୋଟି ବ୍ଲକର ୮୫ଟି ଗ୍ରାମରେ କେତେ ପୁରୁଷ, କେତେ ମହିଳା କେତେ ନାବାଳକ ନାବାଳିକା ଏବଂ ଶିଶୁ ବସବାସ କରୁଛନ୍ତି, ଗ୍ରାମୱାରୀ ବିବରଣୀ ପ୍ରଦାନ କରିବେ କି; ପ୍ରତି ପରିବାରର ମାସିକ ଆୟର ସମିକ୍ଷା କରାଯାଇଛି କି, କେତେ ପ୍ରତିଶତ ଡଙ୍ଗରିଆ ପରିବାରର ଆୟ ମାସିକ ୧ ହଜାରରୁ ଉର୍ଦ୍ଧ୍ୱ, ସେହିପରି କେତେ ପରିବାରର ଆୟ୧ ହଜାରରୁ ୫ହଜାର, ୫ହଜାରରୁ ୧୦ ହଜାର ଏବଂ କେତେ ପ୍ରତିଶତ ପରିବାରର ମାସିକ ଆୟ ୧୦ ହଜାରରୁ ଉର୍ଦ୍ଧ ରହିଛି, ୨୬୦୩ ଜଣ ଡୁଙ୍ଗୁରିଆ ଆତ୍ମନିର୍ଭରଶୀଳ ହୋଇଛନ୍ତି, ସେହି ପରିବାରର ମୁଖ୍ୟଙ୍କ ନାମ, ଗ୍ରାମ ଓ ଠିକଣା ପ୍ରଦାନ କରିବା ସହ କେତେ ଜଣ ପୁରୁଷ, ମହିଳା ନାବାଳକ ଏବଂ ନାବାଳିକା ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବେ ଯାଇଛନ୍ତି, କେତେଜଣ ଡଙ୍ଗରିଆ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି, ନିୟମଗିରିର ସ୍ଥାୟୀ ରାସ୍ତା ନଥିବା ୩୬ଟି, ବିଦ୍ୟୁତ ନଥିବା ୪୪ଟି ଏବଂ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ନଥିବା ଡଙ୍ଗରିଆ ଗ୍ରାମ ଗୁଡିକର ନାମ ଏବଂ ପଞ୍ଚାୟତ ନାମ ପ୍ରଦାନ କରିବେ କି, (ଖ) ଗତ ଆର୍ଥିକ ବର୍ଷ ୨୦୨୦-୨୧ ଠାରୁ ୨୦୨୩-୨୪ ମଧ୍ୟରେ ଡଙ୍ଗରିଆଙ୍କ ବିକାଶ ପାଇଁ ୬୧ କୋଟି ୯୪ଲକ୍ଷ ୩୪ହଜାର ୬୦୩ ଟଙ୍କା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟୟ ହୋଇଛି, ଏତେ ଟଙ୍କା ଖର୍ଚ୍ଚ ପରେ ବି ୮୫ଟି ଗାଁର ବିକାଶ ହୋଇନଥିବା ସତ୍ୟ କି ?

----

## ଉତ୍କଳ ଆଲୁମିନା କାରଖାନାର ପାରିପାର୍ଶ୍ୱ ଉନ୍ନତି

**1921 Shri Kadraka Appalaswamy (Rayagada):**

Will the Minister for **Industries** be pleased to state that:- ରାୟଗଡ଼ା ଜିଲ୍ଲାର କାଶିପୁର ଉତ୍କଳ ଆଲୁମିନା କାରଖାନାର ୨୦୧୯ ଠାରୁ ଆଜି ପର୍ଯ୍ୟନ୍ତ ପାରିପାର୍ଶ୍ୱ ଉନ୍ନତି ଦିଗରେ କଣ କଣ କାର୍ଯ୍ୟ କରାଯାଇଛି, କେତୋଟି ଗ୍ରାମରେ ମୌଳିକ ସୁବିଧା ଯୋଗାଇ ଦିଆଯାଇଛି, କେତେ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରାଯାଇଛି, କେତେ ପରିବାରକୁ ସ୍ୱାବଲମ୍ବୀ ହୋଇଛନ୍ତି ସେମାନଙ୍କ ନାମ ଓ ଠିକଣା ପ୍ରଦାନ କରିବା ସହ ବାର୍ଷିକ କେତେ ଅର୍ଥ ପାରିପାର୍ଶ୍ୱିକ ବିକାଶ ଦିଗରେ ଖର୍ଚ୍ଚ କରାଯାଇଛି, କାରଖାନା ପ୍ରତିଷ୍ଠା ଠାରୁ କେଉଁ କେଉଁ ସ୍ଥାନରେ ସମୁହ ବୃକ୍ଷ ରୋପଣ କରାଯାଇଛି ସେହି ସ୍ଥାନର ଖାତା ନମ୍ବର, ପ୍ଲଟ ନମ୍ବର, ମୌଜାର ନମ୍ବର, କେଉଁ କିସମର ଜମିରେ ବୃକ୍ଷରୋପଣ ହୋଇଛି ?

----

## ଗ୍ରାମକୁ ବିସ୍ଥାପିତ ଘୋଷଣା

**1922 Shri Kadraka Appalaswamy (Rayagada):**

Will the Minister for **Industries** be pleased to state that:- ରାୟଗଡ଼ା ଜିଲ୍ଲାର କାଶିପୁର ଉତ୍କଳ ଆଲୁମିନା କାରଖାନା ପାର୍ଶ୍ୱରେ ଥିବା ଡିମୁଣ୍ଡି ଏବଂ ଡି.କରଳ ଦୁଇଟି ଗ୍ରାମକୁ ଧୂଳି ଓ ଧୂଆଁ ଭିତରେ ଛାଡି ଦିଆଯାଇଛି, କାରଖାନା ପାଇଁ ନିଜର ସବୁତକ ଜମି ଦେବା ପରେ ସେମାନଙ୍କ ଗୁହାରୀ କେହି ଶୁଣୁନାହାନ୍ତି, ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ବହୁବାର ତଦନ୍ତ ପରେ 2022 ମସିହା ଡିସେମ୍ବର ମାସରେ ଦକ୍ଷିଣାଞ୍ଚଳ କମିଶନର ଏହି ଦୁଇ ଗାଁ ବିସ୍ଥାପନ ଜରୁରୀ ବୋଲି ଏକ ଚିଠି ସରକାରଙ୍କୁ ପ୍ରଦାନ କରିଥିଲେ କିନ୍ତୁ ପରିତାପର ବିଷୟ ଯେ ଏ ପର୍ଯ୍ୟନ୍ତ ବିସ୍ଥାପନ ହୋଇ ପାରିଲା ନାହିଁ, ଏହି ଦୁଇ ଗ୍ରାମକୁ କେବେ ସୁଧା ବିସ୍ଥାପିତ ଘୋଷଣା କରାଯିବ ?

----

## ହାଇସ୍କୁଲ ୫-ଟି ନାମରେ ଉନ୍ନତିକରଣ

1923 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ କେତୋଟି ହାଇସ୍କୁଲ ୫-ଟି ନାମରେ ଗତ ସରକାର ଉନ୍ନତିକରଣ କରିଛନ୍ତି ଏବଂ ସେଥିପାଇଁ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, ରାଜ୍ୟ ସରକାର ଏହି ଭଳି ଉନ୍ନତି କରିବା ପାଇଁ କୌଣସି ଯୋଜନା କରୁଛନ୍ତି କି, ଯଦି ହଁ, ତେବେ କେଉଁ ଜିଲ୍ଲାରେ କେତୋଟି ଏବଂ କେଉଁ କେଉଁ ହାଇସ୍କୁଲର ଉନ୍ନତି କରିବା ପାଇଁ ଯୋଜନା କରୁଛନ୍ତି ?

----

## ଦିବ୍ୟାଙ୍ଗ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ

1924 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଦିବ୍ୟାଙ୍ଗ ମାନଙ୍କୁ ସେମାନଙ୍କ ପ୍ରମାଣ ପତ୍ର ପ୍ରଦାନ କରିବା ଦିଗରେ ଅହେତୁକ ବିଳମ୍ବ ହେଉଥିବା ସରକାରଙ୍କ ନଜରକୁ ଆସିଛି କି, ଏ ଦିଗରେ ସରକାର ଅଧିକ ତତ୍ପରତା ପ୍ରଦାନ କରିବେ କି?

----

## ଆନ୍ତଃନିର୍ଦ୍ଦେଶାଳୟ transfer order ଲାଗୁ କରିବା

1925 **ଶ୍ରୀ ପଦ୍ମ ଚରଣ ହାଇବ୍ରୁରୁ (କରଞ୍ଜିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) SAQ. No.-୩୨ ଉତ୍ତର ଅନୁସାରେ ଆନ୍ତଃନିର୍ଦ୍ଦେଶାଳୟ transfer order ପୂର୍ଣ୍ଣ ଭାବେ ଲାଗୁ ନିମନ୍ତେ relief ହୋଇନଥିବା ଅବଶିଷ୍ଟ ଅଧିକାରୀଙ୍କୁ ପତ୍ର ସଂଖ୍ୟା 43୨, dtd.12.02.25 D.S.E. (O), ତା.15.0୨.25 ରେ relief କରିବା କଥା ଓ ଆଉ ଜଣେ SO ଙ୍କୁ gradation list ପରିସମାପ୍ତି ପରେ relief କରାଯିବା ବିଷୟରେ କେତେଦୂର ଠିକ୍ ଅଟେ, ଏହି ବିଷୟରେ ବିଭାଗ ଗୃହକୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରୁନାହାଁନ୍ତି ତ, (ଖ) ଶିକ୍ଷା ନିର୍ଦ୍ଦେଶାଳୟରେ କାର୍ଯ୍ୟରତ 10 ବର୍ଷରୁ ଉର୍ଦ୍ଧ୍ୱ ଥିବା କର୍ମଚାରୀଙ୍କ ବଦଳି order dtd.0୬.07.23 ପୂର୍ଣ୍ଣ ଭାବେ ଲାଗୁ ହୋଇନଥିବାବେଳେ ଆୁ ଏକ ୬ ବର୍ଷରୁ ଉର୍ଦ୍ଧ୍ୱ ଧରି କାର୍ଯ୍ୟ କରୁଥିବା 42 ଜଣ କର୍ମଚାରୀଙ୍କ ବଦଳୀ order ତା.04.11.25 ରେ ପ୍ରକାଶ ହୋଇଥିବା କଥା ସତ୍ୟ ଅଟେ କି, ଯଦି ହଁ ଏହା ସମସ୍ତ ନିର୍ଦ୍ଦେଶକ ସହମତିରେ ହୋଇଛି କି, ଏହା ଉପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଉ, ଉପରୋକ୍ତ order ଅନୁସାରେ D.H.S.E. (O) ତାଙ୍କ ଅଧିନରେ କାର୍ଯ୍ୟରତ କର୍ମଚାରୀଙ୍କୁ relief କଲେଣି କି ଓ HHE/DSE (O) ଙ୍କ ଏହାଉପରେ ଆଭିମୁଖ୍ୟ କଣ ଅଟେ ?

----

## Inter directorate transfer order ଲାଗୁ କରିବା

1926 **ଶ୍ରୀ ପଦ୍ମ ଚରଣ ହାଇବ୍ରୁରୁ (କରଞ୍ଜିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Inter directorate transfer order dtd.06.07.23 ପୂର୍ଣ୍ଣ ଭାବେ implement କରିବା ନିମନ୍ତେ HE Deptt. ପତ୍ର ସଂଖ୍ୟା-37529 dtd.23.09.24 ରେ relief ହୋଇନଥିବା 6 ଜଣ କର୍ମଚାରୀଙ୍କୁ ତୁରନ୍ତ ଭାରମୁକ୍ତ କରିବା ନିମନ୍ତେ DHSE (O) ଙ୍କୁ ଉକ୍ତ ପତ୍ର ଲେଖିଥିଲେ କି, ଏହାମଧ୍ୟରେ ସେଥିମଧ୍ୟରୁ କେତେଜମ କର୍ମଚାରୀ ଅନ ନିର୍ଦ୍ଦେଶାଳୟରୁ ଆସି DHE (O) ରେ ଯୋଗ ଦେଲେଣି ଓ ସେମାନେ ଯୋଗ ଦେଲା ପରେ କେତେଜଣ କର୍ମଚାରୀଙ୍କୁ relief କରାଯାଇଛି, ଉକ୍ତ ବଦଳୀ order ରେ DHE (O) ରେ କାର୍ଯ୍ୟରତ 2 ଜଣ SO ଦୀର୍ଘ 15 ବର୍ଷରୁ ଊର୍ଦ୍ଧ୍ୱ ଧରି କାର୍ଯ୍ୟ କରୁଥିବା ଓ ଅନ୍ୟ ନିର୍ଦ୍ଦେଶାଳୟକୁ ନ ଯିବା ପାଇଁ ଅଧିକାରୀମାନେ ନିର୍ଦ୍ଦେଶକଙ୍କୁ ସୁପାରିଶ କରିବା କଥା ସତ୍ୟ ଅଟେ କି, କୌଣସି ବ୍ୟକ୍ତି ବିଶେଷଙ୍କୁ ନେଇକି କାର୍ଯ୍ୟାଳୟ ଚାଲିବା ଠିକ୍ କି ?

----

## ଶିକ୍ଷାନୁଷ୍ଠାନ କ୍ୟାମ୍ପସ ବାହାରେ ନିଶା ଦ୍ରବ୍ୟ ବେଆଇନ ବିକ୍ରୀ

1927 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ଶିକ୍ଷା ଅନୁଷ୍ଠାନମାନଙ୍କରେ କ୍ୟାମ୍ପସ୍ ଓ କ୍ୟାମ୍ପସ ବାହାରେ ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟର ବେଆଇନ କାରବାର ହେଉଥିବାର ସରକାରଙ୍କ ନଜରରେ ଅଛି କି, ଯଦି ହଁ, ଏହାର ପ୍ରତିକାର ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ନୂତନ ଶିଳ୍ପାଞ୍ଚଳ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

1928 **Shri Nilamadhab Hikaka (Bissam-cuttack):**

Will the Minister for **Industries** be pleased to state that:- ରାଜ୍ୟରେ ମୋଟ ଶିଳ୍ପାଞ୍ଚଳ ସଂଖ୍ୟା କେତେ ଓ ଚଳିତ ଆର୍ଥିକ ବର୍ଷରେ କେତୋଟି ନୂତନ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି କେଉଁ କେଉଁ ସ୍ଥାନରେ, ଉକ୍ତ ଶିଳ୍ପାଞ୍ଚଳରେ ଅନେକ ଶିଳ୍ପାନୁଷ୍ଠାନ ଅଚଳ ହୋଇ ପଡିଥିବା ସତ୍ୟ କି, ଉତ୍ତର 'ହଁ' ହେଲେ ଏଥି ମଧ୍ୟରୁ କେତେଗୋଟି ବିଚାରାଳୟର ଦ୍ୱାରସ୍ଥ ହୋଇଛନ୍ତି ଓ ତା'ର କାରଣ କ'ଣ ?

----

## ଦକ୍ଷତା ବିକାଶ କରିବା ପାଇଁ କେନ୍ଦ୍ର ପ୍ରତିଷ୍ଠା

1929 **Shri Nilamadhab Hikaka (Bissam-cuttack):**

Will the Minister for **Skill Development & Technical Education** be pleased to state that:- ବିଷମ କଟକ ନିର୍ବାଚନ ମଣ୍ଡଳୀର ଇସ୍ପାତ ଏବଂ ଖଣି ଶିଳ୍ପରେ ଚାକିରି ପାଇଁ ସ୍ଥାନୀୟ ଲୋକଙ୍କୁ ତାଲିମ ଦେବା ପାଇଁ ନିର୍ବାଚନମଣ୍ଡଳୀରେ କିମ୍ବା ନିକଟରେ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରିବାର କରିବା ଯୋଜନା ଅଛି କି?

----

## ବିସ୍ଥାପିତ ଓ ଭୂମିହରାଙ୍କୁ ନିଯୁକ୍ତି

1930 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପ୍ରତିଷ୍ଠିତ କେଉଁ ବୃହତ ଶିଳ୍ପ ପାଇଁ କେତେ ବିସ୍ଥାପିତ ହୋଇଥିବାବେଳେ କେବେ ପ୍ରଜାଭୂମି ହରାଇଛନ୍ତି ଓ ସେହି ଶିଳ୍ପରେ କେତେଜଣ ବିସ୍ତାବିତ ଓ ଭୂମିହରା ପ୍ରଜାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି,ଅବଶିଷ୍ଟ ବିସ୍ତାବିତ ଓ ଭୂମିହରା ପ୍ରଜାଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ସରକାର କି କି ବାସ୍ତବ ପଦକ୍ଷେପ ଗ୍ରହଣ କରୁଛନ୍ତି, (ଖ) ଗଜପତି ଜିଲ୍ଲାରେ ଆଗାମି 5 ବର୍ଷ ମଧ୍ୟରେ କେଉଁ କେଉଁ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ଠାରେ ଯୋଜନା ଅଛି?

----

## ITDA ବିଭାଗ ଦ୍ୱାରା ଉନ୍ନତି ମୂଳକ କାର୍ଯ୍ୟ

1931 **ଡା. ଫକୀର ମୋହନ ନାଏକ (ତେଲକୋଇ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତେଲକୋଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଂଶପାଳ ତେଲକୋଇ ହରିଚନ୍ଦନପୁର ବ୍ଲକ ଅଞ୍ଚଳ ରେ ITDA ବିଭାଗ ତରଫରୁ ସରକାର ଆସିବା ଦିନଠାରୁ ଆଜି ପର୍ଯ୍ୟନ୍ତ କେଉଁ ସବୁ ଉନ୍ନତି ମୂଳକ ପ୍ରକଳ୍ପ କାର୍ଯ୍ୟ ହୋଇଅଛି ଓ କେଉଁ ସବୁ ପ୍ରକଳ୍ପ କାର୍ଯ୍ୟ କାର୍ଯ୍ୟରତ ଅଛି ଓ କେଉଁ ସବୁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ସରିଅଛି ତାହାର ସବିଶେଷ ତଥ୍ୟ ଯେମିତିକି ପ୍ରକଳ୍ପର ମୂଲ୍ୟ ପ୍ରକଳ୍ପର Agency ର ନାମ ଓ କେଉଁ ସବୁ ପ୍ରକଳ୍ପ ର କାର୍ଯ୍ୟ ସମ୍ପାଦନ ପରେ କାର୍ଯ୍ୟ ର ମୂଲ୍ୟ ପ୍ରଦାନ କରାହୋଇଅଛି ଓ କେତେ କାର୍ଯ୍ୟ ସମ୍ପାଦନ ପରେ କାର୍ଯ୍ୟ ର ମୂଲ୍ୟ ପ୍ରଦାନ ହୋଇନାହିଁ ?

----

## ଜଙ୍ଗଲ ଜମି ପଟ୍ଟା ବଣ୍ଟନ

1932 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଜଙ୍ଗଲ ଜମିରେ ଆଦିବାସୀ ବର୍ଗର ପରିବାର ସହ ଅନ୍ୟାନ୍ୟ ବର୍ଗର ଗରିବ ଲୋକେ ୭୦/୮୦ ବର୍ଷରୁ ଅଧିକ ସମୟରୁ ବସତି ସ୍ଥାପନ କରି ରହି ଆସୁଛନ୍ତି ଓ ତାଙ୍କ ଜୀବିକା ନିର୍ବାହ କରୁଛନ୍ତି, ମୋ ଜଙ୍ଗଲ ଜମି ଯୋଜନା ଏବଂ ଅନୁସୁଚିତ ଜନ ଜାତି ଏବଂ ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲ ଅଧିବାସୀ (ଜଙ୍ଗଲ ଅଧିକାର ମାନ୍ୟତା) ଅଧିନିୟମ- ୨୦୦୬ରେ ଅନୁସୁଚିତ ଜନଜାତିର ପରିବାର ବ୍ୟତିତ ଅନ୍ୟାନ୍ୟ ବର୍ଗର ପରିବାରକୁ ଜଙ୍ଗଲ ଜମି ପଟ୍ଟା ଦିଆଯାଉନଥିକବା ଅଭିଯୋଗ ସରକାରଙ୍କ ଦୃଷ୍ଟିରେ ଅଛି କି, (ଖ) ୨୦୦୬ ମସିହା ପୁର୍ବରୁ ଜଙ୍ଗଲରେ ବସବାସ କରୁଥିବା ଅନୁସୂତିତ ଜନଜାତି ବ୍ୟତିତ ଅନ୍ୟାନ୍ୟ ବର୍ଗର ଅଧିୟବାସୀଙ୍କୁ ମୋ ଜଙ୍ଗଲ ଜମି ଯୋଜନା ଓ ଅନ୍ୟାନ୍ୟ ଯୋଜନା ଅର୍ନ୍ତଗତ ଜମି ପଟ୍ଟା ପ୍ରଦାନ କରିବାକୁ ସରକାର ଯଥାବିଧ ପଦକ୍ଷେପ ଗ୍ରହଣ କରିବେ କି ?

----

## ବାର୍ଦ୍ଧକ୍ୟ ଭତ୍ତାରେ ଦୁର୍ନୀତି

1933 **ଶ୍ରୀ ନରସିଂ ଭାତ୍ରା (ଝରୀଗାଁ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଧାନସଭାର ତା.21.03.2025 ରିଖର U.D. AQ. 4472 ର ଉତ୍ତର ପରିପ୍ରେକ୍ଷୀରେ ଉକ୍ତ ଉତ୍ତରରେ Sl. No.237 ରେ ଥିବା ଏବଂ ବର୍ତ୍ତମାନ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଉକ୍ତ ହିତାଧିକାରୀମାନେ ସରକାରୀ ଚାକିରୀରୁ ଅବସର ପରେ ସରକାରଙ୍କ ଠାରୁ Pension ପାଉଥିବା ବେଳେ ଏବଂ ଉକ୍ତ ହିତାଧିକାରୀ ମାନଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ବିଭିନ୍ନ ଜାଗାରେ କୋଟି କୋଟି ଟଙ୍କା ଥିବାବେଳେ ଏମାନଙ୍କୁ ସରକାରଙ୍କ କେଉଁ ନିୟମାନୁଯାୟୀ ବାର୍ଦ୍ଧକ୍ୟ ଭତ୍ତା ସଂକ୍ରାନ୍ତ ଜାଲିଆତି କରି ଭତ୍ତା ପାଉଥିବା ଉକ୍ତ ହିତାଧିକାରୀ ମାନଙ୍କର ବାର୍ଦ୍ଧକ୍ୟ ଭତ୍ତାକୁ ବନ୍ଦ କରିବା ସହିତ ଆଗରୁ ପାଉଥିବା ଭତ୍ତା ଟଙ୍କାକୁ recovery କରିବା ପାଇଁ ପଦକ୍ଷେପ ନେବେ କି ?

----

## ଶିକ୍ଷ ସଂସ୍ଥାର ସ୍ଥାନୀୟ ନିଯୁକ୍ତି

1934 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ନିର୍ବାଚନ ମଣ୍ଡଳୀ ପାଇଁ କେଉଁ ନୂଆ ଶିକ୍ଷ ସଂସ୍ଥା ଶିକ୍ଷ ପ୍ରତିଷ୍ଠା ପାଇଁ ଆବେଦନ କରିଛନ୍ତି ତଥ୍ୟ ଦେବେ କି, ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଯେଉଁ ଶିକ୍ଷ ସଂସ୍ଥା ଅଦ୍ୟାବଧି ଚାଲିଅଛି ସେ ଶିକ୍ଷ ସଂସ୍ଥାରେ କେତେଜଣ ସ୍ଥାନୀୟ ବାସିନ୍ଦା ନିଯୁକ୍ତି ପାଇଛନ୍ତି ?

----

## ଅଳ୍ପ ସଂଖ୍ୟକ କମିଶନ ଗଠନ

1935 **ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ (ଜି.ଉଦୟଗିରି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆମ ରାଜ୍ୟରେ ଅଳ୍ପ ସଂଖ୍ୟକ ମାନଙ୍କ ନିମନ୍ତେ କମିଶନ ଗଠନ ହୋଇ ନାହିଁ ତେଣୁ ଅଳ୍ପ ସଂଖ୍ୟକ ମାନଙ୍କର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବା ଆବଶ୍ୟକ ଅଛି ଅଳ୍ପ ସଂଖ୍ୟକ କମିଶନ ଗଠନ କରିବାର ବ୍ୟବସ୍ଥା କରିବେ କି ?

----

## High School ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ

1936 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଖୋର୍ଦ୍ଧା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) DSE(O) ରେ D.E.O. ଙ୍କ ନିକଟକୁ High School ମରାମତି ରକ୍ଷଣାବେକ୍ଷଣ (EI.PH. Civil) କାମ ପାଇଁ ଚଳିତ ବର୍ଷ କେତୋଟି ପ୍ରସ୍ତାବ ଆସିଥିଲା, ତନ୍ମଧ୍ୟରୁ କେତୋଟି ପ୍ରସ୍ତାବକୁ Administrative Approval ପ୍ରଦାନ କରାଯାଇଛି ତା'ର ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି ; (ଖ) ଚଳିତ ବର୍ଷ Dhenkanal ଜିଲ୍ଲାରୁ କେତୋଟି EI. Civil. PH. କାମ ନିମନ୍ତେ ପ୍ରସ୍ତାବ ଆସିଥିଲା ଓ କେତୋଟି କାର୍ଯ୍ୟକୁ A/A ଦିଆଯାଇଛି ଓ କେତୋଟି ପ୍ରସ୍ତାବ ପଡିଅଛି ତାହାର ତାଲିକା ପ୍ରଦାନ କରିବେ କି, ଏବଂ ଏହି କାମ ପାଇଁ Budget ରେ କେତେ ଅର୍ଥ ବ୍ୟୟବରାଦ ହୋଇଛି ?

----

## ଶିକ୍ଷ ସଂସ୍ଥା ପାଇଁ ଜମି ପ୍ରଦାନ

1937 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବଡସାହି ନିର୍ବାଚନ ମଣ୍ଡଳୀରେ ବେତନଟୀ ବ୍ଲକରେ କଳମା ଠାରେ DDCO ଦ୍ୱାରା East Cost Fertilizer ଏବଂ Chemical Ltd. କୁ ଲିଜ୍ ସୂତ୍ରେ ପ୍ରଦତ୍ତ 44.665 ଏକର ଜମିକୁ ଉଚ୍ଚ ନ୍ୟାୟାଳୟ ଓଡିଶାଙ୍କ Official Liquidator ଙ୍କ ଦ୍ୱାରା ହୋଇଥିବା ଅକ୍ସନ୍ sale ରେ Nirman Promoters & Builders (India) Ltd. 2010 ରେ ପାଇଥିଲା, ମାତ୍ର ଏଯାବତ୍ ଉକ୍ତ କମ୍ପାନୀ DDCO ସହ lease କରିନାହିଁ, ଏତଦ୍ ଦ୍ୱାରା DDCO ରୁ କେତେ ପରିମାଣରେ ବିଗତ 15 ବର୍ଷ ଧରି ରାଜସ୍ୱ ହାନି ହେଉଛି, କୌଣସି କମ୍ପାନୀ ଏତେବର୍ଷ ଧରି ଜମିକୁ ଫାଙ୍କା ରଖିଲେ ଉକ୍ତ ଜମିକୁ ପ୍ରତ୍ୟାହୃତ କରିବା ପାଇଁ କ'ଣ DDCO ର ବ୍ୟବସ୍ଥା ଅଛି, ତୁରନ୍ତ ଜମି ପ୍ରତ୍ୟାହୃତ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ବ୍ଲକ୍ ଗ୍ରାଣ୍ଟ ହାଇସ୍କୁଲର ଶିକ୍ଷକ ଅଭାବ

1938 **Shri Sudhir Ranjan Pattjoshi (Dharmgarh):**

Will the Minister for **School and Mass Education** be pleased to state that:- କଳାହାଣ୍ଡି ଜିଲ୍ଲା ସମେତ ରାଜ୍ୟର ଅଧିକାଂଶ ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ମାନଙ୍କରେ ଶିକ୍ଷକ ଅଭାବ ଜନିତ ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢା ନେଇ ବର୍ତ୍ତମାନ ପ୍ରଶ୍ନବାଚି ସୃଷ୍ଟି କରିଛି, କଳାହାଣ୍ଡି ଜିଲ୍ଲାରେ ପ୍ରାୟ ଶହେ ଦୁଇଟି ବ୍ଲକ ଗ୍ରାଣ୍ଟ ହାଇସ୍କୁଲରେ ଶିକ୍ଷକ ଅଭାବ ଓ ଅଧିକାଂଶ ସ୍କୁଲରେ ଜଣେ ଶିକ୍ଷକ ଥିବା ଓ ଅବସର ପରେ ଶିକ୍ଷକ ନିଯୁକ୍ତି ନହେବା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠ ପଢା ଗୁରୁତର ଭାବେ ବ୍ୟାହତ ହେବାକୁ ଯାଉଛି ଆଗାମୀ ଦିନରେ ଏଇ ସ୍କୁଲ ଗୁଡିକ ବନ୍ଦ ହୋଇଯିବା ସାଙ୍ଗେ ସାଙ୍ଗେ ଅଧିକାଂଶ ଅଞ୍ଚଳରେ ଛାତ୍ର ଛାତ୍ରୀଙ୍କ ଶିକ୍ଷାଦାନ ବ୍ୟାହତ ହେବ ଏଦିଗରେ କି ପଦକ୍ଷେପ ନେଉଛନ୍ତି ଓ ଏଥିପାଇଁ କଣ ପ୍ରସ୍ତୁତି କରାଯାଉଛି ?

----

## PVTG ବର୍ଗର ଆଦିବାସୀଙ୍କ ବିକାଶ ନିମନ୍ତେ ପଦକ୍ଷେପ

1939 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଆଦିବାସୀ ବିଶେଷକରି PVTG ବର୍ଗର ଆଦିବାସୀ ବାସ କରୁଥିବା ଅଞ୍ଚଳର ପାରିପାର୍ଶ୍ୱିକ ସ୍ଥିତି, ଲୋକଙ୍କର ସାମାଜିକ, ଅର୍ଥନୈତିକ ଅବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ନିୟମିତ ରୋଜଗାର ପ୍ରଭୃତିର କେବେ ସର୍ବେକ୍ଷଣ କରାଯାଇଛି କି ; ଯଦି ନାହିଁ, ଏ ଦିଗରେ ଏକ ସର୍ବେକ୍ଷଣ କରି, ସେମାନଙ୍କର ସାମଗ୍ରିକ ବିକାଶ ସକାଶେ ଆବଶ୍ୟକ ପଦକ୍ଷେପ ନେବେ କି?

----

## ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ

1940 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ବାର୍ଦ୍ଧକ୍ୟ ଭତ୍ତା ପାଇଁ କେତେ ଯୋଗ୍ୟ ହିତାଧିକାରୀ ବିଭିନ୍ନ ପ୍ରକାର ଭତ୍ତା ପାଇଁ ଦରଖାସ୍ତ କରିଛନ୍ତି ଓ ଭତ୍ତା ପାଇଁ ଅପେକ୍ଷା କରିଛନ୍ତି ; ସେମାନଙ୍କର ବ୍ଲକୱାରୀ, ପଞ୍ଚାୟତୱାରୀ ସଂଖ୍ୟା ପ୍ରଦାନ କରିବେ କି ; ଯେଉଁ ଯୋଗ୍ୟ ହିତାଧିକାରୀମାନେ ଦରଖାସ୍ତ କରି ଭତ୍ତା ପାଇଁ ଅପେକ୍ଷା କରିଛନ୍ତି, ସେମାନଙ୍କୁ ଭତ୍ତା ପ୍ରଦାନ ନକରିବାର କାରଣ କଣ ; ସେମାନଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ କଣ ନୂଆ ପଦକ୍ଷେପ ନିଆଯାଇଛି, କେତେକ କ୍ଷେତ୍ରରେ ୫୦ ବର୍ଷରୁ ଅଧିକ ବୟସର ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇନଥିବା ଅଭିଯୋଗ ସଂଖ୍ୟା କେତେ?

----

## CSR Fund ର ବିନିଯୋଗ

1941 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ CSR Fund ପାଇଁ କେଉଁ କେଉଁ କମ୍ପାନୀ ବିଗତ ଆର୍ଥିକ 5 ବର୍ଷରେ କେତେ ଅର୍ଥ ପ୍ରଦାନ କରିଛନ୍ତି company wise ତାଲିକା ପ୍ରଦାନ କରିବା ସହ କେଉଁ ବ୍ଲକରେ କେଉଁ କାର୍ଯ୍ୟ CSR Fund ଦ୍ୱାରା ସମ୍ପାଦିତ ହୋଇଛି?

----

## ମହାବିଦ୍ୟାଳୟରେ ପଦବୀ ପୂରଣ

1942 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ସରକାରୀ ମହାବିଦ୍ୟାଳୟ ଗୁଡିକରେ ଖାଲିପଡିଥିବା ଅଧ୍ୟାପକ ପଦବୀ ସଂଖ୍ୟା କେତେ ଏବଂ ଏହା କେବେ ପୂରଣ ହେବ ଓ ଏନେଇ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ଜମି ସତ୍ତ୍ୱଭୁକ୍ତ କରିବାକୁ ପଦକ୍ଷେପ

1943 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଆନନ୍ଦପୁର, ହାଟଡିହି ବ୍ଲକରେ ସ୍ଥାପିତ କେତୋଟି ବିଦ୍ୟାଳୟର ନାମରେ ଜମି ସତ୍ତ୍ୱଭୁକ୍ତ ହୋଇନାହିଁ ତାହାକୁ ସତ୍ତ୍ୱଭୁକ୍ତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି ; (ଖ) କେଉଁ ବିଦ୍ୟାଳୟରେ କେତେ ଜଣ ଗରିବ ପିଲାଙ୍କୁ ବିନା ମୂଲ୍ୟରେ ଶିକ୍ଷାଦାନର ସୁଯୋଗ ପ୍ରଦାନ କରାଯାଇଛି?

----

## ଛାତ୍ରାବାସ ପ୍ରତିଷ୍ଠା

1944 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ କେଉଁ ଶିକ୍ଷାନୁଷ୍ଠାନରେ ଆଦିବାସୀ, ଅନୁସୂଚିତ ଜନଜାତି ଓ ପଛୁଆବର୍ଗ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା ହୋଇଛି ଏବଂ ବିଦ୍ୟାର୍ଥୀମାନଙ୍କୁ ଆବାସିକ ଶିକ୍ଷାର ସୁଯୋଗ ପ୍ରଦାନ ପାଇଁ ସେମାନଙ୍କ ପାଇଁ ଅଧିକ ସଂଖ୍ୟକ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରିବେ କି?

----

## କୌଶଳ ବିକାଶ କାର୍ଯ୍ୟକ୍ରମ

1945 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କୌଶଳ ବିକାଶ କାର୍ଯ୍ୟକ୍ରମରେ ଗତ 5 ବର୍ଷରେ କେତେ ଛାତ୍ରୀ ଭାଗ ନେଇଛନ୍ତି ଓ ସେଥିମଧ୍ୟରୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ସଂଖ୍ୟା କେତେ ଏବଂ ମହିଳାମାନଙ୍କ ଲାଗି ସେମାନେ ନିଜେ ଆତ୍ମନିର୍ଭରଶୀଳ ହେବା ପର୍ଯ୍ୟନ୍ତ ସରକାର କି ବିଶେଷ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି?

----

## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ

1946 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିନରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ ନିଜ ଗୃହରେ ଶିକ୍ଷାଦାନ ଦେବା ପାଇଁ ସରକାରଙ୍କର କୌଣସି ଯୋଜନା ରହିଛି କି ; ଯଦି ହଁ, ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ କେତେଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଏହି ଯୋଜନାରେ ପାଠ ପଢୁଛନ୍ତି, ତାର ତଥ୍ୟ ଦେବା ସହ ଶିକ୍ଷକମାନେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ନିୟମିତ ଶିକ୍ଷାଦାନ କରୁଛନ୍ତି କି ନାହିଁ, ତାର ନିରୀକ୍ଷଣ କରିବାକୁ କି ବ୍ୟବସ୍ଥା ରଖିଛନ୍ତି?

----

## ପୁନଃନିଯୁକ୍ତି ସମ୍ପର୍କରେ

1947 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଚ୍ଚ ଶିକ୍ଷା ବିଭାଗରେ ଗତ 2 ବର୍ଷ ମଧ୍ୟରେ କେତେଜଣ ଅବସରପ୍ରାପ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ବିଭାଗ ଅଧିନସ୍ଥ ବିଭିନ୍ନ ସଂସ୍ଥା ଦ୍ୱାରା ଅବସ୍ଥାପିତ କରାଯାଇଛି ତାର ତଥ୍ୟ ଦେବା ସହ ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି କରିବାକୁ ବାରଣ କରିବା ସତ୍ତ୍ୱେ ଏଭଳି ନିଯୁକ୍ତିର କାରଣ କଣ?

----

## ଶିକ୍ଷକ ବଦଳି ସମ୍ପର୍କରେ

1948 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ 1 ବର୍ଷ ମଧ୍ୟରେ ଶିକ୍ଷା ବିଭାଗର ମାଧ୍ୟମିକ ବିଦ୍ୟାଳୟର ନିର୍ଦ୍ଦେଶାଳୟ ଓ ପ୍ରାଥମିକ ନିର୍ଦ୍ଦେଶାଳୟରେ କେତେ ଜଣ ଶିକ୍ଷକଙ୍କୁ ଜିଲ୍ଲା ଭିତରେ ଓ ଜିଲ୍ଲା ବାହାରୁ ବଦଳି କରାଯାଇଛି ; ସରକାର ତାର ଏକ ପୂର୍ଣ୍ଣାଙ୍ଗ ତାଲିକା ଦେବେ କି ; ଏହି ବଦଳି ସରକାରଙ୍କ ଦ୍ୱାରା ଅନୁମୋଦିତ Guideline/Rules ଦ୍ୱାରା ହୋଇଛି କି ; ଏ ସମ୍ବନ୍ଧରେ ତଥ୍ୟ ଦେବା ସହ ବଦଳି ପାଇଁ କେତେ ଆବେଦନ Online Portal ଦ୍ୱାରା ବାକି ରହିଛି ; (ଖ) ଏହି ବଦଳି ଦ୍ୱାରା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ଥିବା ଶିକ୍ଷକମାନଙ୍କ Deficit ସଂଖ୍ୟା ବଢିଛି ନା କମିଛି?

----

## ନୂତନ BEO ନିଯୁକ୍ତି

1949 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲାରେ ଶିକ୍ଷା ବିଭାଗ ଅଧିନରେ କେତେଜଣ BEO କାର୍ଯ୍ୟରତ ଅଛନ୍ତି ; ଏହି ଜିଲ୍ଲାରେ BEO ସଂଖ୍ୟା କମ ଥିବା ବିଷୟରେ ସରକାର ଅବଗତ ଅଛନ୍ତି କି ; ଯଦି ହଁ, ତେବେ ନୂତନ BEO ନିଯୁକ୍ତି ଦେବା ପାଇଁ ସରକାର ଶୀଘ୍ର ପଦକ୍ଷେପ ନେବେ କି?

----

## ମହାବିଦ୍ୟାଳୟରେ ପଦବୀ ପୂରଣ

1950 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲାରେ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ସଂଖ୍ୟା କେତେ ; ସେଥିରେ Lecturer/Assistant Professor ତଥା କେଉଁ category ର କେତେ ପଦବୀ ଖାଲିଅଛି, ମହାବିଦ୍ୟାଳୟ ନାମୱାରୀ ପ୍ରଦାନ କରିବେ କି ; ସେସବୁ ପଦବୀ ପୂରଣ ପାଇଁ କେବେ ପ୍ରକ୍ରିୟା ଆରମ୍ଭ ହେବ ବା ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବିଷୟରେ ସୂଚନା ପ୍ରଦାନ କରିବେ କି ; (ଖ) ବାଲେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟକୁ Autonomous ଭାବେ ରୂପାନ୍ତରଣ କରିବା ନିମନ୍ତେ UGCକୁ ସମସ୍ତ ଆବଶ୍ୟକ କାଗଜପତ୍ର ଦିଆଯାଇଛି କି ; ବିଭାଗ ପକ୍ଷରୁ UGC କୁ ଯୋଗାଯୋଗ କରାଯାଇଛି କି ; UGC ପକ୍ଷରୁ ଆସିଥିବା ଉତ୍ତର କଣ କହିବେ କି?

----

## କ୍ରିକେଟ ଏକାଡେମୀ ଖୋଲିବା ପାଇଁ ପଦକ୍ଷେପ

1951 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡିଶାରେ କେତେଗୋଟି ଓ କେଉଁଠି କ୍ରିକେଟ ଏକାଡେମୀ ଅଛି ; OCA ପକ୍ଷରୁ ଏକାଡେମୀ ପାଇଁ କେତେଗୋଟି ସ୍ଥାନକୁ ଅନୁମୋଦନ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ଏକାଡେମୀ କେଉଁ କାରଣ ପାଇଁ ଖୋଲି ପାରିନାହିଁ ଏବଂ ଏ ଦିଗରେ ବିଭାଗ କଣ ପଦକ୍ଷେପ ଗ୍ରହଣ କରୁଛି ; (ଖ) ଏହି ମର୍ମରେ ବାଲେଶ୍ୱର ଠାରେ କ୍ରିକେଟ ଏକାଡେମୀ ଖୋଲିବା ପାଇଁ ଅନୁମୋଦନ ହୋଇଥିଲେ ମଧ୍ୟ କଣ ପାଇଁ ଆଜି ଯାଏଁ ଏକାଡେମୀ ଖୋଲିନାହିଁ ; ଏକାଡେମୀ ଖୋଲିଲେ କଣ ବିଶେଷ ସୁବିଧା ମିଳିବ କହିବେ କି ; ବିଭାଗ ପକ୍ଷରୁ ବାଲେଶ୍ୱରରେ କେଉଁ ତାରିଖ ସୁଦ୍ଧା ଏକାଡେମୀ ଖୋଲାଯିବ?

----

## ଦୂର୍ଗା ପୂଜା ମେଢ଼ ପାଇଁ ଅନୁଦାନ

1952 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଆ ସଂସ୍କୃତି ତଥା ପରମ୍ପରାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସମଗ୍ର ଓଡ଼ିଶାରେ ସରକାରଙ୍କ ପକ୍ଷରୁ କେତେଗୋଟି ଦୂର୍ଗା ପୂଜା ମେଢ଼କୁ ଆର୍ଥିକ ଅନୁଦାନ ଦିଆଯିବା ପାଇଁ ସ୍ଥିରୀକୃତ କରାଯାଇଛି; କେବେ ସୁଦ୍ଧା ଏବଂ କେଉଁ ଆଧାରରେ କେତେ ଅର୍ଥ ପ୍ରଦାନ କରାଯିବ ; (ଖ)ଏହି ମର୍ମରେ ବାଲେଶ୍ୱର ଜିଲ୍ଲାରେ କେତେ ଅର୍ଥ କାହାକୁ ପ୍ରଦାନ କରାଯିବ ମେଢ଼ର ନାମ ୱାରି ତଥ୍ୟ ପ୍ରଦାନ କରିବା ସହ ଅର୍ଥ ପ୍ରଦାନର ତାରିଖ କହିବେ କି ?

----

## ଓବିସି ହଷ୍ଟେଲର ସ୍ଥିତି

1953 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବାଲେଶ୍ୱର ସହରର ବ୍ରିଟ୍ କଲ୍ୟାଣ ମଣ୍ଡପ ନିକଟରେ ନିର୍ମିତ ଓବିସି ହଷ୍ଟେଲର ବର୍ତ୍ତମାନ ସ୍ଥିତାବସ୍ଥା କଣ, ୩୦୦ ଶଯ୍ୟା ବିଶିଷ୍ଟ ଏହି ନିବାସରେ କେତେ ଜଣ ଛାତ୍ରଛାତ୍ରୀ ରହୁଛନ୍ତି, ଏଥିରେ କଣ ସୁବିଧାମାନ ଉଦ୍ଦିଷ୍ଟ ଅଛି , ଏହାକୁ କିଏ ଏବଂ କେଉଁ ନିୟମରେ ଚଳାଉଛି; ଏହି ଛାତ୍ରାବାସଟି ପିଲାଙ୍କ ବ୍ୟତୀତ ଅନ୍ୟ କେଉଁ କାର୍ଯ୍ୟ ପାଇଁ ବ୍ୟବହୃତ ହୋଉଅଛି କି; ଛାତ୍ରାବାସର ଗୃହ ଓ ଶୌଚାଳୟ ସ୍ଥିତି ଠିକ ଅଛି ନା ରକ୍ଷଣାବେକ୍ଷଣର ଅଭାବରୁ ଅବକ୍ଷୟ ହେବାରେ ଲାଗିଛି ?

----

## ପିଲାଙ୍କୁ ଦକ୍ଷ କରିବା ପାଇଁ ପଦକ୍ଷେପ

1954 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲା ସମେତ ସଦର ନିର୍ବାଚନ ମଣ୍ଡଳୀରେ ଦକ୍ଷତା ବିକାଶ ଓ Technical edu ବିଭାଗ ପକ୍ଷରୁ କେଉଁ କାର୍ଯ୍ୟକ୍ରମ ସବୁ ହାତକୁ ନିଆଯାଇଛି; ଯୋଜନା /କାର୍ଯ୍ୟକ୍ରମ/ ଅର୍ଥ ଅନୁଯାଇ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି; ଜିଲ୍ଲାରେ ଗତ ୨ବର୍ଷ ମଧ୍ୟରେ employment exchange ପକ୍ଷରୁ କେତେ ଜଣ ମେଧାବୀଙ୍କୁ ରୋଜଗାର ଦିଆଯାଇଛି; ପିଲାମାନଙ୍କୁ skilling କରିବା ଦିଗରେ ବିଭାଗ କଣ ପଦକ୍ଷେପ ଗ୍ରହଣ କରୁଛି?

----

### Misuse of fund under RUSA scheme

1955 **Shri Om Prakash Mishra (Satyabadi):**

Will the Minister for **Higher Education** be pleased to state that:- The CAG report (2024) highlighted significant financial irregularities: Utkal University misused Rs. 24.18 crore under RUSA scheme (including Rs. 25.7 crore on RUSA Bhawan against guidelines), Rs. 1.83 crore irregularly diverted for computers, 115 desktops from BPUT remain idle for 6+ years and Rama Devi Women's University incurred Rs. 7.45 crore in wasteful expenditure, has disciplinary action been taken against responsible officials; what recovery measures are in place; What new financial oversight mechanisms have been implemented to prevent recurrence?

----

### Steps taken to Rectify delay payment process

1956 **Shri Om Prakash Mishra (Satyabadi):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- The CAG report (2023) revealed that 2,41,870 out of 3,12,82,316 PMS beneficiaries had non-Aadhaar- seeded bank accounts, causing failed transactions; In 2024-25, how many scholarship beneficiaries from Puri district experienced delays exceeding 30 days; Has the state implemented any mechanism to flag and rectify such delays before they impact student welfare?

----

### Coach training programme

1957 **Shri Om Prakash Mishra (Satyabadi):**

Will the Minister for **Sports & Youth Services** be pleased to state that:- (a) How many youth from rural areas, particularly Satyabadi block, have been

employed as coaches, trainers and administrative staff in state sports facilities during the last three years; (b) What coaching certification and training programs are available for aspiring sports coaches in Satyabadi block and rural Puri district; whether the Odisha Youth Apprenticeships Scheme announced by the government includes sports Coaching and sports facility management as eligible apprenticeship disciplines; what partnerships exist with sports academies, institutes of physical education and coaching bodies to create employment opportunities for youth interested in sports careers; What is the planned recruitment of coaching and support staff for the proposed 314 block-level stadiums and whether priority will be given to local talents from respective blocks?

----

**Integration of AI, IoT in all Government ITIs**

1958 **Shri Om Prakash Mishra (Satyabadi):**

Will the Minister for **Skill Development & Technical Education** be pleased to state that:- The Asian Development Bank's social monitoring report identified that Odisha's training capacity is insufficient, with outdated curricula, inadequate equipment and shortage of industry-experienced trainers, particularly at ITIs; As the state transitions toward Industry 4.0 and emerging sectors like agritech, renewable energy and electronics manufacturing, what comprehensive curriculum modernisation plan has been established; Will the Govt. bring out the timeline for integrating AI, IoT and automation modules across all government ITIS?

----

**Road map for global academic partnership**

1959 **Shri Om Prakash Mishra (Satyabadi):**

Will the Minister for **Odia Language, Literature & Culture** be pleased to state that:- The government announced a Rs 10 crore corpus for research at Odia University in Satyabadi; How much of this fund has been operationalised; What concrete research projects or academic exchanges have emerged from this corpus and what are the tangible benefits for the youth and scholars of Satyabadi; Are there plans to collaborate internationally (with Odia chairs abroad) via Satyabadi's Odia University; What is the roadmap for such global academic partnerships and how will students of Satyabadi benefit ?

----

## ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀ ବ୍ୟବସ୍ଥା

1960 **Shri Sudhir Ranjan Pattjoshi (Dharmgarh):**

Will the Minister for **Higher Education** be pleased to state that:- କଳାହାଣ୍ଡି ଜିଲ୍ଲାର ଦ୍ୱିତୀୟ ସର୍ବପୁରାତନ ମହାବିଦ୍ୟାଳୟ ଧର୍ମଗଡ ପଞ୍ଚାୟତ ମହାବିଦ୍ୟାଳୟରେ ବର୍ତ୍ତମାନ ସୁଦ୍ଧା କୌଣସି ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ପାଇଁ ଅନୁମତି ଦିଆଯାଇ ନାହିଁ; ଏଥିପାଇଁ ମହାବିଦ୍ୟାଳୟ ତରଫରୁ ସାତଟି ବିଷୟ ପାଇଁ ଆବେଦନ କରାଯାଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା କଳାହାଣ୍ଡି ଜିଲ୍ଲାର ଏହି ଦ୍ୱିତୀୟ ସର୍ବପୁରାତନ ମହାବିଦ୍ୟାଳୟକୁ ଅନୁମତି ଦିଆଯାଇ ନାହିଁ; ଧର୍ମଗଡ଼ ଉପଖଣ୍ଡରେ କୌଣସି ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀ ନଥିବା କାରଣରୁ ରାଜ୍ୟ ସରକାର ଏ ଦିଗରେ କି ପଦକ୍ଷେପ ନେଇଛନ୍ତି?

----

## କମ୍ପୋଜିଟ କଲେଜର ମାନ୍ୟତା ପ୍ରଦାନ

1961 **Shri Sudhir Ranjan Pattjoshi (Dharmgarh):**

Will the Minister for **School and Mass Education** be pleased to state that:- କଳାହାଣ୍ଡି ଜିଲ୍ଲା ଧର୍ମଗଡ ଉପଖଣ୍ଡ ସହରରେ ୧୯୯୨ ମସିହାରେ ଧର୍ମଗଡ଼ ମହିଳା ମହାବିଦ୍ୟାଳୟର ସ୍ଥାପନ ହେଲା ସେଇ ଦିନ ଠାରୁ ଏହା ଗୋଟିଏ ଜମି ଓ ଏକା ପରିସରରେ ପ୍ଲସ ଥ୍ରୀ ଓ ପ୍ଲସ ଟୁ ଦୁଇଟି ଶାଖା କାର୍ଯ୍ୟକାରୀ ହୋଇ ଆସୁଛି; ରାଜ୍ୟର ଅନେକ ସ୍ଥାନରେ କମ୍ପୋଜିଟ କଲେଜ ହିସାବରେ ପ୍ଲସ ଥ୍ରୀ ଓ ପ୍ଲସ ଟୁ ରହିଥିଲା ବେଳେ ଧର୍ମଗଡ଼ରେ ଏହା ପୃଥୀକରଣ ହେଇଛି; ଗୋଟେ ଜମିରେ ଗୋଟେ ବିଲ୍ଡିଂର ଇନ୍ଫ୍ରାଷ୍ଟ୍ରକ୍ଚରରେ ରାଜ୍ୟର ଅନେକ ସ୍ଥାନରେ କମ୍ପୋଜିଟ କଲେଜ ଭାବରେ ମାନ୍ୟତା ପାଇଛି, ଏହାକୁ ରାଜ୍ୟ ସରକାର କମ୍ପୋଜିଟ କଲେଜର ମାନ୍ୟତା ଦେଇ ଏକ ପ୍ରଶାସନିକ ଅଧିନକୁ ଆଣିବା ପାଇଁ ଅଞ୍ଚଳର ବହୁ ଦିନର ଦାବି ଉପରେ କି ପଦକ୍ଷେପ ନେଇଛନ୍ତି ଜଣେଇବେ କି, ଏହାକୁ ସରକାର ହାତକୁ ନେବାକୁ ବ୍ୟବସ୍ଥା କରିବେ କି ?

----

## ଜନଜାତି ହଷ୍ଟେଲ ନିର୍ମାଣ

1962 **Shri Sudhir Ranjan Pattjoshi (Dharmgarh):**

Will the Minister for **Social Security & Empowerment of Persons with Disabilities** be pleased to state that:- କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧର୍ମଗଡ଼ ଉପଖଣ୍ଡ ସହରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କ ପାଇଁ ରହିବା ସୁବିଧା ନଥିବା ଓ ଏହି ସହରରେ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟରେ ବହୁ ସଂଖ୍ୟାରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ, ଏକ ଶହେ ଶଯ୍ୟା ବିଶିଷ୍ଟ ଜନଜାତି ହଷ୍ଟେଲ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ହୋଇଥିବା ଦାବି ଉପରେ କି ପଦକ୍ଷେପ ଗ୍ରହଣ କରାଯାଇଛି ଓ ଏହା କେବେ କାର୍ଯ୍ୟକାରୀ ହବ?

----

## ଧର୍ମଗଡ ସହରରେ ଷ୍ଟାଡିୟମ ନିର୍ମାଣ

**1963** **Shri Sudhir Ranjan Pattjoshi (Dharmgarh):**

Will the Minister for **Sports & Youth Services** be pleased to state that:- ଧର୍ମଗଡ ସହରରେ ଏକ ଷ୍ଟାଡିୟମ ନିର୍ମାଣ ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଥିବା ଓ ଏଥିପାଇଁ ଜମି ଅଧିଗ୍ରହଣ ସକାଶେ କି ପଦକ୍ଷେପ ନିଆଯାଇଛି ତାର ଉତ୍ତର ରଖିବେ କି; ଧର୍ମଗଡ଼ ଉପଖଣ୍ଡରେ ଖେଳକୁଦର ପ୍ରସାର ଓ ପ୍ରଚାର ପାଇଁ ଏଥିସହ ଖେଳ ପ୍ରକଳ୍ପ ନିର୍ମାଣ ଓ ଏହାର କାର୍ଯ୍ୟକାରିତା ପାଇଁ ଜିଲ୍ଲା ସ୍ପୋର୍ଟସ ବିଭାଗ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା

**1964** **Shri Sudhir Ranjan Pattjoshi (Dharmgarh):**

Will the Minister for **Industries** be pleased to state that:- ଧର୍ମଗଡ ନିର୍ବାଚନ ମଣ୍ଡଳୀ କୋକସରା ଓ ଧର୍ମଗଡ ବ୍ଲକ ଅଞ୍ଚଳ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ରାସ୍ତା କଡ଼ରେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଚିହ୍ନଟ ହୋଇଥିବା ଖବର ସତ୍ୟ କି, ଯଦି ଉତ୍ତର ହଁ ହୁଏ, ତେବେ କଳାହାଣ୍ଡି ଜିଲ୍ଲା ଭଳି ଏକ କୃଷିଭିତ୍ତିକ ଜିଲ୍ଲାର ବିକାଶରେ କୃଷି ଶିଳ୍ପ ପ୍ରତିଷ୍ଠା ଗୁରୁତ୍ୱ ବହନ କରେ, ରାଜ୍ୟ ସରକାର ଶିଳ୍ପାୟନ ପାଇଁ ଶିଳ୍ପପତି ମାନଙ୍କୁ ଆମନ୍ତ୍ରଣ କରୁଛନ୍ତି ସେଇ ପରିପ୍ରେକ୍ଷୀରେ ଅମପାଣି ଠାରୁ ଧର୍ମଗଡ଼ ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସ ୱେ କଡରେ ପାନୀୟ ଜଳ, ବିଦ୍ୟୁତ, ଜମି ଓ ଗମନାଗମନର ପ୍ରକୃଷ୍ଟ ସୁବିଧା ରହିଥିଲା ବେଳେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି?

----

## ସୋରୋରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ପରିବାରଙ୍କ ସଂଖ୍ୟା

**1965** **Shri Madhab Dhada (Soro):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- (କ) ସୋରୋ ନିର୍ବାଚନ ମଣ୍ଡଳୀରେ ସଂଖ୍ୟାଲଘୁ ସଂପ୍ରଦାୟର କେତେ ପରିବାର ବସବାସ କରୁଛନ୍ତି ଓ ସେମାନେ ସ୍ୱାଭାବିକ ଭାବେ ଜୀବନଯାପନ ପାଇଁ କେଉଁ କେଉଁ ସରକାରୀ ସୁବିଧା ପ୍ରାପ୍ତ ହେଉଛନ୍ତି କହିବେ କି ; ସେହିପରି OBC ମାନଙ୍କ ସଂଖ୍ୟା କେତେ ଓ ସେମାନେ କୌଣସି ସରକାରୀ ସୁବିଧା କଣ ପାଉଛନ୍ତି କହିବେ କି ; ସଂଖ୍ୟାଲଘୁମାନଙ୍କ ସୁରକ୍ଷା ପାଇଁ ଓ ବିକାଶ ପାଇଁ ସରକାରଙ୍କର ଯୋଜନା କଣ ଅଛି, ଖ) ସଂଖ୍ୟାଲଘୁ ସଂପ୍ରଦାୟମାନଙ୍କର ଉନ୍ନତିକଳ୍ପେ ସୋରୋ ନିର୍ବାଚନ ମଣ୍ଡଳୀ ଅନନ୍ତପୁର ଗ୍ରାମପଞ୍ଚାୟତର ବେଲପୁର୍ ବାହାନଗା ବ୍ଲକର ସାହସପୁରା, ଉପର ଆଡ଼ିଆ ସୋର ମ୍ୟୁନିସିପାଲଟି ର 5,6 ଓ 12 ନମ୍ବର ୱାର୍ଡରେ ଗୋଷ୍ଠୀ-ତଥା-ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରିବେ କି, ସୋର ନିର୍ବାଚନ ମଣ୍ଡଳୀରେ ବସବାସ କରୁଥିବା ସଂଖ୍ୟାଲଘୁ ସଂପ୍ରଦାୟମାନଙ୍କର ଶ୍ମଶାନର ଉନ୍ନତିକଳ୍ପ ଅର୍ଥ ରାଶି ପ୍ରଦାନ କରିବେ କି ଏବଂ କେବେ ସୁଦ୍ଧା ଅର୍ଥ ମଞ୍ଜୁର କରି କାର୍ଯ୍ୟ ଆରମ୍ଭ କରିବେ ?

----

## ଅଧ୍ୟାପକ ଓ କର୍ମଚାରୀଙ୍କ ସଂଖ୍ୟା

**1966** **Shri Madhab Dhada (Soro):**

Will the Minister for **Higher Education** be pleased to state that:- ୨୦୧୪ ରୁ ୨୦୧୮ ମଧ୍ୟରେ କେତେ ସଂଖ୍ୟାରେ ଅଧ୍ୟାପକ ଓ କର୍ମଚାରୀ ରାଜ୍ୟରେ ଅଛନ୍ତି ଓ ସେମାନେ ମାସିକ କେତେ ଟଙ୍କା ସରକାରଙ୍କ ଠାରୁ ପାଉଛନ୍ତି, ଯଦି ନା, ତେବେ ସେମାନଙ୍କୁ କେବେ ସୁଦ୍ଧା ସରକାରୀ ଅନୁଦାନ ପରିସର ଭୁକ୍ତ କରାଯିବ, ଏଥିପାଇଁ ରାଜ୍ୟ ରାଜକୋଷ ଉପରେ କେତେ ଆର୍ଥିକ ବୋଝ ପଡିବ ?

----

## ସଂସ୍କୃତି ଭବନ ପ୍ରତିଷ୍ଠା

**1967** **Shri Madhab Dhada** (Soro):

Will the Minister for **Odia Language, Literature & Culture** be pleased to state that:- (କ) ଓଡିଆ ଭାଷା ସାହିତ୍ୟର ସୁଦକ୍ଷ ବିଦ୍ଧାଣୀ କବିବର ରାଧାନାଥ ରାୟଙ୍କ ସ୍ମୃତିରକ୍ଷା ଓ ଉତ୍କଳ ସମ୍ମିଳନୀ ସ୍ମୃତିକୁ ଅକ୍ଷୁଣ୍ଣ ରଖିବା ଉଦ୍ଦେଶ୍ୟରେ ସୋରୋ ମୁନସିପାଲିଟି ଠାରେ ଏକ ପ୍ରସ୍ତୁତି ଭବନ ପ୍ରତିଷ୍ଠା ସହେବା ମାଧ୍ୟମରେ ଓଡିଶା ଭାଷା ସାହିତ୍ୟ ଗବେଷଣା, କଳା, ଓ ସଂସ୍କୃତିରପ୍ରୋତ୍ସାହନ ଦେବାର ପ୍ରସ୍ତାବକୁ ସ୍ୱୀକାର କରି କାର୍ଯ୍ୟ ଆରମ୍ଭ କରିବେ କି, ଖ) ସୋର ଅଞ୍ଚଳର ଲୁକାୟିତ ବରପୁତ୍ର ମାନଙ୍କୁ ସମ୍ମାନ ପ୍ରଦାନ ନିମନ୍ତେ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ଦିଗରେ ବିଭାଗ କଣ ପଦକ୍ଷେପ ଗ୍ରହଣ କରିଛନ୍ତି କହିବେ କି, ଏହି ମର୍ମରେ ସାଧାରଣ ଲୋକଙ୍କର ପ୍ରସ୍ତାବ ଅନୁଯାୟୀ ସୋର ଅଞ୍ଚଳର ଶିକ୍ଷାଗୁରୁ ଓ ୩୪ କୋଟି ଶିକ୍ଷା ଅନୁଷ୍ଠାନ ର ପ୍ରତିଷ୍ଠାତା ରୂପେ ପରିଚିତ ସ୍ୱର୍ଗତ ଉପେନ୍ଦ୍ରନାଥ ପ୍ରଧାନଙ୍କର ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ବିଭାଗ ଅର୍ଥ ଖର୍ଚ୍ଚ କରିବା ସହିତ ସୋର ସହରର ପ୍ରମୁଖ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ବିଭାଗ ବିଶେଷ ଧ୍ୟାନ ଦେବେ କି ?

----

## ବ୍ଲକସ୍ତରୀୟ କ୍ରୀଡାନୁଷ୍ଠାନ ପ୍ରତିଷ୍ଠା

**1968** **Shri Madhab Dhada** (Soro):

Will the Minister for **Sports & Youth Services** be pleased to state that:- (କ) ସରକାରଙ୍କର ଗ୍ରାମାଞ୍ଚଳ କ୍ରୀଡାର ପ୍ରସାତର ବିସ୍ତାର ପାଇଁ ବ୍ଲକ ସ୍ତରୀୟ କ୍ରୀଡାନୁଷ୍ଠାନ (Sports Complex) ପ୍ରତିଷ୍ଠା ସକାଶେ ନୀତିଗତ ନିଷ୍ପତ୍ତି କଣ, ଏପର୍ଯ୍ୟନ୍ତ ରାଜ୍ୟରେ ଏପରି କ୍ରୀଡାନୁଷ୍ଠାନ କେତୋଟି ନିର୍ମାଣ ହେଲାଣି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି, ସୋରୋ ବ୍ଲକରେ ପାଖର ଗ୍ରାମ ପଞ୍ଚାୟତରେ ପ୍ଲଟ ନମ୍ବର ୨୨୨୩ ର 10 ଏକରରୁ ଅଧିକ ସରକାରୀ ଜମି ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଚିହ୍ନଟ ହୋଇସାରି ଜିଲ୍ଲାରୁ ପ୍ରସ୍ତାବ ଆସିଥିଲେ କେବେ ସରକାର ମଞ୍ଜୁର ନେବେ ଓ ଅର୍ଥ ବ୍ୟୟ ବରାଦ ନିର୍ମାଣ କାର୍ଯ୍ୟ ପାଇଁ ହେବ, (ଖ) ସୋରୋ ପୌରପାଳିକାର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପରିସର ରେ ନିର୍ମାଣଧୀନ Indoor stadium hall ଅଧାପନ୍ତରିଆ ଅବସ୍ଥାରେ ପଡିରହିଥିବା ର ସ୍ଥିତାବସ୍ଥା କଣ ସରକାର ଜାଣନ୍ତି କି, ଯଦି ଉତ୍ତର ହଁ ହୁଏ, ତେବେ କେବେ ସୁଦ୍ଧା ଏହା କାର୍ଯ୍ୟାରମ୍ଭ ହେବ?

----

## ଛାତ୍ରୀବାସ ନିର୍ମାଣ

1969 **Shri Madhab Dhada (Soro):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ସୋରୋ ନିର୍ବାଚନ ମଣ୍ଡଳୀର ବାହାନଗା ବ୍ଲକ ର ବାରିପଦା ଗ୍ରାମପଞ୍ଚାୟତ ର କରଞ୍ଜବିନ୍ଧା ସେବାଶ୍ରମ ର ଛାତ୍ରୀବାସ ନିର୍ମାଣ ଓ କାର୍ଯ୍ୟକାରୀ କରିବା ପାଇଁ କ'ଣ ବ୍ୟବସ୍ଥା କରାଯାଇଛି, ଏହା କେବେସୁଦ୍ଧା କାର୍ଯ୍ୟକାରୀ ହେବ ଏହି ପ୍ରକଳ୍ପ ରେ କେତେ ଅର୍ଥରାଶି ଆସିଛି ଏହାର Estimate Agreement ତଥ୍ୟ ପ୍ରଦାନ କରିବେ କି ?

----

## କ୍ରସର ୟୁନିଟ ଉପରେ ଜୋରିମାନା

1970 **Shri Akhila Chandra Naik (Patna):**

Will the Minister for **Industries** be pleased to state that:- ୨୦୧୫ ମସିହାରୁ ଏଯାବତ୍ କେନ୍ଦୁଝର ଜିଲ୍ଲାର କେଉଁ କେଉଁ କ୍ରସର୍ ୟୁନିଟ୍ ଉପରେ କେତେ ଟଙ୍କା ଜୋରିମାନା ହୋଇଛି ତାହାର ତହସିଲୱାରୀ ଓ ଖିଲାପକାରୀଙ୍କ ତଥ୍ୟ ରଖିବେ କି, ଜରିମାନାରୁ କେତେ ଆଦାୟ ହୋଇଛି ଓ କେତେ ଅନାଦେୟ ରହିଛି ଜଣାଇବେ କି, କେଉଁ କାରଣ ପାଇଁ ଖିଲାପକରୀଙ୍କ ଠାରୁ ଜରିମାନା ଅର୍ଥ ଆଦାୟ ହୋଇପାରି ନାହିଁ, ଏହାର ତହସିଲ ୱାରୀ ତଥ୍ୟ ପ୍ରଦାନ କରିବେ କି, ଖିଲାପକାରିଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କିମ୍ବା ଏଥିପାଇଁ ସୁପାରିସ କରାଯାଇଛି, ବିଭାଗ ତଥା ମାନ୍ୟବର କୋର୍ଟଙ୍କ ସମସ୍ତ ନିୟମକୁ ଅନୁପାଳନ କରି ଚାଲୁଥିବା କ୍ରସର ୟୁନିଟ ଗୁଡିକର ନାମ, ଏଗୁଡିକ କାହା ମାଲିକାନରେ ରହିଛି, ଏହାର ଅବଧି କେବେ ଶେଷ ହେବ ଜଣାଇବେ କି, ସେହିପରି ୨୦୨୪ ମସିହା ଜାନୁଆରୀ ୧ ତାରିଖରୁ କେଉଁ କ୍ରସର ୟୁନିଟ କୁ କେତେ transit pass ଦିଆଯାଇଛି ?

----

## ସଂସ୍କୃତ ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ବ୍ୟବସ୍ଥା

1971 **Shri Akhila Chandra Naik (Patna):**

Will the Minister for **School and Mass Education** be pleased to state that:- ସଂସ୍କୃତ ଶିକ୍ଷାକୁ ପ୍ରଚାର ଓ ପ୍ରସାର କରିବା ପାଇଁ ସରକାରଙ୍କ ପକ୍ଷରୁ କଣ ବ୍ୟବସ୍ଥା କରାଯାଇଛି, ରାଜ୍ୟରେ କେତେଗୋଟି ସଂସ୍କୃତ ବିଦ୍ୟାଳୟ (ଟୋଲ) ରହିଛି, ସେଥିରୁ କେତେଗୋଟି ବର୍ତ୍ତମାନ କାର୍ଯ୍ୟକ୍ଷମ ଓ କେତେଗୋଟି ଟୋଲ ବର୍ତ୍ତମାନ ବନ୍ଦ ରହିଛି ତାର ଜିଲ୍ଲା ୱାରି ତାଲିକା ପ୍ରଦାନ କରିବେ କି, ସଂସ୍କୃତ ଟୋଲଗୁଡିକ ବନ୍ଦ ହେବାର ପ୍ରମୁଖ କାରଣ ଗୁଡ଼ିକ କଣ ଓ ବନ୍ଦ ଥିବା ଟୋଲ ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ବିଭାଗ ପକ୍ଷରୁ କଣ ଉଦ୍ୟମ କରାଯାଉଛି, ରାଜ୍ୟରେ ସଂସ୍କୃତ ଶିକ୍ଷକ ପଦବୀ ସଂଖ୍ୟା କେତେ, ସେଥିରୁ କେତେ ଶିକ୍ଷକ ପଦବୀ ପୂରଣ ହୋଇଛି ଓ କେତେ ଫାଙ୍କା ଅଛି ତାର ଜିଲ୍ଲା ୱାରି ତଥ୍ୟ ପ୍ରଦାନ କରିବେ କି, ବିଦ୍ୟାଳୟରେ ଖାଲି ପଡିଥିବା ସଂସ୍କୃତ ଶିକ୍ଷକ ପଦବୀ ପୂରଣ ପାଇଁ ବିଭାଗ ପକ୍ଷରୁ କଣ ନିଷ୍ପତ୍ତି ଗ୍ରହଣ କରାଯାଇଛି ଓ ଏହା କେବେ ସୁଦ୍ଧା ପୂରଣ ହେବ ଜଣାଇବେ କି, ସଂସ୍କୃତ ଶିକ୍ଷକଙ୍କୁ ଅନ୍ୟ ଶିକ୍ଷକଙ୍କ ସହ ସମାନ ଅଗ୍ରାଧିକାର ଦିଆଯିବାର ବ୍ୟବସ୍ଥା କରିବେ କି ?

----

## ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ବ୍ୟବସ୍ଥା

**1972** **Shri Akhila Chandra Naik (Patna):**

Will the Minister for **Odia Language, Literature & Culture** be pleased to state that:- ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସରକାର କଣ ବ୍ୟବସ୍ଥା କରିଛନ୍ତି, ପ୍ରତି ଜିଲ୍ଲାରେ ଜଗନ୍ନାଥ ପ୍ରସାର ପାଇଁ ୨୦୨୦ ମସିହାରୁ ଏଯାବତ ରାଜ୍ୟରେ କେତେ ଅର୍ଥ ବ୍ୟୟ କରାଯାଇଛି ତା'ର ଜିଲ୍ଲାୱାରୀ ତଥ୍ୟ ବିଭାଗ ପକ୍ଷରୁ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ଜିଲ୍ଲାସ୍ତରୀୟ କେନ୍ଦ୍ର ଖୋଲିବାର ବ୍ୟବସ୍ଥା ମନ୍ଦିରରେ ଦର୍ଶନ କରିବା ପାଇଁ ସାଧୁସନ୍ଥ ଓ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ବ୍ୟବସ୍ଥା କରିବେ କି ?

----

## ସୁମଙ୍ଗଳ ଯୋଜନାରେ ଦିଆଯାଉଥିବା ସୁବିଧା

**1973** **Shri Akhila Chandra Naik (Patna):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ରାଜ୍ୟରେ ସୁମଙ୍ଗଳ ଯୋଜନାରେ ହିତାଧିକାରୀମାନଙ୍କୁ କେଉଁ କେଉଁ ସୁବିଧା ମିଳୁଛି, ଏହି ଯୋଜନାରେ ୨୦୧୫ ମସିହାରୁ ବିଭିନ୍ନ ସୁବିଧା / ପୋତ୍ସାହନ ପାଇଥିବା ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ତାଲିମ ପାଇଁ ହୋଇଥିବା ଅର୍ଥ ବ୍ୟୟର ତଥ୍ୟ

**1974** **Shri Akhila Chandra Naik (Patna):**

Will the Minister for **Skill Development & Technical Education** be pleased to state that:- ୨୦୨୦ ମସିହାରୁ ଆଜିପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାରେ ବିଭାଗ ପକ୍ଷରୁ କେତେଜଣ ପିଲାଙ୍କୁ ତାଲିମ ପ୍ରଦାନ କରାଯାଇଛି ଏବଂ ଏଥିପାଇଁ କେତେ ଅର୍ଥ ବ୍ୟୟ କରାଯାଇଛି ତାହାର ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି, ତାଲିମ ପାଇବାପରେ କେଉଁମାନେ କେଉଁ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି ?

----

## ସଂସ୍କୃତ ମହାବିଦ୍ୟାଳୟ ଗୁଡିକ ବନ୍ଦ ହେବାର କାରଣ ସମ୍ପର୍କରେ

**1975** **Shri Ashok Kumar Das (Basudevpur):**

Will the Minister for **Higher Education** be pleased to state that:- ସଂସ୍କୃତ ଶିକ୍ଷାକୁ ପ୍ରଚାର ଓ ପ୍ରସାର କରିବା ପାଇଁ ସରକାରଙ୍କ ପକ୍ଷରୁ କଣ ବ୍ୟବସ୍ଥା କରାଯାଇଛି, ଭଦ୍ରକ ଜିଲ୍ଲାରେ କେତେଗୋଟି ସଂସ୍କୃତ ମହାବିଦ୍ୟାଳୟ ରହିଛି, ସେଥିରୁ କେତେଗୋଟି ବର୍ତ୍ତମାନ କାର୍ଯ୍ୟକ୍ଷମ ଓ କେତେଗୋଟି ବର୍ତ୍ତମାନ ବନ୍ଦ ରହିଛି ତାର ବ୍ଲକ ୱାରି ତାଲିକା ପ୍ରଦାନ କରିବେ କି, ସଂସ୍କୃତ ମହାବିଦ୍ୟାଳୟ ଗୁଡିକ ବନ୍ଦ ହେବାର ପ୍ରମୁଖ କାରଣ ଗୁଡ଼ିକ କଣ ଓ ବନ୍ଦ ଥିବା ମହାବିଦ୍ୟାଳୟ ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ବିଭାଗ ପକ୍ଷରୁ କଣ ଉଦ୍ୟମ କରାଯାଉଛି, ଜିଲ୍ଲାରେ ସଂସ୍କୃତ ଅଧ୍ୟାପକ ପଦବୀ ସଂଖ୍ୟା କେତେ, ସେଥିରୁ କେତେ ଅଧ୍ୟାପକ ପଦବୀ ପୂରଣ ହୋଇଛି ଓ କେତେ ଫାଙ୍କା ଅଛି ତାର ବ୍ଲକ ୱାରି ତଥ୍ୟ ପ୍ରଦାନ କରିବେ କି, ମହାବିଦ୍ୟାଳୟରେ ଖାଲି ପଡିଥିବା ସଂସ୍କୃତ ଅଧ୍ୟାପକ ପଦବୀ ପୂରଣ ପାଇଁ ବିଭାଗ ପକ୍ଷରୁ କଣ ନିଷ୍ପତ୍ତି ଗ୍ରହଣ କରାଯାଇଛି ଓ ଏହା କେବେ ସୁଦ୍ଧା ପୂରଣ ହେବ ଜଣାଇବେ କି, ଜିଲ୍ଲାରେ କେଉଁ ମହାବିଦ୍ୟାଳୟରେ କେତେ ଜଣ ଅଧ୍ୟାପକ ଓ ଅନ୍ୟ କର୍ମଚାରୀ ନିଯୁକ୍ତ ଅଛନ୍ତି ତାର ମହାବିଦ୍ୟାଳୟୱାରି ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ଭଦ୍ରକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ MOU

1976 **Shri Ashok Kumar Das (Basudevpur):**

Will the Minister for **Industries** be pleased to state that:- ଭଦ୍ରକ ଜିଲ୍ଲାରେ ନୂଆ ଶିଳ୍ପ ପ୍ରତିଷ୍ଠା ପାଇଁ ୨୦୧୫ ଜାନୁୟାରୀ ୧ ତାରିଖରୁ ଆଜି ପର୍ଯ୍ୟନ୍ତ କେଉଁ କେଉଁ ସଂସ୍ଥା ସହ MOU ହୋଇଛି ଏବଂ ଏଗୁଡିକ କେଉଁ ସ୍ଥାନରେ, କେତେ କ୍ଷମତା ବିଶିଷ୍ଟ, କଣ ଉତ୍ପାଦନ ହେବ, କେତେ ଟଙ୍କାର, ଏଥିରେ କେତେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଓ ଏହାର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପକ୍ଷରୁ ଉକ୍ତ ସଂସ୍ଥା ଗୁଡିକୁ ଚୁକ୍ତି ଅନୁଯାଇ କି କି ସୁବିଧା ସୁଯୋଗ ଯୋଗାଇ ଦିଆଯିବାର ଯୋଜନା ରହିଛି ?

----

## ଭଦ୍ରକ ଜିଲ୍ଲାରେ ବନ୍ଦ ହୋଇଥିବା ବିଦ୍ୟାଳୟର ତାଲିକା

1977 **Shri Ashok Kumar Das (Basudevpur):**

Will the Minister for **School and Mass Education** be pleased to state that:- ଜିଲ୍ଲାରେ କେତୋଟି ସରକାରୀ ବିଦ୍ୟାଳୟ ବିଭିନ୍ନ କାରଣରୁ ବନ୍ଦ ହୋଇଛି ସେଗୁଡିକ କେବେଠାରୁ ଓ କେଉଁ କାରଣରୁ ବନ୍ଦ ହୋଇଛି ତା'ର ନାମ ସହ ବ୍ଲକୱାରୀ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି, ବନ୍ଦ ଥିବା ଶିକ୍ଷାନୁଷ୍ଠାନ ଗୁଡିକର ଉନ୍ନତି ପାଇଁ ଗତ ୫ ବର୍ଷ ମଧ୍ୟରେ କେତେ ଅର୍ଥ ବ୍ୟୟ କରିଛନ୍ତି ଓ ଭବିଷ୍ୟତରେ ଏଗୁଡିକ କେଉଁ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଯୋଜନା କରୁଛନ୍ତି ?

----

## ଭଦ୍ରକ ଜିଲ୍ଲାରେ ଥିବା ଶିକ୍ଷକ ପଦବୀ ସଂଖ୍ୟା

1978 **Shri Ashok Kumar Das (Basudevpur):**

Will the Minister for **School and Mass Education** be pleased to state that:-

ଭଦ୍ରକ ଜିଲ୍ଲାରେ ସରକାରୀ ବିଦ୍ୟାଳୟରେ ମୋଟ ଶିକ୍ଷକ ଓ ଅଣ ଶିକ୍ଷକ ପଦବୀ ସଂଖ୍ୟା କେତେ; ସେଥିମଧ୍ୟରୁ କେତେ ଖାଲି ପଡିଛି ତା'ର ବିଦ୍ୟାଳୟୱାରୀ ତଥ୍ୟ ପ୍ରଦାନ କରିବେ କି ; ଏହି ପଦବୀ ଗୁଡ଼ିକ ପୂରଣ ନିମନ୍ତେ ସରକାର କି ପଦ କରୁଛନ୍ତି; ସରକାରୀ ନିର୍ଦ୍ଦେଶାବଳୀ ତଥା ବିଭାଗର ବିନା ଅନୁମତିରେ ଜିଲ୍ଲାରେ କେଉଁ କେଉଁ ବେସରକାରୀ ଶିକ୍ଷାନୁଷ୍ଠା ତା'ର ବ୍ଲକୱାରି ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବା ସହ ସେଗୁଡିକ ବିରୁଦ୍ଧରେ ବିଭାଗ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ?

----

## Deputationରେ କାର୍ଯ୍ୟରତ କର୍ମଚାରୀଙ୍କ ତାଲିକା

**1979 Shri Ashok Kumar Das (Basudevpur):**

Will the Minister for **School and Mass Education** be pleased to state that:- ଭଦ୍ରକ ଜିଲ୍ଲାରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଏବଂ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କେଉଁ କେଉଁ ବର୍ଗର କର୍ମଚାରୀ Deputation ରେ କାର୍ଯ୍ୟରତ ଅଛନ୍ତି ତାହାର ତାଲିକା ପ୍ରଦାନ କରିବେ କି; Deputationରେ ଥିବା କର୍ମଚାରୀ ମାନଙ୍କର ମୂଳ ପୋଷ୍ଟରେ କାର୍ଯ୍ୟ କେମିତି ପରିଚାଳନା କରାଯାଉଛି; ସରକାର ଏ ସବୁ ପଦବୀକୁ ଏ ଯାଏଁ ପୁରଣ କରିନଥିବାର କାରଣ କଣ; ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ସ୍କୁଲ ମାନଙ୍କରେ କେତେ ଜଣ ମହିଳା ଶିକ୍ଷୟତ୍ରୀ ମାନଙ୍କୁ Admistrative Ground ରେ Transfer କରାଯାଇଛି ତାଲିକା ପ୍ରଦାନ କରିବେ କି?

----

## ଶିକ୍ଷକ ବଦଳୀ ନିତୀ ସମ୍ପର୍କରେ

**1980 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୫ ରେ ପ୍ରାଥମିକ ଶିକ୍ଷକମାନଙ୍କର Inter District Transfer କରିବାର Guideline କଣ ଅଛି ; Spouse Ground ରେ ସେହି Guideline ଅନୁସାରେ ଉଚିତ ପଦକ୍ଷେପ ନିଆଯାଉଛି କି; ଯଦି ହଁ ତେବେ, ପୁଣି କିପରି ବହୁମାତ୍ରାରେ ଶିକ୍ଷକମାନଙ୍କୁ Administrative Ground ଆଳ ଦେଖାଇ କୌଣସି ବୈଧ Guideline କିମ୍ବା Online ଆବେଦନ ନଥାଇ ଆନ୍ତଃ ଜିଲ୍ଲା Deployment ଆଧାରରେ KBK ବାହାରକୁ posting ଦିଆଯାଉଛି କି ?

----

## Dropout ହାର ରୋକିବା ପାଇଁ ଭୋକେସନାଲ କୋର୍ସ ପାଇଁ ବ୍ୟବସ୍ଥା

**1981 Shri Pabitra Saunta (Laxmipur):**

Will the Minister for **Higher Education** be pleased to state that:- ଯେଉଁମାନେ +2 ପରୀକ୍ଷାରେ ଖୁବ କମ ମାର୍ଜିନରେ ପାସ କରୁଛନ୍ତି ସେମାନେ ଉଚ୍ଚଶିକ୍ଷା ପାଇଁ Admission ସୁବିଧା ପାଉନଥିବାରୁ Drop out ହାର ବଢୁଛି ଏହାକୁ ରୋକିବା ପାଇଁ ସରକାର ଉକ୍ତ ଛାତ୍ର ଛାତ୍ରୀଙ୍କ ଉଚ୍ଚଶିକ୍ଷା କିମ୍ୱା ଭୋକେସନାଲ କୋର୍ସ ପାଇଁ ବ୍ୟବସ୍ଥା କରିବେ କି ; ଏତଦ୍ ବ୍ୟତୀତ ରାଜ୍ୟରେ କେତୋଟି Self Finance College ଅଛି ଓ ଉକ୍ତ କଲେଜ ଗୁଡିକରେ କେତେ ଛାତ୍ର ଛାତ୍ରୀ ପାଠ ପଢୁଛନ୍ତି ; ଲକ୍ଷ୍ମୀପୁରରେ ଥିବା କଲେଜରେ ଅର୍ଥନିର୍ମିତ ୨ ଗୋଟି ଅତିରିକ୍ତ ଶ୍ରେଣୀଗୃହ ୪ ବର୍ଷ ପୂର୍ବେ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ନ ସାରିବାର କାରଣ କଣ ଓ ଦଶମନ୍ତପୁର କଲେଜର ପାଚେରୀ କାମ କେବେ ସୁଦ୍ଧା ନିର୍ମାଣ ହେବ ?

----

## ଷ୍ଟାଡ଼ିୟମ ନିର୍ମାଣ ପାଇଁ ଜମି ଚିହ୍ନଟ

**1982 Shri Pabitra Saunta (Laxmipur):**

Will the Minister for **Sports & Youth Services** be pleased to state that:- ବିଭାଗ ପକ୍ଷରୁ ଘୋଷଣା ହୋଇଥିବା ବ୍ଲକୱାରୀ ଷ୍ଟାଡିୟମ୍ ନିର୍ମାଣ ପାଇଁ କେତେ ବ୍ଲକରେ ଚିହ୍ନଟ ହୋଇଛି, ଷ୍ଟାଡିୟମ୍ ପିଛା କେତେ ଅର୍ଥ କେଉଁ କାର୍ଯ୍ୟ ପାଇଁ ପ୍ରଦାନ କରିବେ, କେଉଁ ବିଭାଗ ଏହାର ତଦାରଖ କରିବେ ; ଚଳିତ ଆର୍ଥିକ ବର୍ଷରେ କେତେଗୋଟି ଷ୍ଟାଡିୟମ୍ କାର୍ଯ୍ୟ ଆରମ୍ଭ ହେବ ?

----

## ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଜିଲ୍ଲାୱାରୀ ବିବରଣୀ

**1983 Shri Pabitra Saunta (Laxmipur):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- (କ) ଓଡିଶାରେ ବର୍ତ୍ତମାନ ସମଗ୍ର ରାଜ୍ୟର ଜନସଂଖ୍ୟାର କେତେ ପ୍ରତିଶତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଓଡ଼ିଶାରେ ବସବାସ କରୁଛନ୍ତି ; ଜିଲ୍ଲାୱାରୀ ସବିଶେଷ ବିବରଣୀ ପ୍ରଦାନ କରିବେ କି, ଏବଂ ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଅନ୍ୟ ରାଜ୍ୟ ଭଳି ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବିଭାଗ କରିବାର ଯୋଜନା ସରକାର ବିଚାର କରିବେ କି ; (ଖ) ବିଗତ ପାଞ୍ଚ ବର୍ଷରେ ଅନୁସୂଚିତ ଜନଜାତି ଓ ଜାତି ର ହାରାହାରି କେତେ ଛାତ୍ର ଓ ଛାତ୍ରୀ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ସେମାନଙ୍କର ଉଚ୍ଚ ଶିକ୍ଷା ପାଇଁ କେତେ ସରକାରୀ ଛାତ୍ରଆବାସ ଓ ଛାତ୍ରୀନିବାସ ଓଡ଼ିଶା ରାଜ୍ୟରେ ଉପଲବ୍ଧ ଅଛି ଓ ବେଟ ଅନୁପାତରେ ଉପଲବ୍ଧ ଅଛି ?

----

## ଆବାସିକ ବିଦ୍ୟାଳୟରେ ଥିବା ମୋଟ ଶିକ୍ଷକ/ ଶିକ୍ଷୟତ୍ରୀ ପଦବୀ ସଂଖ୍ୟା

**1984 Shri Pabitra Saunta (Laxmipur):**

Will the Minister for **ST & SC Development, Minorities & Backward Classes**

**Welfare** be pleased to state that:- (କ) ଆମ ରାଜ୍ୟର ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଆବାସିକ ବିଦ୍ୟାଳୟରେ ସମୁଦାୟ କେତେ ଶିକ୍ଷକ/ଶିକ୍ଷୟତ୍ରୀ ପଦବୀ ରହିଛି ତନ୍ମଧ୍ୟରୁ କେତେ ଅନୁପାତ (୧:୩୦) ରେ ଶିକ୍ଷକ କାର୍ଯ୍ୟରତ ଅଛନ୍ତି, ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ; (ଖ) ଉକ୍ତ ବିଭାଗ ଅଧିନରେ ଥିବା ଆବାସିକ ବିଦ୍ୟାଳୟରେ କେତେ ସଂଖ୍ୟକ ନିୟମିତ ଶିକ୍ଷକ ଓ ଶିକ୍ଷୟତ୍ରୀ କାର୍ଯ୍ୟରତ ଅଛନ୍ତି ଏ ସେମାନଙ୍କ ପାଇଁ କେତେ ସଂଖ୍ୟାରେ ବିଦ୍ୟାଳୟ ପରିସରରେ ସରକାରୀ ଆବାସ ଉପଲବ୍ଧ ଅଛି ଓ କେତେ ଅନୁପାତରେ ଉପଲବ୍ଧ ଅଛି, ତାର ବିବରଣୀ ଦେବେ କି ଏବଂ ଉକ୍ତ ବିଭାଗରେ କାର୍ଯ୍ୟରତ ରୋଷେୟା ମାନଙ୍କୁ ନିୟମିତ କରିବା ପାଇଁ ସରକାରଙ୍କ କଣ ଯୋଜନା ଅଛି ଏବଂ ହାରାହାରି କେତେ ବର୍ଷ କାର୍ଯ୍ୟ କଳାପରେ ସେମାନଙ୍କୁ ନିୟମିତ କରାଯାଉଛି?

----

### Appointment of Vice - Chancellor

1985 **Shri Sarada Prasad Nayak (Rourkela):**

Will the Minister for **Higher Education** be pleased to state that:- Under what academic, administrative and eligibility criteria are candidates shortlisted for Vice-Chancellor positions in Universities such as Utkal, Ravenshaw, Sambalpur, Fakir Mohan and Khallikote; Required minimum teaching/administrative experience, Research index, publications or academic excellence parameters, Age limit, tenure conditions, and disqualification norms, Whether uniform criteria are applied to all Universities ?

----

### ନୂତନ ଶିଳ୍ପ ପ୍ରତିଷ୍ଠା

1986 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜିଲ୍ଲାୱାରୀ କେତୋଟି ପଞ୍ଜିକୃତ ଥିବା ଶିଳ୍ପ ପ୍ରତିଷ୍ଠାନମାନ ରହିଅଛି ଏବଂ କେତୋଟି ନୂତନ ଶିଳ୍ପ ପ୍ରତିଷ୍ଠାନ ସ୍ଥାପନା ପାଇଁ କାମ ଚାଲୁରହିଅଛି ତାର ଏକ ତାଲିକା ସହିତ ସେଥିମଧ୍ୟରୁ ସମସ୍ତ ପ୍ରକାର ଉଦ୍ୟୋଗ ମାନଙ୍କ ମଧ୍ୟରେ କେତୋଟି ବଡ଼ ଉଦ୍ୟୋଗ କେତୋଟି ମାଧ୍ୟମ ଧାରଣ ଉଦ୍ୟୋଗ ଏବଂ କେତୋଟି ଛୋଟ ଉଦ୍ୟୋଗ ରହିଅଛି ଏବଂ କେତୋଟି କୁଟୀର ଶିଳ୍ପ ଅଛି, ସେମାନଙ୍କର ବାର୍ଷିକ ଆର୍ଥିକ କାରବାରର ତଥ୍ୟ ଓ କେଉଁ ଉଦ୍ୟୋଗ ମାନଙ୍କରେ ଆଞ୍ଚଳିକ ଭିତିରେ କେତେ ପ୍ରତିଶତ ଓଡ଼ିଆ ଯୁବକ ମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇ ଅଛି ସେମାନଙ୍କ ନାମ, ପଦବୀ, ବେତନ ଓ ମୋବାଇଲ ନମ୍ବର ଉପସ୍ଥାପନ କରିବେ କି ?

----

### Industrial Diversification

1987 **Shri Sarada Prasad Nayak (Rourkela):**

Will the Minister for **Industries** be pleased to state that:- Why Odisha's industrial diversification into new sectors such as electronics, manufacturing, and high-value industries remains slow despite policy announcements; and whether the Government has identified specific gaps in ecosystem development, workforce skills, or investment facilitation that are hindering rapid growth?

----

## Reservation in Technical Education

1988 **Shri Sarada Prasad Nayak (Rourkela):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- Why the Odisha Government has not yet provided reservation for backward categories (including OBC/SEBC and minority communities) in Technical and Medical Education in the State, and whether the Government proposes to implement such reservation from the Financial Year 2026-27?

----

## Revival of Industrial Units

1989 **Shri Sarada Prasad Nayak (Rourkela):**

Will the Minister for **Industries** be pleased to state that:- The present condition of industrial infrastructure in Rourkela and Sundargarh district-particularly the status of non-functional units in Kalunga and other estates, gaps in road, power and logistics support affecting steel and MSME industries- and state what concrete steps the Government has taken to revive these units and strengthen the overall industrial ecosystem in the region?

----

## ଭତ୍ତା ପ୍ରଦାନ

1990 **Smt. Subasini Jena (Basta):**

Will the Minister for **Social Security & Empowerment of Persons with Disabilities** be pleased to state that:- ବାଲେଶ୍ୱର ଜିଲ୍ଲାରେ ଗତ 2024 ମସିହାଠାରୁ 2025 ମସିହା ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ମଧୁବାବୁ ଓ ଭିନ୍ନକ୍ଷମ ଭତ୍ତା ବାବଦରେ କେତେ ସଂଖ୍ୟକ ଆବେଦନ ଆସିଥିଲା ଏବଂ କେତେ ଜଣଙ୍କୁ ତାହା ପ୍ରଦାନ କରାଯାଇଛି ତାହାର ଏକ ବ୍ଲକ ଏବଂ ପୌରାଞ୍ଚଳୱାରୀ ତାଲିକା ପ୍ରଦାନ କରିବେ କି ?

----

## ବାଲେଶ୍ୱରଠାରେ multi purpose sports complex ସ୍ଥାପନ

**1991 Smt. Subasini Jena (Basta):**

Will the Minister for **Sports & Youth Services** be pleased to state that:- କ୍ରୀଡ଼ା କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର ବିଗତ ଦିନରେ କ୍ରୀଡ଼ା କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲା ରାଜ୍ୟ ଓ ଜାତୀୟ ସ୍ତରରେ ଅନେକ ସଫଳତା ପାଇଛି; କିନ୍ତୁ ଏବେ ଉପଯୁକ୍ତ ଭିତ୍ତିଭୂମୀ ଅଭାବରୁ ଜିଲ୍ଲାରେ ପ୍ରତିଭାବାନ କ୍ରୀଡାବିତ୍ ଥାଇ ମଧ୍ୟ ଆଗେଇ ପାରୁନାହାନ୍ତି ବା ସଫଳତା ପାଇପାରୁ ନାହାନ୍ତି; ତେଣୁ ରାଜ୍ୟ ସରକାର ବାଲେଶ୍ୱରଠାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସହିତ ଏକ Multi Purpose Sports Complex ସ୍ଥାପନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି?

----

## ଶିଳ୍ପ ତାଲିମ ଅନୁଷ୍ଠାନର ସଂଖ୍ୟା

**1992 Smt. Subasini Jena (Basta):**

Will the Minister for **Skill Development & Technical Education** be pleased to state that:- ବାଲେଶ୍ୱର ଜିଲ୍ଲାରେ କେତୋଟି ସରକାରୀ ଓ ବେସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ITI ) ରହିଛି, ଚଳିତ ଶିକ୍ଷା ବର୍ଷରେ କେତେ ସଂଖ୍ୟକ ଛାତ୍ରଛାତ୍ରୀ ସେଥିରେ ନାମ ଲେଖାଇଛନ୍ତି, ତାହାର ପୌରାଞ୍ଚଳ ଓ ବ୍ଲକ ୱାରୀ ଅନୁଷ୍ଠାନ ଗୁଡ଼ିକର ତାଲିକା ପ୍ରଦାନ କରିବେ କି; ଏଥି ସହିତ ଜାତୀୟ ଯୋଜନା ଅଧୀନରେ ଆଇଟିଆଇ ଗୁଡ଼ିକର ଆଧୁନିକୀକରଣ ଓ ଉନ୍ନତିକରଣ ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି?

----

## ଶିଶୁ ସେବିକାଙ୍କ ତାଲିକା

**1993 Smt. Subasini Jena (Basta):**

Will the Minister for **School and Mass Education** be pleased to state that:- ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ଚଳିତ ଶିକ୍ଷାବର୍ଷରେ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଶିଶୁ ବାଟିକା ଖୋଲିଛି; ଶିଶୁ ବାଟିକା ଥିବା ସରକାରୀ ବିଦ୍ୟାଳୟ ମାନଙ୍କରେ ଶିଶୁ ସେବିକା ନିଯୁକ୍ତି ଦିଆଯାଉଛି; ଏହି ଆଧାରରେ ବସ୍ତା ନିର୍ବାଚନମଣ୍ଡଳୀର ବସ୍ତା ଓ ବାଲିଆପାଳ ବ୍ଲକରେ ମୋଟ କେତେ ଜଣ ଶିଶୁ ସେବିକା ନିଯୁକ୍ତି ହୋଇଛନ୍ତି ତାହାର ପଞ୍ଚାୟତ ୱାରୀ ଏକ ତାଲିକା ପ୍ରଦାନ କରିବେ କି; ଏଥି ସହିତ ଶିଶୁ ସେବିକା ନିଯୁକ୍ତି ପାଇଁ ଚଳିତ ନଭେମ୍ବରରେ ପ୍ରକାଶ ପାଇଥିବା ସଂଶୋଧିତ ନିର୍ଦ୍ଦେଶାବଳୀରେ କଣ ସବୁ ପରିବର୍ତ୍ତନ ହୋଇଛି?

----

## ପୋଷ୍ଟ ମାଟ୍ରିକ ଛାତ୍ରବୃତ୍ତି ପାଇଁ ଆବେଦନ

**1994 Smt. Subasini Jena (Basta):**

Will the Minister for **ST & SC Development, Minorities & Backward Classes**

**Welfare** be pleased to state that:- ଗତ ୨୦୨୪-୨୫ ଶିକ୍ଷାବର୍ଷରେ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବସ୍ତା ଓ ବାଲିଆପାଳ ବ୍ଲକର କେତେ ସଂଖ୍ୟକ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ଛାତ୍ରଛାତ୍ରୀ ପୋଷ୍ଟ ମାଟ୍ରିକ ଛାତ୍ରବୃତ୍ତି ଯୋଜନାରେ ଆବେଦନ କରିଥିଲେ ଏବଂ ସେଥିରୁ କେତେଜଣ ମେଧାବୃତ୍ତି ପାଇଥିଲେ ତାହାର ବ୍ଲକ ୱାରୀ ଏକ ତାଲିକା ପ୍ରଦାନ କରିବେ କି; ଏଥି ସହିତ ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ବର୍ତ୍ତମାନ ସୁଦ୍ଧା କେତେଜଣ ଆବେଦନ କରିଛନ୍ତି ?

----

## ତାଲିମ ପ୍ରଦାନ

1995 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ପରିଚାଳନା କରୁଥିବା ନିଯୁକ୍ତି ତାଲିମରେ ଗତ ୧୦ ବର୍ଷରେ କେତେଜଣଙ୍କୁ ତାଲିମ ଦିଆଯାଇଛି, ତନ୍ମଧ୍ୟରୁ କେତେଜଣଙ୍କୁ ନିଯୁକ୍ତି ମିଳିଛି ପ୍ରତିବର୍ଷର ତଥ୍ୟ ପ୍ରଦାନ କରିବେ କି; ଏହି ତାଲିମ ବାବଦରେ ଗତ ୧୦ ବର୍ଷ ଭିତରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ କେଉଁ ବାବଦରେ; ତାଲିମ ଦାୟିତ୍ୱରେ ପୂର୍ବରୁ ଅବା ବର୍ତ୍ତମାନ କେଉଁ ସଂସ୍ଥା ରହିଛି ?

----

## ସ୍କୁଲ ବନ୍ଦ ହୋଇଥିବା ସମ୍ପର୍କରେ

1996 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଗତ ୧-୫ ବର୍ଷ ମଧ୍ୟରେ କେତେ ସ୍କୁଲ ବନ୍ଦ ହୋଇଛି ଏବଂ ଏହାର କାରଣ କଣ ଏହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କିରବେ କି; କେତେ ସ୍କୁଲ ବନ୍ଦ କରିବା ପାଇଁ ସରକାର ବିଚାର କରୁଛନ୍ତି ଏବଂ କେତେଗୋଟି ସ୍କୁଲ ମର୍ଜର ହୋଇଛି ଅବା ନିକଟରେ ହେବାର ଯୋଜନା କରୁଛନ୍ତି ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି; (ଖ) ରାଜ୍ୟରେ ଥିବା ସ୍କୁଲ ମାନଙ୍କରେ କେତୋଟି ସ୍କୁଲର ପାଚେରୀ, ପକ୍କାଘର, ପାଇଖାନା (ବାଳକ ଓ ବାଳିକା) ନିଜସ୍ୱ ଖେଳପଡ଼ିଆ; ବିଦ୍ୟୁତ ସଂଯୋଗ, କମ୍ପ୍ୟୁଟର, ଖେଳ ଉପକରଣ ନାହିଁ; ଏହାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଖାଲି ପଦବୀ ପୂରଣ

1997 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଚ୍ଚ ଶିକ୍ଷା ବିଭାଗ ଅଧିନରେ କେତେ "Teaching & N0n-teaching" ପଦବୀ ରହିଛି, ବର୍ତ୍ତମାନ ଏହି ଉଭୟରେ କେତେ କାର୍ଯ୍ୟରତ ଓ କେତେ ଖାଲି ପଡ଼ିଛି ଓ ଖାଲି ପଡ଼ିଥିବା ପଦବୀ ପୂରଣ କେବେସୁଦ୍ଧା ପୂରଣ ହେବ; ଗତ ୧.୫ ବର୍ଷରେ କେତେ ପୂରଣ ହୋଇଛି ଏବଂ ଅବସର ପରେ ମଧ୍ୟ କେତେ ଜଣ କାର୍ଯ୍ୟରତ ଅଛନ୍ତି ?

----

## ଓଡିଆ ଅସ୍ମିତା ସମ୍ପର୍କରେ

1998 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର "ଓଡିଆ ଅସ୍ମିତା" କହିଲେ କଣ ବୁଝନ୍ତି, ଓଡିଆ ଅସ୍ମିତା ପାଇଁ ଗତ 1.5 ବର୍ଷରେ କେତେ ଟଙ୍କା ଆବଣ୍ଟିତ ହୋଇଛି ଏବଂ ଏହି ଟଙ୍କା କେଉଁ କେଉଁ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ "ଓଡିଆ ଅସ୍ମିତା" ପାଇଁ ଆଗାମୀ କାର୍ଯ୍ୟପନ୍ଥା ଅବା ଯୋଜନା କଣ ରହିଛି ?

----

## ମେକ୍ ଇନ୍ ଓଡିଶା ମାଧ୍ୟମରେ ନିଯୁକ୍ତି

1999 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ମେକ୍ ଇନ୍ ଓଡିଶା ମାଧ୍ୟମରେ ପ୍ରଥମ ସଂସ୍କରଣରୁ ଏଯାବତ୍ ପ୍ରତି ସଂସ୍କରଣୱାରୀ କେଉଁ କେଉଁ କମ୍ପାନୀ କେତେ ଟଙ୍କା ପୁଞ୍ଜି ନିବେଶ କରିଛନ୍ତି ଓ ବର୍ତ୍ତମାନ ଏହି ସମସ୍ତ କମ୍ପାନୀର ସ୍ଥିତି ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିବେ କି, (ଖ) ପ୍ରତି ସଂସ୍କରଣୱାରୀ ପ୍ରତି ବର୍ଷ ଏହି ମେକ୍ ଇନ୍ ଓଡିଶା ମାଧ୍ୟମରେ କେତେ ନିଯୁକ୍ତି ମିଳିଛି ଏବଂ ତନ୍ମଧ୍ୟରୁ ଓଡିଆ କେତେ ?

----

## ବିଶ୍ୱବିଦ୍ୟାଳୟରେ ନିଯୁକ୍ତି

2000 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଭିନ୍ନ ବିଶ୍ୱବିଦ୍ୟାଳୟରେ କେତେ ସଂଖ୍ୟକ ମଞ୍ଜୁରୀ ପ୍ରାପ୍ତ ପଦବୀ ରହିଛି; ସେଥିମଧ୍ୟରୁ ବର୍ତ୍ତମାନ୍ ସୁଦ୍ଧା କେତେ ପଦବୀ ଖାଲି ପଡ଼ିଛି; ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ପୂରଣ ନ ହେବାର କାରଣ କ'ଣ ?

----

## ବୃହତ ଶିଳ୍ପ ପ୍ରତିଷ୍ଠା

2001 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ ଦେଢ଼ ବର୍ଷ ମଧ୍ୟରେ କେତେ ବୃହତ୍ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ରାଜ୍ୟ ସରକାର କେଉଁ କେଉଁ ସଂସ୍ଥା ସହ ଏମ ଓ ୟୁ ସ୍ୱାକ୍ଷରିତ ହୋଇଛି ; ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ତଥ୍ୟ ପ୍ରଦାନ

2002 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେ ସଂଖ୍ୟକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ ବସବାସ କରନ୍ତି ; ଏହି ବର୍ଗର ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଛାତ୍ରଛାତ୍ରୀଙ୍କ ବିବରଣୀ ପ୍ରଦାନ

2003 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସମୁଦାୟ କେତେଟା ବୈଷୟିକ ଶିକ୍ଷା ଅନୁଷ୍ଠାନ ରହିଛି; ଏହି ସବୁ ଶିକ୍ଷା ଅନୁଷ୍ଠାନରେ ରାଜ୍ୟ ତଥା ଦେଶ ବାହାରରୁ କେତେ ଜଣ ଛାତ୍ର ଛାତ୍ରୀ ଶିକ୍ଷା ଲାଭ କରିଛନ୍ତି ?

----

## ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର

2004 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସମୁଦାୟ କେତୋଟି ସଂସ୍କୃତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ରହିଛି, ଏହି ସବୁ ଶିକ୍ଷା ଅନୁଷ୍ଠାନରେ ଯେତେ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି, ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର କରିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ପୁସ୍ତକ ଉଦ୍ୟୋଗକୁ ପ୍ରୋତ୍ସାହନ

2005 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ଓଡିଶାର ପୁସ୍ତକ ଉଦ୍ୟୋଗକୁ ସାହାଯ୍ୟ କରିବା ପାଇଁ କୌଣସି ପଦକ୍ଷେପ ନେଉଛନ୍ତି କି ଏବଂ ଉତ୍ତର ହଁ, ହୋଇଥିଲେ, 2024-25 ଆର୍ଥିକ ବର୍ଷ ଆରମ୍ଭରୁ ଏ ଯାଏଁ ସେ ଦିଗରେ କଣ କରାଯାଇଛି ?

----

## ଭିନ୍ନକ୍ଷମ ଶିକ୍ଷା ଓ ତାଲିମ ପାଇଁ ଅନୁଦାନ

2006 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର)ଃ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଭିନ୍ନକ୍ଷମ ଶିକ୍ଷା ଓ ତାଲିମ ପାଇଁ କେତୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ କାମ କରୁଛନ୍ତି ଓ ସେଥିଲାଗି ସରକାର ସେମାନଙ୍କୁ କି ପ୍ରକାର ସହାୟତା କେଉଁ ବାବଦରେ ଦେଉଛନ୍ତି, ଏଥିଲାଗି ଗତ ଆର୍ଥିକ ବର୍ଷରେ କେତେ ଅର୍ଥ ଖର୍ଚ୍ଚ ହୋଇଥିଲା ଓ ଏ ବର୍ଷ କେତେ ଅର୍ଥ ଖର୍ଚ୍ଚ ହେବ, ସେସବୁ ଅନୁଷ୍ଠାନର ନାମ ଓ କେବେଠାରୁ ସେମାନେ ରାଜ୍ୟ ସରକାରଙ୍କଠାରୁ କେତେ ଅର୍ଥ ପାଇଲେଣି ?

----

## ଅଧ୍ୟାପିକା ପଦବୀ ପୂରଣ

2007 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସରକାରୀ ବିଶ୍ୱ ବିଦ୍ୟାଳୟ କଲେଜ ଓ ଅନୁଦାନପ୍ରାପ୍ତ ଘରୋଇ କଲେଜଗୁଡିକରେ କେତେ ଅଧ୍ୟାପକ ଓ ଅଧ୍ୟାପିକା ପଦବୀ ଖାଲି ରହିଛି ଓ ସେସବୁର ପୁରଣ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## Drop-out ରୋକିବା ପାଇଁ ପଦକ୍ଷେପ

2008 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସସୂଚିତ ଜନଜାତି ଲୋକଙ୍କ ମଧ୍ୟରେ ସ୍ୱାକ୍ଷର କାହାର କେତେ ଏବଂ ସେମାନଙ୍କ ପାଇଁ କେତୋଟି କି ପ୍ରକାର ସରକାରୀ ସ୍କୁଲ ଚାଲିଛି ଓ ସେସବୁରେ ଉକ୍ତ ସମ୍ପ୍ରଦାୟର କେତେ ଛାତ୍ରଛାତ୍ରୀ ପଢୁଛନ୍ତି, ପ୍ରାଥମିକ ସ୍କୁଲ ସ୍ତରରେ ସାର୍ବଜନୀନ ନାମଲେଖା ଭିତ୍ତିରେ ଉଭୟ ସମ୍ପ୍ରଦାୟର ସବୁ ସ୍କୁଲ ଯିବା ବୟସର ବାଳକ ବାଳିକାଙ୍କୁ ନାମ ଲେଖାଇବା ପାଇଁ କି ପଦକ୍ଷେପ ନିଆଯାଉଛି, ଏ ସବୁ ସ୍କୁଲଗୁଡିକରେ Drop out ହାର କେତେ ଓ ତାହା ସାଧାରଣ ସ୍କୁଲଠାରୁ କେତେ ଭିନ୍ନ ?

----

## କ୍ରୀଡାବିତଙ୍କ ତଥ୍ୟ ପ୍ରଦାନ

2009 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଓ ଚଳିତ ବର୍ଷରେ ଏଯାଏଁ ଓଡିଶାର କେତେ ଜଣ କ୍ରୀଡାବିତ୍ ଜାତୀୟ ଓ ଆର୍ନ୍ତଜାତୀୟ ପ୍ରତିଦ୍ୱନ୍ଦୀତାରେ ଭାଗ ନେଇଛନ୍ତି ଓ ସେମାନଙ୍କ ମଧ୍ୟରୁ କେତେଜଣ କୃତିତ୍ୱ ଅର୍ଜନ କରିଛନ୍ତି?

----

## Appointment status of the VC

2010 **Shri Sagar Charan Das (Bhawanipatna):**

Will the Minister for **Higher Education** be pleased to state that:- As the reports confirm that Maa Manikeshwari University has been functioning without a regular Vice- Chancellor and with only 21 regular teachers against 112 sanctioned posts, will the govt. provide the appointment status of the VC, the reason for the delay and the timeline for filling all sanctioned posts?

----

## Status report of all industrial projects

**2011 Shri Sagar Charan Das (Bhawanipatna):**

Will the Minister for **Industries** be pleased to state that:- District-wise status information of all industrial projects proposed for Kalahandi between 2020 and 2025 and specifically state which projects have made progress between July and November 2025, including land allotment, investor compliance and job-creation assurances ?

----

## List of grants, fellowships

**2012 Shri Sagar Charan Das (Bhawanipatna):**

Will the Minister for **Odia Language, Literature & Culture** be pleased to state that:- Since cultural organisations have reported inadequate support during the 2025 festival cycle, will the govt. provide the list of grants, fellowships and programmes sanctioned over the last three years for Odia writers and artists, especially from districts like Kalahandi ?

----

## Disability identification survey for children

**2013 Shri Sagar Charan Das (Bhawanipatna):**

Will the Minister for **Social Security & Empowerment of Persons with Disabilities** be pleased to state that:- As the State launched a disability identification survey for children aged 0-6 in September 2025, will the govt. provide the district wise survey progress till November 2025, including Kalahandi data and outline the Government's plan for early intervention based on the findings ?

----

## Placement target set for all skill-training batches

**2014 Shri Sagar Charan Das (Bhawanipatna):**

Will the Minister for **Skill Development & Technical Education** be pleased to state that:- What is the placement target set for all skill-training batches in Kalahandi for 2025-26 and will the govt. specify the industry tie-ups and employer guarantees secured since January 2025 to prevent recurrence of non-placement cases?

----

## ସମ୍ପୂର୍ଣ୍ଣ ହୋଇପାରିନଥିବା 5T ଉଚ୍ଚ ବିଦ୍ୟାଳୟର ତାଲିକା

**2015 Shri Ramesh Chandra Behera (Daspalla):**

Will the Minister for **School and Mass Education** be pleased to state that:- ରାଜ୍ୟରେ ବର୍ତ୍ତମାନ କେଉଁ ଜିଲ୍ଲାରେ କେତେଗୋଟି 5T ଉଚ୍ଚ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ବିଭିନ୍ନ ଯୋଜନାରେ ଅର୍ଥ ଥାଇ ମଧ୍ୟ ଅଧା ପନ୍ତରିଆ ହୋଇ ରହିଛି କିମ୍ବା ଅର୍ଥ ଅଭାବରୁ ସମ୍ପୂର୍ଣ ହୋଇପାରିନାହି ତାର ଏକ ବ୍ଲକ ୱାରୀ ତାଲିକା ପ୍ରଦାନ କରିବେ କି, ଅସମ୍ପୂର୍ଣ ଥିବା କାର୍ଯକୁ ସମ୍ପୂର୍ଣ କରିବା ପାଇଁ ସରକାର ସ୍ଥିର କରୁଥିଲେ ଏ ଦିଗରେ କି ପଦକ୍ଷେପ ନିଆଯାଇଛି ଓ କେବେସୁଦ୍ଧା ସମ୍ପୂର୍ଣ କରାଯିବ ?

----

## CCA ଓ Matron ମାନଙ୍କ ଦରମା ବୃଦ୍ଧି

**2016 Shri Ramesh Chandra Behera (Daspalla):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ରାଜ୍ୟରେ ବିଭାଗ ଅଧୀନରେ ପରିଚାଳିତ ବିଭିନ୍ନ ଆବାସିକ ଶିକ୍ଷା ଅନୁଷ୍ଠାନ ଓ ଛାତ୍ର/ଛାତ୍ରୀ ନିବାସ ଗୁଡିକରେ ବହୁ ବର୍ଷରୁ କାର୍ଯ୍ୟରତ CCA ଓ Matron ମାନଙ୍କ ମାସିକ remuneration କେଉଁ ହାରରେ କେତେ ଟଙ୍କା ପ୍ରଦାନ କରାଯାଉଛି; ସେମାନଙ୍କ ଦରମା ବୃଦ୍ଧି ସାଙ୍ଗକୁ ସ୍ଥାୟୀ ନିଯୁକ୍ତି ପାଇଁ ସରକାର ନିଷ୍ପତ୍ତି ନେବେ କି ?

----

## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ସମ୍ପର୍କରେ

**2017 Shri Ramesh Chandra Behera (Daspalla):**

Will the Minister for **Odia Language, Literature & Culture** be pleased to state that:- ରାଜ୍ରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କେଉଁ ଜିଲ୍ଲାରୁ କେତେ ଜଣ କଳାକାରଙ୍କୁ ସାମିଲି କରାଯାଇ ମାସିକ ପ୍ରତ୍ୟେକକୁ କେତେ ଟଙ୍କା ହିସାବରେ ସମୁଦାୟ କେତେ ଟଙ୍କା ଦିଆଯାଉଅଛି; ସେଥିରୁ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର କେଉଁ ମୂଳ ଓ NAC ରୁ କେତେ ଜଣ କଳାକାର ସାମିଲି ଅଛନ୍ତି; ବର୍ତ୍ତମାନ ଦିଆଯାଉଥିବା ସହାୟତା ରାଶିକୁ ବୃଦ୍ଧି କରିବା ପାଇଁ ବିଚାର କରିବେ କି ?

----

## କମ୍ପ୍ୟୁଟର ଆସିଷ୍ଟାଣ୍ଟ ନିଯୁକ୍ତି

**2018 Shri Ramesh Chandra Behera (Daspalla):**

Will the Minister for **School and Mass Education** be pleased to state that:-

ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ନିମନ୍ତେ ଆବଶ୍ୟକୀୟ କମ୍ପ୍ୟୁଟର ଆସିଷ୍ଟାଣ୍ଟ କେବେ ସୁଦ୍ଧା ନିଯୁକ୍ତି ଦିଆଯିବ; ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ କାର୍ଯ୍ୟରତ ଥିବା School Coordinator ମାନଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦେବାପାଇଁ ସ୍ଥିର କରୁଥିଲେ ଏ ଦିଗରେ କି ପଦକ୍ଷେପ ନିଆଯାଇଛି ?

----

## କବାଡି, ଖୋ-ଖୋ କ୍ରୀଡାକୁ ପ୍ରୋତ୍ସାହନ

**2019 Shri Ramesh Chandra Behera (Daspalla):**

Will the Minister for **Sports & Youth Services** be pleased to state that:- ରାଜ୍ୟରେ ଅନ୍ୟତମ ପାରମ୍ପରିକ କ୍ରୀଡ଼ା ଯଥା- କବାଡି, ଖୋ ଖୋ ଇତ୍ୟାଦିକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ଯୋଜନା କଣ, ଆବଶ୍ୟକୀୟ ଆଧୁନିକ ଭିତ୍ତିଭୂମି ଓ ସୁବିଧା ସୁଯୋଗ ପ୍ରଦାନ କରିବା ଦିଗରେ କି ପଦକ୍ଷେପ ନେଉଛନ୍ତି ପ୍ରକାଶ କରିବେ କି ?

----

## ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ସଂଖ୍ୟା

**2020 Shri Romancha Ranjan Biswal (Deogarh):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- (କ) ଦେବଗଡ଼ ଜିଲ୍ଲାରେ ବର୍ତ୍ତମାନ କେତେ ଜଣ ପଛୁଆ ବର୍ଗର ଛାତ୍ରଛାତ୍ରୀ ମହାବିଦ୍ୟାଳୟ/ବିଶ୍ୱ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନ ରତ ଅଛନ୍ତି; (ଖ) ପଛୁଆ ବର୍ଗର ଛାତ୍ରଛାତ୍ରୀ ମାନଙ୍କ ଉଚ୍ଚ ଏବଂ ମାଧ୍ୟମିକ ଶିକ୍ଷା ନିମନ୍ତେ ରହଣି ସୁବିଧା ପାଇଁ ଜିଲ୍ଲାର କେଉଁ କେଉଁ ସ୍ଥାନରେ ହଷ୍ଟେଲ ନିର୍ମାଣ କରାଯାଇଛି ଏବଂ ସେହି ହଷ୍ଟେଲମାନଙ୍କରେ କେତେ ଜଣ ଛାତ୍ରଛାତ୍ରୀ ନିବାସ କରୁଛନ୍ତି ?

----

## ବିଦ୍ୟାଳୟ ଖୋଲିବା ପାଇଁ ଆବେଦନ

**2021 Shri Romancha Ranjan Biswal (Deogarh):**

Will the Minister for **School and Mass Education** be pleased to state that:- ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ଯୋଗୁଁ ୨୦୨୪ ଶେଷସୁଦ୍ଧା, ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନ ସୁଦ୍ଧା ବନ୍ଦହୋଇ ରହିଛି ; ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ବନ୍ଦ ହୋଇପଡିଥିବା କେତୋଟି ବିଦ୍ୟାଳୟକୁ ସରକାର ଖୋଲି ବିଦ୍ୟାଳୟ ଖୋଲିବାପାଇଁ ସରକାରଙ୍କ ନିକଟରେ ଆବେଦନ ପଡି ରହିଛି ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ଭତ୍ତା ନିମନ୍ତେ ଆବେଦନକାରୀଙ୍କ ତାଲିକା

**2022 Shri Romancha Ranjan Biswal (Deogarh):**

Will the Minister for **Social Security & Empowerment of Persons with**

**Disabilities** be pleased to state that:- ରାଜ୍ୟରେ ସମୁଦାୟ ଜେତେ ସଂଖ୍ୟକ ଭତ୍ତାଧାରୀ (GNOAP ଓ MSOP) ଅଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ୫୦ ବର୍ଷରୁ ଊର୍ଦ୍ଧ ବୃଦ୍ଧ, ବୃଦ୍ଧା ଓ ୮୦% ରୁ ଅଧିକ ଭିନ୍ନକ୍ଷମ ଅଟନ୍ତି, ବର୍ତ୍ତମାନସୁଦ୍ଧା କେତେ ସଂଖ୍ୟକ ଉପରୋକ୍ତ ଭତ୍ତା ନିମନ୍ତେ ଆବେଦନକାରୀ ଅଛନ୍ତି ତାର ତାଲିକା ସହ କେବେସୁଦ୍ଧା ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ଭତ୍ତା ଯୋଗାଇବା ପାଇଁ ଯୋଜନା କରିଛନ୍ତି ?

----

## ଦେବଗଡ ଜିଲ୍ଲାରେ Mini-Stadium ନିର୍ମାଣ

**2023 Shri Romancha Ranjan Biswal (Deogarh):**

Will the Minister for **Sports & Youth Services** be pleased to state that:- ପ୍ରତି ଜିଲ୍ଲାର ସମସ୍ତ ବ୍ଲକରେ mini -stadium ନିର୍ମାଣ କରିବା ପାଇଁ ନିକଟରେ ସରକାର ଘୋଷଣା କରିଛନ୍ତି, ଏ ପରିପ୍ରେକ୍ଷୀରେ ଦେବଗଡ଼ ଜିଲ୍ଲାରେ mini -stadium ନିର୍ମାଣ କରିବା ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ତାଲିମ

**2024 Shri Romancha Ranjan Biswal (Deogarh):**

Will the Minister for **Skill Development & Technical Education** be pleased to state that:- ଓଡିଶାରେ କେଉଁ କେଉଁ Trade ରେ ଦକ୍ଷତା ବିକାଶ ତାଲିମ୍ ଦିଆଯାଉଛି ; ସେହି ସବୁ trade ରେ ପାସ୍ କଲାପରେ ଓଡିଶାରେ କଉଁଠି ନିଯୁକ୍ତିର ସୁଯୋଗ ଅଛି କି ; ରାଜ୍ୟକୁ ବହୁ ନୂତନ ଶିଳ୍ପ କାରଖାନା ବସାଇବା ପାଇଁ ଆଗ୍ରହୀ ଥିବାରୁ ଶିଳ୍ପମାନଙ୍କରେ ଥିବା ପଦ ପଦବୀ ପାଇଁ ଆବଶ୍ୟକ ହେଉଥିବା ଶିକ୍ଷା ଓ ଜ୍ଞାନ ସମ୍ପର୍କରେ ଦକ୍ଷତା ବିକାଶ କେନ୍ଦ୍ରରେ ତାଲିମ ଦେବାକୁ ତୁରନ୍ତ ପଦକ୍ଷେପ ନେବେ କି ; ରାଜ୍ୟରେ କୁଶଳୀ କାରିଗରମାନେ କେଉଁ କାମ କେଉଁଠାରେ ପାଉଛନ୍ତି ?

----

## Number of demolished Unsafe building

**2025 Smt. Sofia Firdous (Barabati-Cuttack):**

Will the Minister for **School and Mass Education** be pleased to state that:- (a) With reference to UD 418 dated: 19.09.2025, the detailed list of school buildings identified as unsafe, including district-wise and block-wise data, structural assessment reports, and level of risk categorisation; (b) How many of these unsafe buildings have been demolished, repaired, or vacated, and the dates on which such actions were taken; and The number of schools still functioning in unsafe structures and the reasons for delay in action; and The timeline and funds allocated for completion of reconstruction or new building works ?

----

**The number of Unregularised Sikshya Sahayak**

**2026** **Smt. Sofia Firdous (Barabati-Cuttack):**

Will the Minister for **School and Mass Education** be pleased to state that:- The number of 2012-13 Sikshya Sahayak/Junior Teachers still unregularised for not qualifying OTET though OTET was not required in their advertisements; b) The Government's decision on their Association's representations seeking regularisation and pay parity, and the basis for continuing fixed remuneration; and The reasons for excluding this batch from the policy abolishing contractual posts and the expected timeline for resolution; and The The number qualified in SOTET-2025 and whether District Collectors will be directed to submit régularisation proposals by a fixed date ?

----

**Stable administration of Bhadrak Engineering College**

**2027** **Smt. Sofia Firdous (Barabati-Cuttack):**

Will the Minister for **Skill Development & Technical Education** be pleased to state that:- a) Why the administrative charge of Bhadrak Engineering College has not been streamlined despite ongoing legal disputes and repeated representations from stakeholders; (b) Why the institution continues to be managed by the concerned Society even though the matter remains sub judice and unresolved; and What steps the Government has taken so far to ensure lawful, transparent and stable administration; By when the issue of administrative control will be conclusively settled ?

----

**Total number of regular Urdu Teachers**

**2028** **Smt. Sofia Firdous (Barabati-Cuttack):**

Will the Minister for **School and Mass Education** be pleased to state that:- (a) The total number of regular Urdu teachers currently serving in Government and aided High Schools in Odisha, End how many were appointed before and after 07.08.1981; (b) Whether appointments prior to 07.08.1981 were made under the standard staff pattern or under Education Code Rules 532/533, and under which rule appointments were made thereafter; and Whether it is correct that out of 31 Urdu teachers appointed by Managing Committees, only 8 were regularised while 23 continue as contractual resource teachers; and

Whether the Government proposes to regularise these remaining 23 teachers ?

----

## Pending applications for bettary operated vehicles

**2029 Smt. Sofia Firdous (Barabati-Cuttack):**

Will the Minister for **Social Security & Empowerment of Persons with Disabilities** be pleased to state that:- (a) Whether the department is aware that many applications for battery operated vehicles, tricycles and other mobility aids are pending across the state ; (b) the constituency-wise number of pending applications and the reasons for delay in sanction and supply and whether the government will launch a special special drive to clear all pending requests immediately and the funds earmarked and the timeline for providing mobility aids to ever eligibie beneficiary ?

----

## ଜରାଶ୍ରମ, ଭିନ୍ନକ୍ଷମ ଆଶ୍ରୟସ୍ଥଳର ସଂଖ୍ୟା

**2030 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଯାଜପୁର ଜିଲ୍ଲାରେ କେତୋଟି ଜରାଶ୍ରମ, କେତୋଟି ଭିନ୍ନକ୍ଷମ ଆଶ୍ରୟସ୍ଥଳ ଓ କେତୋଟି ମାନସିକ ଅନଗ୍ରସର ଲୋକଙ୍କ ରହଣି ଗୃହ କେଉଁ ସ୍ଥାନରେ ରହିଛି ବ୍ଲକୱାରୀ ତାର ବିବରଣୀ ପ୍ରଦାନ କରିବେ କି, (ଖ) ଏହା କାହା ଦ୍ୱାରା ପରିଚାଳିତ ହେଉଛି ଓ ସରକାର ସେ ବାବଦକୁ କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି ଓ କେଉଁ କେଉଁ ଆଶ୍ରୟସ୍ଥଳୀରେ କେତେ ଲୋକ ରହୁଛନ୍ତି ଓ କି ପ୍ରକାର ସେବା ପାଉଛନ୍ତି ?

----

## ଯାଜପୁର ଜିଲ୍ଲାରେ ଭତ୍ତା ପାଉଥିବା କଳାକାରଙ୍କ ସଂଖ୍ୟା

**2031 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଯାଜପୁର ଜିଲ୍ଲାରେ କେତେ ଲୋକଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଇଛି ଏବଂ କେତେ ଆବେଦନକାରୀ ଭତ୍ତା ପାଇବାକୁ ଆବେଦନ କରିଛନ୍ତି ତାର ତଥ୍ୟ ବ୍ଲକୱାରୀ ପ୍ରଦାନ କରିବେ କି, (ଖ) କଳାକାର ଭତ୍ତା ବାବଦରେ ସରକାର କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି ଜଣାଇବା ସହ ଆଗାମୀ ଦିନରେ ଭତ୍ତାର ପରିମାଣ ବୃଦ୍ଧି କରିବାକୁ କିଛି ଯୋଜନା କରିଛନ୍ତି କି ?

----

## ଉପକୃତ ଜିଲ୍ଲାରେ କ୍ରୀଡାବିତଙ୍କ ସଂଖ୍ୟା

**2032 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଯାଜପୁର ଜିଲ୍ଲାରେ କ୍ରୀଡା ବିକାଶ ପାଇଁ କେଉଁ କେଉଁ କ୍ରୀଡାକୁ ଅଗ୍ରାଧିକାର ଦେଇ ତାର ବିକାଶ କରାଯାଇଅଛି ଓ କେତେ ଜଣ କ୍ରୀଡାବିତ୍ ଉପକୃତ ହୋଇଛନ୍ତି ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି, (ଖ) ଆଗାମୀ ଦିନରେ କେଉଁ କେଉଁ କ୍ରୀଡାକୁ ପ୍ରାଧାନ୍ୟ ଦେବାକୁ ଲକ୍ଷ୍ୟ ରଖିଛନ୍ତି ?

----

## ନିର୍ମାଣଧିନ ଓ ପ୍ରସ୍ତାବଧାନ ଛତ୍ରାବାସର ତାଲିକା

2033 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଯାଜପୁର ଜିଲ୍ଲାର କେଉଁ ଶିକ୍ଷାନୁଷ୍ଠାନରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗ ଛାତ୍ରାବାସ, ଛାତ୍ରୀ ନିବାସ ପ୍ରତିଷ୍ଠା ହୋଇଛି ଓ ଅବଶିଷ୍ଟ କେତୋଟି ନିର୍ମାଣଧିନ ଓ ପ୍ରସ୍ତାବଧୀନ ଅଛି, ତାହାର ସମ୍ପୂର୍ଣ୍ଣ ତାଲିକା ପ୍ରକାଶ କରିବେ କି, ଚଳିତବର୍ଷ ଅଧିକ ଛାତ୍ର/ଛାତ୍ରୀ ନିବାସ ପ୍ରତିଷ୍ଠା ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ବିଚାରାଧିନ ଦରଖାସ୍ତର ତଥ୍ୟ

2034 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) 2014-2025 ଆର୍ଥିକ ବର୍ଷ ମଧ୍ୟରେ ଯାଜପୁର ଜିଲ୍ଲାରୁ କେତେ ସଂଖ୍ୟକ ଛାତ୍ର/ଛାତ୍ରୀ ବିଭିନ୍ନ ଉଚ୍ଚଶିକ୍ଷା ପାଇଁ କେତେ ଟଙ୍କା ଶିକ୍ଷା ଋଣ ବିଭିନ୍ନ ବ୍ୟାଙ୍କରୁ ନେଇଛନ୍ତି ଓ କେତେ ଦରଖାସ୍ତ ଅଦ୍ୟାବଧୀ ବିଭିନ୍ନ ବ୍ୟାଙ୍କରେ ବିଚାରାଧିନ ଅଛି ବ୍ଲକୱାରୀ ତାର ତଥ୍ୟ ପ୍ରଦାନ କରିବେ କି, (ଖ) ଶିକ୍ଷାଋଣ ଦେବା ପାଇଁ ବ୍ୟାଙ୍କ ଗୁଡିକ ଅମଙ୍ଗ ହେଉଥିବା ସରକାରଙ୍କ ଦୃଷ୍ଟି ଗୋଚର ହୋଇଛି କି, ଯଦି ହଁ ତେବେ ଏ ଦିଗରେ କି ପଦକ୍ଷେପ ନିଆଯାଇଛି ?

----

## ସରକାରୀ ମହାବିଦ୍ୟାଳୟରେ ପରିଣତ

2035 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସରକାରୀ ମହାବିଦ୍ୟାଳୟରେ ପରିଣତ କରିବାକୁ ସରକାର ବିଚାର କରୁଥିବା ସତ୍ୟ କି ଯଦି ହଁ ତେବେ କେବେ ସୁଦ୍ଧା ଏହି ମହାବିଦ୍ୟାଳୟ ସରକାରୀ ମହାବିଦ୍ୟାଳୟରେ ପରିଣତ ହେବ ?

----

## ଅନୁଦାନ ପ୍ରାପ୍ତ କଲେଜ ଗୁଡିକରେ UGC ନିୟମ ପାଳନ

2036 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (କ) ଦେବାର ସମସ୍ତ ରାଜ୍ୟ କ୍ଷତିକରେ ଏବଂ ଓଡିଶାର ସରକାରୀ କଲେଜରେ ଡିଗ୍ରୀ ସ୍ତରର ଛାତ୍ର ଛାତ୍ରୀଙ୍କୁ ଶିକ୍ଷାଦାନ ନିମନ୍ତେ LIGE ନିୟମ ପାଳନ ଠାରୁ ନେଟ୍ ବା ପି.ଏଚ୍.ଡି ଥିବା ପ୍ରାର୍ଥିମାନଙ୍କୁ ନିଯୁକ୍ତି ନିଆଯାଉଥିବା ସ୍ଥଳେ ଓଡିଶାର ଅନୁଦାନପତ୍ର ଗୁଡିକରେ ନିଯୁକ୍ତି କ୍ଷେତ୍ରରେ LiGE ନିୟମ ପାଳନ କରାଯାଇ ନଥିବାର କାରଣ କଣ, (ଖ) ଏ ସଂକ୍ରାନ୍ତରେ ମାନ୍ୟବର ଉଚ୍ଚ ନ୍ୟାୟଳୟ ନିର୍ଦ୍ଦେଶ ଥିବା ସତ୍ୟ କି ଯଦି ହଁ ତେବେ କେବେ LIGC ନିୟମ ଅନୁପାଳନ କରି ଅଧ୍ୟାପକ/ଅଧ୍ୟାପିକା ନିଯୁକ୍ତି କରିବେ ?

----

## ଅଧ୍ୟାପକମାନଙ୍କୁ ଘରଭଡା ପ୍ରଦାନ

2037 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ː**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (କ) ସାଧାରଣ ପ୍ରଶାସନ ବିଭାଗର 2017 ଗେଜେଟ୍ ଅନୁସାରେ ରାଜ୍ୟରେ ବିଭିନ୍ନ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ୬613 ଦ୍ୱାରା ଚୟନ କରାଯାଉଥିବା ଅଧ୍ୟାପକମାନଙ୍କୁ ଘରଠାରୁ ଦୂରରେ ନିଯୁକ୍ତି ପାଉଥିବା ହେତୁ ଘରଭଡା। ନିଆଯାଉନଥିବା ସତ୍ୟ କି, (ଖ) ଏହି SSB ଦ୍ୱାରା ଚୟନ ହୋଇ ନିଯୁକ୍ତି ଅଧ୍ୟାପକଙ୍କୁ ଘରଭଡା ପ୍ରଦାନ ନିମନ୍ତେ କୌଣସି ପ୍ରସ୍ତାବ ଅଛି କି ?

----

## ତିନି ବରପୁତ୍ରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା

2038 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ː**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (କ) କେନ୍ଦ୍ରାପଡା ବାଣୀକଣ୍ଠ ନିମାଇଁ ହରିଚନ୍ଦନ, ଭିକାରୀ ବଳ ଓ ଅକ୍ଷୟ ମହାନ୍ତି ପରପୁତ୍ର ମାନଙ୍କର ସୃତିରକ୍ଷା ନିମନ୍ତେ ରାଜ୍ୟ ସରକାର 2023-24 ରେ 20 ଲକ୍ଷ ଟଙ୍କା ମଞ୍ଜୁର କରିଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଏ କ୍ଷେତ୍ରରେ କୌଣସି ପଦକ୍ଷେପ ନିଆଯାଇ ନଥିବା ସତ୍ୟ କି, (ଖ) ଯଦି ହଁ , ତେବେ ସରକାର କେନ୍ଦ୍ରାପଡାର ଏହି ତିନି ବରପୁତ୍ରଙ୍କ ପୂର୍ଣ୍ଣ ଅବୟବ ବିଶିଷ୍ଟ ପ୍ରତିମୂର୍ତ୍ତି ଗୋଟିଏ ସ୍ଥାନରେ ପ୍ରତିଷ୍ଠା କରିବାକୁ ତୁରନ୍ତ ବିଚାର କରିବେ କି ?

----

## ଶିଳ୍ପ ପ୍ରତିଷ୍ଠା ନିମନ୍ତେ ବୁଝାମଣା ପତ୍ର

2039 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ː**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ରାଜ୍ୟରେ ଉତ୍କର୍ଷ ଓଡିଶା ସମ୍ମିଳନୀ ଠାରୁ ଆଜି ପର୍ଯ୍ୟନ୍ତ କେଉଁ 2 ଶିଳ୍ପ ସଂସ୍ଥା କେଉଁ ସଂସ୍ଥା କେଉଁ 2 ସ୍ଥାନରେ କି କି ପ୍ରକାର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ବୁଝାବଣା ପତ୍ର ଦସ୍ତଖତ କରିଅଛନ୍ତି ଓ ସେମାନଙ୍କ ମଧ୍ୟରୁ କେଉଁ 2 ଶିଳ୍ପ ସଂସ୍ଥା ବୁଝାମଣା ମୁତାବକ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ କି କି ଅଗ୍ରଗତି କରିଛନ୍ତି ତାହାର ବିଶଦ ବିବରଣୀ ଦେବେ କି ?

----

## ବିଭାଗ ଅଧିନରେ ଥିବା ବିଶ୍ୱବିଦ୍ୟାଳୟ ସମ୍ପର୍କରେ

2040 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଆରୋପ କରୁଥିବାବେଳେ ଏହି ବିଭାଗ ଅଧିନରେ ଥିବା କେଉଁ କେଉଁ ବିଶ୍ୱବିଦ୍ୟାଳୟ, ବୈଷୟିକ କଲେଜ ଓ ଅନ୍ୟ ଶିକ୍ଷାନୁଷ୍ଠାନମାନ ରହିଛି ; ଏସବୁ ପାଇଁ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଅଛି ଓ ସେଥିରୁ ଏବେ କେଉଁ ଶିକ୍ଷାନୁଷ୍ଠାନରେ କେତେ ପଦବୀ ନିୟମିତ ଭିତ୍ତିରେ ପୂରଣ ହୋଇଛି ଓ ଆଉ କେତେ ପଦବୀ ଖାଲିପଡିଛି ; ଖାଲି ପଡିଥିବା ପଦବୀଗୁଡିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବେ କି?

----

## ଜାତୀୟ ଦଳରେ ଥିବା କ୍ରୀଡାବିତ ଓ କୋଚ ସଂଖ୍ୟା

2041 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ହକି, କ୍ରିକେଟ୍, ଫୁଟବଲ, ଭଲିବଲ ସମେତ ବିଭିନ୍ନ କ୍ରୀଡା ପାଇଁ ଥିବା ଜାତୀୟ ଦଳରେ ଏବେ ଓଡିଶାର କେତେଜଣ କ୍ରୀଡାବିତ୍ ଓ କୋଚ୍ ରହିଛନ୍ତି ; ସେମାନଙ୍କ ନାମ କ୍ରୀଡାୱାରୀ ପ୍ରକାଶ କରିବେ କି ; ଜାତୀୟ ଦଳରେ ଓଡିଶାର ଯଭଳି ଅଧିକ କ୍ରୀଡାବିତ୍ ସ୍ଥାନ ପାଆନ୍ତି ସେ ଦିଗରେ ରାଜ୍ୟ ସରକାର କଣ ସବୁ ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ନିୟମିତ କୁଳପତି ନିଯୁକ୍ତି

2042 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ କେଉଁ କେଉଁ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟମାନ କାର୍ଯ୍ୟ କରୁଛନ୍ତି ; ଏମାନଙ୍କ ଭିତରୁ ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ଥିବା କେଉଁ କେଉଁ ସରକାରୀ ବିଶ୍ୱବିଦ୍ୟାଳୟର ନିୟମିତ କୁଳପତିମାନଙ୍କ କାର୍ଯ୍ୟକାଳ କେବେ ଠାରୁ ଶେଷ ହୋଇଛି ; କାମଚଳା କୁଳପତି ପରିବର୍ତ୍ତେ ସମସ୍ତ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନିଯୁକ୍ତି କେବେ ସୁଦ୍ଧା ହେବ?

----

## ଠିକାରେ ଥିବା ଶିକ୍ଷକ ଓ ଅଣଶିକ୍ଷକଙ୍କ ସଂଖ୍ୟା

2043 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ଶିକ୍ଷାନୁଷ୍ଠାନଗୁଡିକର ପରିଚାଳନା ପାଇଁ କେତେ ସଂଖ୍ୟକ ଶିକ୍ଷକ ଓ ଅଣଶିକ୍ଷକଙ୍କୁ ଠିକାରେ ରଖାଯାଇଛି ; ଉଭୟ ସରକାରୀ ଓ ବେସରକାରୀ ଡିଗ୍ରୀ କଲେଜଗୁଡିକ ପାଇଁ କେତେ ସଂଖ୍ୟକ ନିୟମିତ ଅଧ୍ୟକ୍ଷଙ୍କ ଆବଶ୍ୟକତା ରହିଛି ଏବଂ ସେଥିରୁ ଏବେ କେତେ ସଂଖ୍ୟକ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷ ରହିଛନ୍ତି ; ଏହି ପଦବୀଗୁଡିକ ତୁରନ୍ତ ନିୟମିତ ଭିତ୍ତିରେ ସରକାର ପୂରଣ କରିବେ କି?

----

## ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ଦୈନିକ ଅର୍ଥ ବ୍ୟବସ୍ଥା

**2044 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ः**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ କେତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଛି ; ମଧ୍ୟାହ୍ନ ଭୋଜନ ପାଇଁ ଛାତ୍ରଛାତ୍ରୀଙ୍କ ଲାଗି ମୁଣ୍ଡପିଛା ଦୈନିକ କେତେ ଅର୍ଥ ବ୍ୟବସ୍ଥା ହୋଇଛି ଏବଂ ଏହି ଅର୍ଥରେ ଛାତ୍ରଛାତ୍ରୀମାନଙ୍କୁ ଅଣ୍ଡା ସମେତ ଅନ୍ୟ କଣ ସବୁ ଖାଦ୍ୟ ପରସା ଯିବାର ବ୍ୟବସ୍ଥା ଅଛି ; ଦରଦାମ ବୃଦ୍ଧି ଦୃଷ୍ଟିରୁ ମଧ୍ୟାହ୍ନ ଭୋଜନ ବାବଦ ମୁଣ୍ଡପିଛା ଖର୍ଚ୍ଚ ବୃଦ୍ଧି ଲାଗି ସରକାର ପଦକ୍ଷେପ ଗ୍ରହଣ କରିବେ କି?

----

## ଦରମା ପ୍ରଦାନ

**2045 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ)ः**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ପ୍ରାଥମିକ ଶିକ୍ଷକମାନଙ୍କର ଶିକ୍ଷାଗତ ଯୋଗ୍ୟତାକୁ ସରକାର ୨୨.11.2017 ରେ ମାଟ୍ରିକ୍ ସିଟିରୁ +2 CTକୁ ପରିବର୍ତ୍ତନ କରିଥିବା ବେଳେ ଆଜି ପର୍ଯ୍ୟନ୍ତ କାହିଁକି ମୂଳ ପୋଷ୍ଟ ମାଟ୍ରିକ୍ ସିଟିକୁ Upgrade କରି +2 CT କରାଯାଉନାହିଁ କି ସେହି ଅନୁସାରେ ଦରମା ପ୍ରଦାନ କରାଯାଉଥିବା ସତ୍ୟ କି?

----

## ପ୍ରସ୍ତାବିତ ଶିଳ୍ପ ସଂସ୍ଥା

**2046 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ)ः**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାୟଗଡା ଓ କୋରାପୁଟ, କଳାହାଣ୍ଡି, ମାଲକାନଗିରି ଜିଲ୍ଲାରେ କେଉଁ କେଉଁ ଶିଳ୍ପ ପାଇଁ ପ୍ରସ୍ତାବିତ ହୋଇ କାର୍ଯ୍ୟକାରିତା ପାଇଁ ପ୍ରସ୍ତୁତ ରହିଅଛି ଏବଂ କି କି ପଦାର୍ଥ କେତେ ପରିମାଣର ଉତ୍ତୋଳନ ହେବ ତାହାର ତାଲିକା ସଂସ୍ଥାୱାରୀ ଓ ପଦାର୍ଥୱାରୀ ପ୍ରଦାନ କରିବେ କି?

----

## Hostel ନିର୍ମାଣ

**2047 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ)ः**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ନବରଙ୍ଗପୁର ଜିଲ୍ଲାରେ କେଉଁ School Hostel ନିର୍ମାଣ ପାଇଁ କେତେ ଟଙ୍କାର ପ୍ରସ୍ତାବ ରହିଅଛି ଜଣାଇବେ କି, ଏବଂ +2 Science College ଖୋଲିବାକୁ ପ୍ରସ୍ତାବ କେଉଁ କେଉଁ ଠାରେ ରହିଅଛି ?

----

## ନିମ୍ନ ମାନର ପୋଷାକ ପ୍ରଦାନ

**2048 ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ)ः**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନବରଙ୍ଗପୁର ଜିଲ୍ଲାରେ ୨୦୨୧-୨୧ ଠାରୁ ୨୦୧୫-୨୬ ପର୍ଯ୍ୟନ୍ତ Dress, ଖେଳନା ଓ ଅନ୍ୟାନ୍ୟ ସାମଗ୍ରୀ କିଣି ପାଇଁ କେତେ ଅର୍ଥ ପ୍ରଦାନ କରାଯାଇଥିଲା ଓ କେଉଁ ମାନଙ୍କୁ କେଉଁ ଆଧାରରେ supply order ଦିଆଯାଇଥିଲା, ତାହାର ତାଲିକା ସଂସ୍ଥାୱାରୀ ପ୍ରଦାନ କରିବେ କି, ନିମ୍ନମାନର Dress ସମ୍ପୃକ୍ତ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଦିଆଯାଇଥିବା ଅଭିଯୋଗ ଆସିଥିଲା ଓ ଏହି ବିଷୟରେ କି କି କାର୍ଯ୍ୟାନୁଷ୍ଠାନ ଦିଆଯାଇଅଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ସାମଗ୍ରୀ, କ୍ରୟ ଓ ବଣ୍ଟନରେ ଦୁର୍ନିତୀ ଅଭିଯୋଗ

2049 **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନବରଙ୍ଗପୁର ଜିଲ୍ଲାରେ Bed, Utensils, Dress ଓ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ ୨୦୨୦-୨୧ ଠାରୁ ୨୦୨୫-୨୬ ପର୍ଯ୍ୟନ୍ତ କେତେ ଟଙ୍କା ପ୍ରଦାନ କରାଯାଇଥିଲା ଓ କେଉଁ ଆଧାରରେ କେଉଁ ସଂସ୍ଥାକୁ କେତେ ପରିମାଣର ସାମଗ୍ରୀ ପାଇଁ ଅର୍ଥ ପ୍ରଦାନ କରାଯାଇଥିଲା, ?

----

## New appointment process

2050 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- In non-government aided colleges, a case regarding the eligibility criteria of the SSB examination for the appointment of lecturers has been pending in the Odisha High Court for more than 1.5 years; As a result, there has been a long delay in appointments, causing hardship to eligible candidates; What special steps is the government taking to bring this case to a speedy and logical resolution; After the High Court delivers its judgment, within what time frame does the government plan to start the new appointment process?

----

## Engagement of retired sports persons

2051 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର)ଃ**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) how many certified coaches are currently engaged under the Department across various disciplines; (b) whether the Government proposes to provide employment or contractual engagement opportunities to retired sports persons in coaching and training roles?

----

**Generation of employment**

2052 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) how many new industries have been established in Odisha during the last five years, along with details of employment generated; (b) whether any proposal exists to promote industrial development in western Odisha districts like Balangir, Kalahandi, and Nuapada?

----

**Appointment of lecturers in ITIs**

2053 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the number of youths trained under various skill development schemes during the last three years, and what percentage of them have been employed or placed; what steps have been taken to fill vacant instructor and lecturer posts in ITIs and Polytechnics across Odisha, particularly in Balangir district ?

----

**Promotion of traditional performing Arts**

2054 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What steps have been taken by the Government to preserve and promote traditional Odia performing Arts such as Pala, Daskathia and Gotipua dance across Odisha, what are the details of scholarships, awards and fellowships offered to Odia writers, poets and researchers in literature and cultural studies over the last three years?

----

**ଖେଳ ପଡିଆ ନିର୍ମାଣ**

2055 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ପ୍ରତ୍ୟେକ ଗ୍ରାମ ପଂଚାୟତରେ ଖେଳ ପଡିଆ ନିର୍ମାଣ ପାଇଁ ସରକାର ଯେଉଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି ସେହି ଆଧାରରେ କେଉଁ ଜିଲ୍ଲାରେ କେତେଗୋଟି ଗ୍ରାମ ପଂଚାୟତରେ ଖେଳପଡିଆ ନିର୍ମାଣ ପୂର୍ଣ୍ଣାଙ୍ଗ ହୋଇଛି, ନିର୍ମାଣଧିନ ଅଛି ଓ ଏହି ପ୍ରକ୍ରିୟା କେବେସୁଦ୍ଧା ପୂର୍ଣ୍ଣାଙ୍ଗ ହେବ?

----

## କଳାକାର ଭତ୍ତା ପ୍ରଦାନ

2056 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତେ କଳାକାର ଥିବାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ମାସିକ କେତେ କଳାକାର ଭତ୍ତା ପ୍ରଦାନ କରାଯାଇଛି ଅଧିକ ସଂଖ୍ୟକ କଳାକାରମାନଙ୍କୁ ସାମିଲ କରି ସେମାନଙ୍କ ଭତ୍ତା ଅନ୍ୟୁନ ଚାରି ହଜାର ଟଙ୍କାକୁ ବୃଦ୍ଧି ପାଇଁ ସରକାର ବ୍ୟବସ୍ଥା କରିବେକି?

----

## ପଦବୀ ପୂରଣ ପାଇଁ ପଦକ୍ଷେପ

2057 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ମଧୁପାଟଣା ଶିଳ୍ପ ତାଲିମ ପ୍ରତିଷ୍ଠାନ, ଚୌଦ୍ୱାର ମଧୁସଦନ ଶିଳ୍ପ ତାଲିମ ପ୍ରତିଷ୍ଠାନ ଓ ଚୌଦ୍ୱାରସ୍ଥିତ Institute of Textiles Technology ରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲି ଅଛି ତାହା ପୁରଣ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ମରାମତି ପାଇଁ ବ୍ୟୟ ବରାଦ

2058 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ST/SC Department ତରଫରୁ ବିଗତ ଦୁଇ ବର୍ଷରେ Repair & Maintenance ପାଇଁ କେଉଁ ଜିଲ୍ଲାରେ କେଉଁ ବିଭାଗକୁ କେତେ ଟଙ୍କା ମଞ୍ଜୁର କରିଛି ତାହାର ବିବରଣୀ ପ୍ରଦାନ କରିବେ କି?

----

## ଦିବ୍ୟାଙ୍ଗ ଭତ୍ତା ବୃଦ୍ଧି

2059 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସମସ୍ତ ଦିବ୍ୟାଙ୍ଗ ମାନଙ୍କୁ ଭତ୍ତା ଚାରି ହଜାର ଟଙ୍କାକୁ ବୃଦ୍ଧି ସହ ସେମାନଙ୍କୁ ତିନି ଚକିଆ ଯାନ ଯୋଗାଇ ଦେବାକୁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଭିନ୍ନକ୍ଷମ ବିଦ୍ୟାଳୟ ସ୍ଥାପନ

2060 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ଭିନ୍ନକ୍ଷମ ବିଦ୍ୟାଳୟ ସରକାରଙ୍କ ତରଫରୁ ସ୍ଥାପନ କରାଯାଇଅଛି, ଉକ୍ତ ବିଦ୍ୟାଳୟମାନଙ୍କରେ କେତେ ଭିନ୍ନକ୍ଷମ ଛାତ୍ର/ଛାତ୍ରୀ ଅଧ୍ୟୟନ କରୁଛନ୍ତି ଏବଂ ଅଧ୍ୟୟନ କରୁଥିବା ଛାତ୍ର/ଛାତ୍ରୀଙ୍କ ନିମନ୍ତେ ସମ୍ପୂର୍ଣ୍ଣ ଶିକ୍ଷକ ଅଛନ୍ତି କି, ଯଦି ନାହିଁ, ତାହା ପୂରଣ କରିବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ମୂର୍ତ୍ତି ନିର୍ମାଣ

2061 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଶ୍ରୀମନ୍ଦିର ଗୁଣ୍ଡିଚା ଘର ପାଖରେ ସଂପୂର୍ଣ୍ଣ କାଞ୍ଚି ଅଭିଯାନ ମୂର୍ତ୍ତି ନିର୍ମାଣ କରିବା ପାଇଁ ସରକାର ଚିନ୍ତାଧାରା ନେଇଛନ୍ତି କି, ଯଦି ନେଇଛନ୍ତି ତେବେ କେବେଠାରୁ କାର୍ଯ୍ୟକାରୀ କରିବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ ?

----

## ITI କଲେଜ ଖୋଲିବା ସମ୍ପର୍କରେ

2062 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀସ୍ଥ ଖଣି ଖାଦାନ ଭରା ବଡ଼ବିଲ ଠାରେ କେତୋଟି ସରକାରୀ ITI କଲେଜ ଖୋଲା ଯାଇଅଛି ଏବଂ ସେଥିରେ କେତେ ସଂଖ୍ୟକ ଛାତ୍ର /ଛାତ୍ରୀ ଅଧ୍ୟୟନ କରୁଅଛନ୍ତି ଏବଂ ଏଥିରୁ ପାସ ଆଉଟ ହେଉଥିବା କେତେଜଣ ଛାତ୍ର ଛାତ୍ରୀଙ୍କୁ ସରକାର ବୈଷୟିକ ଟ୍ରେନିଂ ଦେଇ ବିଭିନ୍ନ କଳକାରଖାନା ମାନଙ୍କରେ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି ?

----

## ଶିକ୍ଷକ ନିଯୁକ୍ତି

2063 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ଆଶ୍ରମ/ସେବାଶ୍ରମ ବିଦ୍ୟାଳୟ କେତେ ଗୋଟି ଅଛି ଏବଂ କେଉଁ କେଉଁ ଠାରେ ଅଛି, ସେଥିରେ କେତେ ଛାତ୍ର/ଛାତ୍ରୀ ଅଧ୍ୟୟନ କରୁଛନ୍ତି ଏବଂ ସେହି ପରିମାଣରେ ଶିକ୍ଷକ/ଶିକ୍ଷୟିତ୍ରୀ ନଥିବା କଥା ସତ୍ୟ କି ; ଯଦି ସତ୍ୟ, ତାହେଲେ କେବେ ସୁଦ୍ଧା ଉକ୍ତ ପଦବୀ ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେବେ ?

----

## ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ

2064 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାରେ ବୃହତ ଶିଳ୍ପ କରିବା ପାଇଁ ସରକାର ଘୋଷଣା କରିଥିଲ ମଧ୍ୟ ଏ ପର୍ଯ୍ୟନ୍ତ ସ୍ଥାନ ନିରୂପଣ ହୋଇ ନାହିଁ, ଯାହା ଫଳରେ ଜିଲ୍ଲାରେ ଏକ ଚର୍ଚ୍ଚାର ବିଷୟ ହୋଇଅଛି ଏବଂ ଏଠାରେ ଶିଳ୍ପ ପ୍ରତିଷ୍ଠା ନେଇ ଅନିଶ୍ଚିତତା ଦେଖା ଦେଇଅଛି ସରକାର ଏ ଦିଗରେ ବିଶେଷ ଧ୍ୟାନ ଦେଇ ସ୍ଥାନ ନିରୂପଣ କରିବା ସଙ୍ଗେ ସଙ୍ଗେ ଜମି ଅଗ୍ରହଣ କରି ଶିଳ୍ପ ପତିଷ୍ଠା କରିବା ଦିଗରେ ସରକାର ପଦକ୍ଷେପ ନେବେ କି ?

----

## ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା

2065 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେଉଁଠାରେ କେତୋଟି କେଉଁ ଜିଲ୍ଲାରେ +2 ସ୍ତରୀୟ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ Higher Secondary School 2024 - 25 ଓ ଚଳିତବର୍ଷ ଖୋଲାଯାଇଛି ଏହାର ତାଲିକା ସହିତ ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ପ୍ରତ୍ୟେକଟିରେ କେତେ ପୁଅଝିଅ ଅଧ୍ୟୟନ କରୁଛନ୍ତି ;ଆସନ୍ତା ଶିକ୍ଷା ବର୍ଷରେ ନୂଆକରି କାର୍ଯ୍ୟାନୁଷ୍ଠାନ ପ୍ରତିଷ୍ଠା କରିବାକୁ ସରକାର କେଉଁ ଯୋଜନା ପ୍ରସ୍ତୁତ କରୁଛନ୍ତି ?

----

## କ୍ରୀଡ଼ା କମପ୍ଲେକ୍ସ ନିର୍ମାଣ

2066 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଲେଶ୍ୱର ଜିଲ୍ଲା କେତୋଟି ଓ କେଉଁ ବ୍ଲକରେ ବ୍ଲକସ୍ତରୀୟ ଷ୍ଟାଡ଼ିୟମ ସହିତ କ୍ରୀଡ଼ା କମପ୍ଲେକ୍ସ ନିର୍ମାଣପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ରହିଛି ଓ ପ୍ରତ୍ୟେକଟିରେ କେତେ ଜମି ବ୍ୟବସ୍ଥା ହୋଇସାରିଛି ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ଜଳେଶ୍ୱର ବ୍ଲକରେ ଏପରି ପ୍ରସ୍ତାବ କାର୍ଯ୍ୟକାରୀ ହେବାପାଇଁ କେଉଁଠାରେ କେତେଜମି ହାସିଲାତ ହୋଇଛି, ସରକାରଙ୍କର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କଣ ?

----

## ଭତ୍ତା ପ୍ରଦାନରେ ଅନିୟମିତତା

2067 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଳେଶ୍ୱର ବ୍ଲକରେ ଭୋଟର ତାଲିକାରେ ଉଲ୍ଲେଖ ଥିବା EPIC ନମ୍ବର ପରିବର୍ତ୍ତନ କରି କେତେଜଣ ଅଯୋଗ୍ୟ ବ୍ୟକ୍ତି ଭତ୍ତା ହାତେଇଥିଲେ ସେମାନେ କେଉଁ ଗ୍ରାମପଞ୍ଚାୟତର କେଉଁମାନେ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; ଏ ଘଟଣା ତଦନ୍ତ କେଉଁ ସ୍ତରରେ, କିଏ ତଦନ୍ତ କରୁଥିଲେ ଏହାର ତଥ୍ୟ ଏଥିସହ ଦାଖଲ କରିବେ କି ?

----

## ଭତ୍ତା ପ୍ରଦାନ

2068 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକରେ ଚଳିତମାସସୁଦ୍ଧା କେଉଁ ଗ୍ରାମପଞ୍ଚାୟତରେ ଭତ୍ତା ପାଉଥିବା ବ୍ୟକ୍ତି କେତେଜଣ ମୃତ୍ୟୁ ବରଣ କରିଛନ୍ତି, ସେହି ଗ୍ରାମପଞ୍ଚାୟତରେ ସେହି ସ୍ଥାନରେ ଆବେଦନ କରିଥିବା ଭତ୍ତା ପାଇବାକୁ ଯୋଗ୍ୟଗତ ବ୍ୟକ୍ତି କେତେଜଣ କେଉଁ ପ୍ରକାର ବ୍ୟକ୍ତି ଅଛନ୍ତି, ନୀତିଗତ ଭାବରେ ସେମାନଙ୍କୁ ସରକାର ଭତ୍ତା ପ୍ରଦାନ ପାଇଁ କଣ ପଦକ୍ଷେପ ନେବେ ?

----

## ରାଇବଣିଆ ଦୁର୍ଗର ସୁରକ୍ଷା ସମ୍ପର୍କରେ

2069 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକସ୍ଥିତ ବହୁ ପ୍ରାଚୀନ ରାଇବଣିଆ (RAIBANIA) ଦୁର୍ଗ ପ୍ରାଚୀନ କୀର୍ତ୍ତୀ ସୁରକ୍ଷା କରିବାକୁ ଆଉ କଣ କାର୍ଯ୍ୟ ସମ୍ପାଦନ କରିବାକୁ ହେବ, ସେଥିନେଇ ଚଳିତ ବର୍ଷ ପାଇଁ ଯୋଜନା କଣ, କେବେ କାର୍ଯ୍ୟକାରୀ ହେବ ?

----

## କୁଳପତି ପଦବୀ ପୂରଣ

2070 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଆମ ରାଜ୍ୟରେ କେଉଁ କେଉଁ ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ କେବେଠାରୁ ଖାଲି ପଡିଛି ; ସେଗୁଡିକୁ ପୂରଣ କରିବା ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି; ଖାଲି ପଡିଥିବା କୁଳପତି ପଦବୀ ପାଇଁ କେଉଁମାନେ ଆବେଦନ କରିଛନ୍ତି; ସେମାନଙ୍କର ନାମ ଓ ଅଭିଜ୍ଞତାର ଏକ ତାଲିକା ପ୍ରଦାନ କରିବା ସହ, (ଖ) ସେମାନଙ୍କର ଏକ short listing କରିବା ପାଇଁ ବା scrutiny କରିବା ପାଇଁ କି ପ୍ରକାର criteria ସରକାର କରିଛନ୍ତି ଏବଂ କେବେ ସୁଦ୍ଧା ଏହି ନିଯୁକ୍ତି ପ୍ରକ୍ରିୟା ଶେଷ ହେବ ?

----

## ଅଧ୍ୟାପକ ପଦବୀ ପୂରଣ

2071 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର କେଉଁ ଜିଲ୍ଲାର କେତୋଟି କେଉଁଠାରେ କେଉଁ ବର୍ଗର ମହାବିଦ୍ୟାଳୟ ଚାଲୁଅଛି, ତାର ଜିଲ୍ଲାୱାରୀ, କେଉଁବର୍ଗର ଓ କେତେଜଣ କେଉଁ ବିଭାଗର ଅଧ୍ୟାପକ / ଅଧ୍ୟାପିକା ଆବଶ୍ୟକତା ଥିବା ସ୍ଥଳେ କେତେ ଜଣ କେଉଁଠାରେ କାର୍ଯ୍ୟରତ ଅଛନ୍ତି ତାର ଏକ ତାଲିକା ପ୍ରଦାନ କରିବାସହ, ଖାଲିଥିବା ଅଧ୍ୟାପକ/ ଅଧ୍ୟାପିକା ପଦବୀ ପୂରଣ ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ଜଣାଇବେ କି; (ଖ) କେଉଁ ମହାବିଦ୍ୟାଳୟ ଗୁଡ଼ିକୁ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ କେତେ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି ଏବଂ ସେଥିରେ କି କି କାର୍ଯ୍ୟ ସମ୍ପାଦନ ହୋଇଛି ତାର ଏକ ବିବରଣୀ ପ୍ରଦାନ କରିବେ କି ; ଏବଂ ଏହି ମହାବିଦ୍ୟାଳୟଗୁଡିକ ମଧ୍ୟରୁ କେଉଁ ଜିଲ୍ଲାର କେଉଁ ଅଧ୍ୟାପକ / ଅଧ୍ୟାପିକା ଓ ଅଧକ୍ଷମାନଙ୍କ ନାମରେ କେଉଁଠାରେ କେବେ ବିଭିନ୍ନ ଅଂସଗତ କାର୍ଯ୍ୟ, କାର୍ଯ୍ୟରେ ଅବହେଳା, ଦୃବ୍ୟବହାର ଓ ଆର୍ଥିକ ଅନିୟମିତତା ନେଇ, ମାମଲା ଥାନାରେ ରୁଜୁ ହୋଇଛି ତାର ସମସ୍ତ କେସ୍‌ର ଅଭିଯୋଗର କାରଣ ଓ ବର୍ତ୍ତମାନର ସ୍ଥିତି ଉପରେ ଏକ ବିଷଦ ବିବରଣୀ ପ୍ରଦାନ କରିବେ କି ?

----

## କଣ୍ଡରେଇଠାରେ ଥିବା ଶିଳ୍ପ ସଂସ୍ଥାର ବର୍ତ୍ତମାନ ସ୍ଥିତି

**2072 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ତା-୦୧.୦୧.୨୪ ଠାରୁ ଅଦ୍ୟାବଧି କେତେ ସଂଖ୍ୟକ ଶିଳ୍ପାନୁଷ୍ଠାନ କେଉଁ ଅଞ୍ଚଳରେ ପ୍ରତିଷ୍ଠା ପାଇଁ ସରକାରଙ୍କ ସହ ଚୁକ୍ତି କରିଛନ୍ତି ଏବଂ କେଉଁ ଶିଳ୍ପସଂସ୍ଥା ଗୁଡିକ କେତେ ନିଜସ୍ୱ ଜମିକ୍ରୟ କରିଛନ୍ତି ଓ କେତେ ଜମି ସରକାରଙ୍କ ଠାରୁ ଲିଜ୍ ସୂତ୍ରରେ ନେଇଛନ୍ତି ଏବଂ କେଉଁ ଶିଳ୍ପାନୁଷ୍ଠାନରେ କେତେ ସଂଖ୍ୟକ ନିଯୁକ୍ତିର ସମ୍ଭାବନା ରହିଛି ତାର ସମସ୍ତ ବିବରଣୀ ଜିଲ୍ଲାୱାରୀ ପ୍ରଦାନ କରିବେ କି ; (ଖ) ଆଦାନୀ କମ୍ପାନୀ ତରଫରୁ ଆଠଗଡ଼ ବ୍ଲକ୍ ଅନ୍ତର୍ଗତ କଣ୍ଡରେଇ ଠାରେ ହେବାକୁ ଥିବା ଶିଳ୍ପ ସଂସ୍ଥାର ବର୍ତ୍ତମାନ ସ୍ଥିତି କ'ଣ ଅଛି ?

----

## ନିତିନିୟମ ବିବରଣୀ ପ୍ରଦାନ

**2073 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ କେତୋଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଛି ଏବଂ ବନ୍ଦ କରାଯାଇଥିବା ସ୍କୁଲ ମଧ୍ୟରୁ କେଉଁ କେଉଁ ସ୍କୁଲଗୁଡିକୁ ଖୋଲିବାର ଯୋଜନା ଅଛି ଏବଂ କେଉଁ ନିୟମ ଆଧାରରେ ସ୍କୁଲଗୁଡିକୁ ବନ୍ଦ କରାଯାଇଛି ତାହାର ଏକ ଜିଲ୍ଲାୱାରୀ, ବ୍ଲକୱାରୀ ସବିଶେଷ ବିବରଣୀ ଉପସ୍ଥାପନା କରିବେ କି; ଏବଂ (ଖ) ସେହିପରି ଉଚ୍ଚମାଧ୍ୟମିକ ସ୍କୁଲ ଗୁଡିକ କ୍ଷେତ୍ରରେ ବନ୍ଦ ହେବାପାଇଁ କିଛି ଯୋଜନା ରହିଛି କି ?

----

## Service benefit to Teacher

**2074 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether passing OTET was prescribed as a mandatory qualification in the original advertisements

published during 2011for the engagement of Sikshya Sahayaks; (b) if not, the reasons for which the Government has refused regularization of such Junior Teachers on the ground of OTET non- qualification, despite completion of the prescribed period of engagement; whether the Department is aware that such Junior Teachers are being paid fixed remuneration instead of the regular scale of pay, and whether this practice is inconsistent with the principle of "Equal Pay for Equal Work" upheld by the Hon'ble Supreme Court of India in State of Punjab v. Jagjit Singh, (2017) 1 SCC 148; and if so, the steps being taken to remove this pay disparity and to extend equal pay and service benefits to them?

----

## କାର୍ଯ୍ୟରତ କିରାଣୀଙ୍କ ପଦୋନ୍ନତି

**2075 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ସରକାରୀ ସଂସ୍କୃତ ମହାବିଦ୍ୟାଳୟମାନଙ୍କରେ କାର୍ଯ୍ୟରତ କନିଷ୍ଠ ସହାୟକମାନେ ଦୀର୍ଘ ୩୨ ବର୍ଷ କାର୍ଯ୍ୟ କରି ପଦୋନ୍ନତି ନପାଇ ଅବସର ନେଉଥିବା ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ରାଜ୍ୟର କେଉଁ ସଂସ୍କୃତ ମହାବିଦ୍ୟାଳୟର କାର୍ଯ୍ୟରତ କନିଷ୍ଠ କିରାଣୀ ପଦୋନ୍ନତି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି, ସେମାନଙ୍କ ଆବେଦନ ଆଧାରରେ ସେମାନଙ୍କୁ ଅନ୍ୟୁନ ଗୋଟିଏ ପଦୋନ୍ନତି ଦେବାକୁ ସରକାର ବ୍ୟବସ୍ଥା କରିବେ କି?

----

## ଅଧ୍ୟାପକ ଓ କର୍ମଚାରୀ ଅନୁଦାନ

**2076 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ପରିଚାଳନା କମିଟି ତରଫରୁ ନିୟୋଜିତ କେତେଜଣ ଅଧ୍ୟାପକ ଓ କର୍ମଚାରୀ ସରକାରୀ ଅନୁଦାନ ପାଇବାରୁ ବଞ୍ଚିତ ହୋଇଛନ୍ତି ପ୍ରକାଶ କରି ସେହି ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ମାନବିକତା ଦୃଷ୍ଟିକୋଣରୁ ଅନୁଦାନ ପରିସରଭୁକ୍ତ କରିବାକୁ ସରକାର ବ୍ୟବସ୍ଥା କରିବେ କି ?

----

## ପୂଜ୍ୟପୂଜା କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା

**2077 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଆ ଅସ୍ମିତା ଆଧାରରେ ରାଜ୍ୟରେ କେଉଁ କେଉଁ ବରପୁତ୍ରଙ୍କର ପ୍ରତିମୂର୍ତ୍ତି କେଉଁଠାରେ ନିର୍ମାଣ କରାଯାଇଛି ଓ କେଉଁମାନଙ୍କର ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି ପ୍ରକାଶ କରି ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ପ୍ରଥମ ଓଡ଼ିଆ ରାଷ୍ଟ୍ରପତି ଭିଭି ଗିରି, କଥା ସମ୍ରାଟ୍ ସୁରେନ୍ଦ୍ର ମହାନ୍ତି, ବାଣୀ କଣ୍ଠ ନିମାଇଁ ଚରଣ ହରିଚନ୍ଦନ, ଭଜନ ସମ୍ରାଟ୍ ଭିକାରୀ ଚରଣ ବଳ, ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରା, କବି କଲ୍ଲୋଳ ଗୋପାଳକୃଷ୍ଣ ପଟ୍ଟନାୟକ, ସଂଗ୍ରାମୀ ଚନ୍ଦ୍ରଶେଖର ବେହେରା, କବି ରାଧାମୋହନ ଗଡ଼ନାୟକଙ୍କ ପ୍ରତିମୂର୍ତ୍ତି ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ସରକାର ବ୍ୟବସ୍ଥା କରିବେ କି, (ଖ) ବିଭାଗ ତରଫରୁ ବରପୁତ୍ରଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଭକ୍ତିପୂର୍ଣ୍ଣ ପରିବେଶରେ ପୂଜ୍ୟପୂଜା କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## କଳାକାରଙ୍କୁ ପାରିଶ୍ରମିକ ପ୍ରଦାନ

2078 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ଦୁଇ ବର୍ଷରେ ରାଜ୍ୟରେ କେଉଁ ଲୋକକଳା କଳାକାରମାନଙ୍କ ଦ୍ୱାରା କେତେଗୋଟି କାର୍ଯ୍ୟକ୍ରମ ସମ୍ପାଦନ ହୋଇ ସେମାନଙ୍କୁ କେତେ ପାରିଶ୍ରମିକ ପ୍ରଦାନ କରାଯାଇଛି ପ୍ରକାଶ କରି ରାଜ୍ୟରେ ଗ୍ରାମାଞ୍ଚଳର ଲୋକକଳାକାରମାନଙ୍କୁ ଅଣଦେଖା କରି ବଡ଼ ବଡ଼ କଳାକାରମାନଙ୍କୁ କାର୍ଯ୍ୟକ୍ରମ ସମ୍ପାଦନ ଦାୟିତ୍ୱ ଦେଇ କୋଟି କୋଟି ଟଙ୍କା ଅର୍ଥ ଅପବ୍ୟୟ ହେଉଥିବା ପରିପ୍ରେକ୍ଷୀରେ ଲୁପ୍ତ ପ୍ରାୟ ଲୋକକଳାର କଳାକାରମାନଙ୍କୁ କଳା ପରିବେଷଣ ପାଇଁ ସୁଯୋଗ ଦେଇ ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ପ୍ରଧାନ ଶିକ୍ଷକ ପଦବୀ ପୂରଣ

2079 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ ଥିବା କେଉଁ କେଉଁ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ କେତେଗୋଟି ପ୍ରଧାନ ଶିକ୍ଷକ ଓ ଅନ୍ୟ ବର୍ଗର ଶିକ୍ଷକ ପଦବୀ ଖାଲି ଅଛି ପ୍ରକାଶ କରି ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ଭତ୍ତା ପ୍ରଦାନ

2080 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଗତ 17 ମାସ ମଧ୍ୟରେ ରାଜ୍ୟରେ କେତେ ଜଣ ଲୋକ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ଭିନ୍ନକ୍ଷମ ଭତ୍ତା ପାଇଁ ଆବେଦନ କରିଛନ୍ତି ସେଥିରୁ କେତେ ଆବେଦନ ଖାରଜ ହୋଇଛି କେତେ ଆବେଦନକୁ ସରକାର ମଞ୍ଜୁର କରି ଭତ୍ତା ପ୍ରଦାନ କରିଛନ୍ତି ଏବଂ କେତେ ଆବେଦନ ବିଚାର ଅପେକ୍ଷାରେ ଅଛନ୍ତି ତାହାର ବିବରଣୀ ଜିଲ୍ଲାୱାରୀ ପ୍ରଦାନ କରିବେ କି, (ଖ) ଭୋଗରାଇ ବ୍ଲକରେ ଏସବୁର ସଂଖ୍ୟା କେତେ ?

----

## ପ୍ରାଧ୍ୟାପକ ନିଯୁକ୍ତି

2081 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ବିଭିନ୍ନ ବିଶ୍ୱ ବିଦ୍ୟାଳୟମାନଙ୍କରେ ଖାଲି ପଡିଥିବା ସହକାରୀ ଅଧ୍ୟାପକ/ଅଧ୍ୟାପିକା/ପ୍ରାଧ୍ୟାପକ ନିଯୁକ୍ତି ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଉଛନ୍ତି, ବିଭିନ୍ନ ବିଶ୍ୱ ବିଦ୍ୟାଳୟରେ କେତେ ମଞ୍ଜୁର ପ୍ରାପ୍ତ ପଦବୀ ରହିଛି ଏବଂ ସେଥିରୁ କେତେ ଖାଲି ପଡିଛି ତାହାର ବିଶ୍ୱ ବିଦ୍ୟାଳୟୱାରୀ ତଥ୍ୟ ପ୍ରଦାନ କରିବେ କି, (ଖ) ପ୍ରାଧ୍ୟାପକ ଅଭାବରୁ କେଉଁ ବିଶ୍ୱ ବିଦ୍ୟାଳୟରେ ପିଏଚଡି ପାଠ୍ୟକ୍ରମ ବନ୍ଦ ହେବା ସ୍ଥିତି ସୃଷ୍ଟି ହୋଇଛି କି ?

----

## ଶିକ୍ଷକଙ୍କୁ ଚାକିରୀ ନିୟମିତ କରିବା ପାଇଁ ପଦକ୍ଷେପ

2082 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୪ ରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକମାନଙ୍କୁ ସ୍କିମାଟିକ ରୁ ରେଗୁଲାର କରିବା ପାଇଁ କେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା କେବେ କାର୍ଯ୍ୟକାରୀ ହେବ, ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ମାନଙ୍କ regularisation ପ୍ରକ୍ରିୟା ଏବେ କେଉଁ ସ୍ତରରେ ଅଛି ?

----

## ଷ୍ଟାଇପେଣ୍ଡ ପ୍ରଦାନ

2083 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ବିବିନ୍ନ ସ୍କୁଲ/କଲେଜରେ ପାଠ ପଢୁଥିବା ଅନୁସବଚିତ ଜନଜାତି ଓ ଅନୁସୂଚିତ ଜାତିର କେତେ ଜଣ ଛାତ୍ରଛାତ୍ରୀ ଷ୍ଟାଇପେଣ୍ଡ ପାଉଥିଲେ ଏବଂ ୨୦୨୪-୨୫ ଓ ୨୦୨୫-୨୬ ଶିକ୍ଷା ବର୍ଷରେ କେତେ ଜଣ ଛାତ୍ରଛାତ୍ରୀ ଷ୍ଟାଇପେଣ୍ଡ ପାଉଛନ୍ତି ?

----

## ମିନି ଷ୍ଟାଡିୟମ ନିର୍ମାଣ

2084 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ)ଃ**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୂତନ ରାଜ୍ୟ ସରକାର କ୍ଷମତାକୁ ଆସିଲା ପରେ ବର୍ତ୍ତମାନ ସୁଦ୍ଧା କେତୋଟି ବ୍ଲକରେ ମିନିଷ୍ଟାଡିୟମ ନିର୍ମାଣ କରିବାକୁ ଅର୍ଥ ମଞ୍ଜୁର କରିଛନ୍ତି ଏବଂ ସେଥିରୁ କେତୋଟିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ?

----

## Tata SEZ ରେ କାର୍ଯ୍ୟରତ ଶ୍ରମିକ

2085 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗଞ୍ଜାମ ଜିଲ୍ଲା ଛତ୍ରପୁର ଉପକଣ୍ଠରେ ଅବସ୍ଥିତ 'Tata SEZ' ରେ ବର୍ତ୍ତମାନ ସୁଦ୍ଧା କେତୋଟି କମ୍ପାନୀ କାର୍ଯ୍ୟକାରୀ ଅଛନ୍ତି, ସେଗୁଡିକର ନାମ ଏବଂ ପ୍ରତ୍ୟେକ କମ୍ପାନୀ କେଉଁ ଉତ୍ପାଦନ ସାମଗ୍ରୀ ପ୍ରସ୍ତୁତ କରୁଛି, (ଖ) 'Tata SEZ' ରେ କାର୍ଯ୍ୟରତ ଥିବା ସମସ୍ତ କମ୍ପାନୀରେ ମୋଟ କେତେ ଶ୍ରମିକ କାର୍ଯ୍ୟ କରୁଛନ୍ତି, ପ୍ରତ୍ୟେକ କମ୍ପାନୀ ଅନୁସାରେ ଶ୍ରମିକ ସଂଖ୍ୟାର ବିବରଣୀ ଦେବେ କି, 'Tata SEZ' ରେ କାର୍ଯ୍ୟରତ ଥିବା ଶ୍ରମିକ ମାନେ କେଉଁ ଅଞ୍ଚଳର, ଓଡିଶାରୁ, ଓଡିଶା ବାହାରୁ ଏବଂ ସ୍ଥାନୀୟ ଅଞ୍ଚଳରୁ (ପଞ୍ଚାୟତ ଅନୁସାରେ) ସେଗୁଡିକର ସଂଖ୍ୟା ଓ ବିବରଣୀ ଦେବେ କି, କାର୍ଯ୍ୟରତ ଶ୍ରମିକମାନଙ୍କ ମଧ୍ୟରୁ କେତେ ଜଣ କୁଶଳୀ (Skilled) ଏବଂ କେତେକ ଅଣକୁଶଳୀ (Unskilled) ଅଛନ୍ତି ?

----

## Tata SEZ ପାଇଁ ଜମି ଆବଣ୍ଟନ

2086 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Tata SEZ ପାଇଁ ସମ୍ପୂର୍ଣ୍ଣ ମୋଟ କେତେ ଜମି ଆବଣ୍ଟିତ ହୋଇଛି, କେଉଁ କମ୍ପାନୀକୁ କେତେ ଜମି ଯୋଗାଇ ଦିଆଯାଇଛି ଏବଂ କେତେ ଜମି ଏବେ ଯୋଗାଇ ଦିଆଯାଇଛି ଏବଂ କେତେ ଜମି ଏବେ ସୁଦ୍ଧା ଖାଲି କିମ୍ବା ଅପ୍ରୟୋଗରେ ରହିଛି ?

----

## ନୂତନ କମ୍ପାନୀ ପ୍ରସ୍ତାବ

2087 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Tata SEZ ରେ ନୂତନ କେତୋଟି କମ୍ପାନୀ ଆସିବା ପାଇଁ ପ୍ରସ୍ତାବ ରହିଛି, ଯଦିଓ ଅଛି ସେଗୁଡିକର ନାମ, କାର୍ଯ୍ୟକ୍ଷମ ଲକ୍ଷ୍ୟ ଓ ଅନୁମୋଦିତ ନିଯୁକ୍ତି ସଂଖ୍ୟା ଦେବେ କି ?

----

## ସ୍ଥାନୀୟ ଶ୍ରମିକ ନିଯୁକ୍ତି

2088 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଗାମୀ ଦିନରେ Tata SEZ ରେ ସ୍ଥାନୀୟ ଅଞ୍ଚଳରୁ କେତେ ଶ୍ରମିକ ନିଯୁକ୍ତି ସୁଯୋଗ ପାଇବେ ବୋଲି ଅନୁମାନ ଅଛି ?

----

## ପଦବୀ ଗୁଡିକୁ ଅନୁଦାନ ଦେବା

2089 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ସମେତ ରାଜ୍ୟର ଅନ୍ୟ ନିର୍ବାଚନ ମଣ୍ଡଳୀରେ ଥିବା ମହାବିଦ୍ୟାଳୟ ଗୁଡିକୁ 2008 ଠାରୁ 2018 ଓ ପୁନଃ 2024 ସୁଦ୍ଧା ପଦବୀ ଗୁଡିକୁ ଅନୁଦାନ ଦେବାଲାଗି କଣ ନିଷ୍ପତ୍ତି ନେଇଛନ୍ତି ?

----

## ହିତାଧିକାରୀଙ୍କୁ ସୁରକ୍ଷା

2090 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଉଭୟ ବ୍ଳକ ଓ ସହରାଞ୍ଚଳ ରେ ଥିବା ହିତାଧିକାରୀ ଙ୍କୁ କେତେ ସଂଖ୍ୟାରେ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି ସୂଚନା ନେବେ କି ଭିନ୍ନକ୍ଷମ ମାନଙ୍କୁ ଅଧିକ ସଂଖ୍ୟକ ସୁବିଧା ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି କି ?

----

## ପାଣ୍ଡୁଲିପିର ରକ୍ଷଣା ବେକ୍ଷଣ

2091 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଖଣ୍ଡପଡା ଠାରେ ଦୀନବନ୍ଧୁ ମିଶ୍ର (ଖଡଙ୍ଗା) ଓଡିଆ ଭାଗବତ ର ପ୍ରସାର ପାଇଁ ପଦକ୍ଷେପ ନେଇଥିଲେ ସହରାଞ୍ଚଳ ରେ ସେହି ପ୍ରତିଭା ବାନ ବ୍ୟକ୍ତି ଙ୍କ ପରିବାର ରହୁଥିବା ବେଳେ ଏହି ଓଡିଆ ଭାଗବତ ର ମୁଳ ପାଣ୍ଡୁଲିପିର ରକ୍ଷଣା ବେକ୍ଷଣ ଓ ପ୍ରସାର, ସ୍ମାରକୀ ପାଇଁ ଗ୍ରନ୍ଥାଳୟ ଆଲୋଚନା କେନ୍ଦ୍ର ନିର୍ମାଣ ପାଇଁ ବିଭାଗୀୟ ନିଷ୍ପତ୍ତି ନିଆଯିବ କି ?

----

## ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ

2092 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ପାଇଁ ମଞ୍ଜୁର ହୋଇଥିବା ପଲ୍ଲି ଟେକନିକ୍ କେନ୍ଦ୍ର କୁ ବିଗତ ଦିନରେ ସ୍ଥାନାନ୍ତର କରାଯାଇଥିଲା ସେହି ସ୍ଥାନରେ ନୂତନ ଭାବେ ଏକ ପଲ୍ଲିଟେକନିକ୍ ଖୋଲିବା ଓ ଏକ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବେ କି ?

----

## ମିନିଷ୍ଟାଡିୟମ ନିର୍ମାଣ

2093 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର କେଉଁ ପ୍ରକଳ୍ପ ଗୁଡିକ କ୍ରୀଡା ଓ ଯୁବ କଲ୍ୟାଣ ବିଭାଗ ପକ୍ଷରୁ ଆର୍ଥିକ ଅନୁଦାନ ପାଇଁ ମଞ୍ଜୁରୀ ମିଳିଛି ଏକ ସୂଚନା ସାରଣୀ ପ୍ରଦାନ କରିବେ କି ମଧୁବନ ମିନି ଷ୍ଟାଡିୟମ ପଲଟନ୍ ପଡିଆ କୁ ମିନିଷ୍ଟାଡିୟମ ପାଇଁ ଦିଆଯାଇଥିବା ପ୍ରସ୍ତାବ କଣ ଅଗ୍ରଗତି କରିଛି ସୂଚନା ଦେବେ କି ମଧୁବନ କ୍ରୀଡାଙ୍ଗନ କୁ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ରେ ରୁପାନ୍ତରଣ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ଶିଳ୍ପ ଭିତ୍ତିଭୂମିର ବିକାଶ

2094 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାଲକାନଗିରୀ ଶିଳ୍ପ ଓ ଶିଳ୍ପ ଭିତ୍ତିଭୂମିର ବିକାଶ ଦିଗରେ ବିଗତ 5 ବର୍ଷରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଓ ଉପଲବ୍ଧୀ ସଫଳତାର ବିସ୍ତୃତ ବିବରଣୀ ପ୍ରକାଶ କରିବା ସହ କେବେସୁଦ୍ଧା କି ପ୍ରକାର ଶିଳ୍ପ ପ୍ରତିଷ୍ଠା ହେବାର ରହିଛି ତାହା ପ୍ରକାଶ କରିବେ କି, ସେହି ଶିଳ୍ପକୁ ଦୃଷ୍ଟିରେ ରଖି ବୈଷୟିକ ଦକ୍ଷତା ବୃଦ୍ଧି ପାଇଁ କି ପ୍ରକାର ତାଲିମ ପ୍ରଦାନ କରାଯାଇଅଛି ଓ ଆଗାମୀ ଦିନରେ ତାଲିମ ପ୍ରଦାନ ପାଇଁ ଯୋଜନାମାନ ରହିଅଛି ?

----

## ତଥ୍ୟ ପ୍ରଦାନ

2095 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମାସକାନଗିରୀ ITDA ଅଧିନରେ କେତେଜଣ Registered Vendors ଙ୍କୁ ସମ୍ପୂର୍ଣ୍ଣ ତାଲିକା ସହ FY 2022-23 ଠାରୁ ଅଦ୍ୟାବଧି ଏହି Vendor ମାନଙ୍କୁ ପୈଠ କରାଯାଇଥିବା ରାଶି ବାବଦକୁ ପ୍ରଦାନ କରିଥିବା Bill/ Vendor No., Date, Items ର ବର୍ଷ, vendor ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଛାତ୍ରାବାସ ନିର୍ମାଣ

2096 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Balimela NAC ଅନ୍ତର୍ଗତ Govt. High School ରେ ଥିବା ST & SC Boys Hostel Building ରେ 1st Floor ନିର୍ମାଣ କଲେ ଏଥିରେ ଚାଲୁଥିବା 330 ଅନ୍ତଃବାସି ଛାତ୍ରାବାସରେ ଖୁସିରେ ରହିପାରିବେ ଏଣୁ ଏହାର 1st Floor ନିର୍ମାଣ ପାଇଁ ମଞ୍ଜୁର କରି ସେଠାରେ ଛାତ୍ରାବାସ ନିର୍ମାଣ କରିବେ କି ?

----

**Degree College କୁ ଆର୍ଥିକ ସହାୟତା ସମ୍ପର୍କରେ**

2097 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ 5 ବର୍ଷରେ ମାଲକାନଗିରି ଜିଲ୍ଲାର ସମସ୍ତ Degree College କୁ ମିଳିଥିବା ଆର୍ଥିକ ସହାୟତା ସମ୍ପୂର୍ଣ୍ଣରୂପେ ବିନିଯୋଗ ହୋଇଛି କି କାର୍ଯ୍ୟର ବର୍ତ୍ତମାନର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ଜିଲ୍ଲାର କେତେ ଛାତ୍ରା ଓ ଛାତ୍ରୀଙ୍କୁ ଚଳିତ ଆର୍ଥିକ ବର୍ଷରେ କେଉଁ ପାଠ ପାଇଁ ଶିକ୍ଷା/ଛାତ୍ରବୃତ୍ତି ମିଳିଛି ଓ ସେମାନେ କେଉଁ ଅନୁଷ୍ଠାନରେ ଅଧ୍ୟୟନ କରନ୍ତି ରାଜ୍ୟରେ ମୋଟ କେତେ ଛାତ୍ରଛାତ୍ରୀଙ୍କୁ Scholarship ପ୍ରଦାନ କରାଯାଉଛି ଶିକ୍ଷାନୁଷ୍ଠାନ/ ବିଭାଗ/Course ଆଧାର ତଥ୍ୟ ପ୍ରଦାନ କରିବେ କି ?

----

**ଯୋଗ ଓ ସଂସ୍କୃତି ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ**

2098 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ଯୋଗ ଓ ସଂସ୍କୃତି ବିଦ୍ୟାଳୟର ଉତ୍ତିର୍ଣ୍ଣ ଛାତ୍ର ମାନଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଦେଶରେ ଯୋଗ ଓ ସଂସ୍କୃତି ଶିକ୍ଷାର ପ୍ରଚାର ଓ ପ୍ରସାର ଦିଗରେ ଚୟନ ପ୍ରକ୍ରିୟାରେ ଯଥାଚିତ ଦୁରୁତ୍ୱ ମିଳୁନି, ରାଜ୍ୟର କେଉଁ ସ୍ଥାନରେ ଯୋଗ ଓ ସଂସ୍କୃତି ଶିକ୍ଷା ପାଠ୍ୟକ୍ରମ ରହିଛି ଓ କେଉଁମାନେ ବିଦେଶରେ ଦୂତାବାସ ମାଧ୍ୟମରେ ଯୋଗ ଶିକ୍ଷାଇବାର ସୁଯୋଗ ପାଇଛନ୍ତି, ଏଦିଗରେ ସରକାରଙ୍କର ମତ ଓ ତଥ୍ୟ କ'ଣ ରହିଛି ?

----

**ମହାବିଦ୍ୟାଳୟ ପ୍ରତିଷ୍ଠା**

2099 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସମସ୍ତ 314 ବ୍ଲକରେ ମହାବିଦ୍ୟାଳୟ ଅଛି କି ; ଉତ୍ତର ନା ହେଲେ କେଉଁ କେଉଁ ବ୍ଲକ ମାନଙ୍କରେ ମହାବିଦ୍ୟାଳୟ ଅଦ୍ୟାବଧି ପ୍ରତିଷ୍ଠା ହୋଇପାରିନାହିଁ ଏବଂ ତାର କାରଣ କଣ ; ମହାବିଦ୍ୟାଳୟ ପ୍ରତିଷ୍ଠା ନେଇ ସରକାରଙ୍କ ନୀତି କଣ ଏବଂ କେବେ ସୁଦ୍ଧା ବାଦ ପଡିଥିବା ବ୍ଲକ ମାନଙ୍କରେ ମହାବିଦ୍ୟାଳୟ ପ୍ରତିଷ୍ଠା ହେବ?

----

**ନିୟମିତ ଅଧ୍ୟାପକ ନିଯୁକ୍ତି**

2100 **ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେଉଁଝର ଜିଲ୍ଲାରେ ସରକାରୀ ଓ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ମାନଙ୍କରେ ସର୍ବମୋଟ ବିଭିନ୍ନ ବିଷୟରେ କେତେଗୋଟି ଅଧ୍ୟାପକ ପୋଷ୍ଟ ଖାଲିଅଛି ; ଏହି vacancy ଗୁଡିକର Collegeୱାରୀ ଏକ ତାଲିକା ପ୍ରଦାନ କରିବେ କି ; ଖାଲିପଡିଥିବା ସ୍ଥାନରେ ନିୟମିତ ଅଧ୍ୟାପକ ନିଯୁକ୍ତି ହେବ କି ନାହିଁ ଏଥିପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

### Drop out ସମସ୍ୟା ଦୂର ପାଇଁ ପଦକ୍ଷେପ

**2101 ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ପ୍ରଥମ ଶ୍ରେଣୀଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ Drop out ହାର କେତେ ଅଛି ; ଗତ 3 ବର୍ଷ ମଧ୍ୟରେ କେତେ ଛାତ୍ର ଛାତ୍ରୀ ଅଧାରୁ ପାଠ ଛାଡିଛନ୍ତି ; ସରକାରୀ School ରେ ଛାତ୍ର ଛାତ୍ରୀମାନେ ଅଧାରୁ ପାଠପଢା ଛାଡିବାର କାରଣ କଣ ; ବିଭିନ୍ନ ଜିଲ୍ଲାରେ ଅଧାରୁ ପାଠ ଛାଡିଥିବା ଛାତ୍ର ଛାତ୍ରୀମାନଙ୍କର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ଏବଂ ଏ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପଦକ୍ଷେପମାନ କଣ?

----

### ଶିଳ୍ପ ପ୍ରତିଷ୍ଠା

**2102 ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେଉଁଝର ଜିଲ୍ଲାରେ ଘଷିପୁରା ତହସିଲ ଅନ୍ତର୍ଗତ Sainkul R.I. Circle ଅଧୀନରେ IDCO ଶିଳ୍ପ ପ୍ରତିଷ୍ଠା ନିମନ୍ତେ କେତେ ଜମି ଅଧିଗ୍ରହଣ କରିଛି ; ଏ ଜମିରେ IDCO ଅନୁମତିରେ କେତୋଟି ଶିଳ୍ପ ପ୍ରତିଷ୍ଠା ହୋଇଛି ; ତନ୍ମଧ୍ୟରୁ କେଉଁ କେଉଁ ବ୍ୟକ୍ତି ବିଶେଷଙ୍କୁ କେଉଁ କେଉଁ ଶିଳ୍ପ ପ୍ରତିଷ୍ଠା ପାଇଁ କେତେ କେତେ ଜମି Lease ସୂତ୍ରରେ ଦିଆଯାଇଛି ; କେତେ ଜମି ବଳକା ଅଛି ଏବଂ କେତେ ଜମି ଜବରଦଖଲରେ ଅଛି?

----

### ବେସରକାରୀ କଲେଜମାନ ସରକାରୀ କଲେଜରେ ପରିଣତ

**2103 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (i) ରାଜ୍ୟରେ ବହୁବର୍ଷ ଧରି ଚାଲୁଥିବା ବେସରକାରୀ କଲେଜମାନଙ୍କ ସଂଖ୍ୟା କେତେ ; ସେହି କଲେଜଗୁଡିକୁ ସରକାରୀ କଲେଜରେ ପରିଣତ କରିବା ପାଇଁ ସରକାର କିଛି ପଦକ୍ଷେପ ନେଇଛନ୍ତି କି ; (ii) ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାରେ under graduate ଓ post graduate ବିଦ୍ୟାର୍ଥୀମାନଙ୍କ ପାଇଁ କେବଳ 20,000/- ଓ 30,000/- ସମ୍ପୂର୍ଣ୍ଣ ପାଠ୍ୟକ୍ରମ ପାଇଁ କିମ୍ବା ବାର୍ଷିକ ବୃତ୍ତି ପାଇଁ ଜଣାଇବେ କି?

----

### ସୁରକ୍ଷା ପ୍ରଦାନ ବ୍ୟବସ୍ଥା

2104 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ः**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ଠାରେ ହଜ୍ ହାଉସ କେବେ ନିର୍ମାଣ କରାଯାଇଥିଲା, ଏହି ହଜ୍ ହାଉସରେ କେନ୍ଦ୍ରୀୟ ଗାଇଡ୍ ଲାଇନ ଅନୁଯାୟୀ ଆନୁସଙ୍ଗିକ ସୁବିଧା ସୁଯୋଗ ଉପଲବ୍ଧ କି ବା କିଛି ଅସମ୍ପୂର୍ଣ୍ଣ ଅଛି ; କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ; ଏହି ହଜ୍ ହାଉସରେ କାର୍ଯ୍ୟାଳୟ କାର୍ଯ୍ୟ କରୁଛି କି ; ଯାତ୍ରୀମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ଓ ପରିଚୟ ଭୁବନେଶ୍ୱର ହଜ୍ ହାଉସ କାର୍ଯ୍ୟାଳୟରେ ଉପଲବ୍ଧ କି ; ଏହି ହଜ୍ ହାଉସରୁ ବାରମ୍ବାର ବିଭିନ୍ନ ଉପକରଣ ଚୋରି ହେଉଥିବାରୁ ଏଠାରେ ସୁରକ୍ଷା ପ୍ରଦାନର ବ୍ୟବସ୍ଥା କରିବେ କି?

----

## ଆର୍ଥିକ ସହାୟତା ପ୍ରଦାନ

2105 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ः**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର ରାଜ୍ୟର ୱାକଫ୍ ଅନୁଷ୍ଠାନମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା ଅଛି କି ; ଯଦି ହଁ, ଏହା କେବେଠାରୁ ପ୍ରଚଳିତ ହୋଇ ଆସୁଅଛି ; 2024-25 ଆର୍ଥିକ ବର୍ଷରେ ୱାକଫ୍ ଅନୁଷ୍ଠାନ ମାନଙ୍କୁ ସହାୟତା ବାବଦରେ କେତେ ଟଙ୍କା ମଂଜୁର କରାଯାଇଛି ଏବଂ ସହାୟତା ରାଶି ଅନୁଷ୍ଠାନମାନଙ୍କୁ ପ୍ରଦାନ କରାଯାଇଛି କି ; ଯଦି ନାଁ, ତେବେ ନଦେବାର କାରଣ କଣ ; ଯଥାଶୀଘ୍ର ଏହି ସହାୟତା ରାଶି ପ୍ରଦାନ କରିବା ପାଇଁ ସରକାର ପଦକ୍ଷେପ ନେବେ କି?

----

## କନିଷ୍ଠ ଶିକ୍ଷକ ପଦବୀ ପୂରଣ ସମ୍ପର୍କରେ

2106 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ)ः**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ 2025 ନଭେମ୍ବର ମାସ ସୁଦ୍ଧା କେତୋଟି କନିଷ୍ଠ ଶିକ୍ଷକ (Schematic) ପଦବୀ ଖାଲି ହେଉଛି ; ପୂର୍ବରୁ କରାଯାଇଥିବା advertisement ଅନୁଯାୟୀ କାର୍ଯ୍ୟରେ ଯୋଗ ଦେବାପାଇଁ ନିର୍ଗମନ କରାଯାଇଥିବା ନିର୍ଦ୍ଦେଶାନୁସାରେ କେତେଜଣ କାର୍ଯ୍ୟରେ ଯୋଗ ଦେଇଥିଲେ ଏବଂ କେତେଜଣ ଯୋଗ ଦେଇନଥିଲେ?

----

## Increment ପ୍ରଦାନ

2107 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ः**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୂର୍ବ ସରକାର ବିଗତ ଦିନରେ 42 ବିଭାଗରୁ ଠିକା ପ୍ରଥା ଉଚ୍ଛେଦ କରି 5ଟି ନୋସୋନାଲ (Increment) ଦେବାର ବ୍ୟବସ୍ଥା କରିଥିଲେ ମଧ୍ୟ ପ୍ରାଥମିକ ଶିକ୍ଷକ ମାନଙ୍କର ଠିକା ବ୍ୟବସ୍ଥା ଉଚ୍ଛେଦ ନହେବାର କାରଣ କଣ ; ସେହିପରି ବର୍ତ୍ତମାନର ସରକାର ପ୍ରାଥମିକ ବିଦ୍ୟାଳୟ ମାନଙ୍କରୁ ଠିକା ନିଯୁକ୍ତି ବ୍ୟବସ୍ଥା ଉଚ୍ଛେଦ କରାଗଲା ବୋଲି କହିଥିଲେ କି ; ଆଜି ପର୍ଯ୍ୟନ୍ତ ବିଧିବଦ୍ଧ ସରକାରୀ Notification (ଚିଠି) ପ୍ରକାଶ ପାଉନଥିବାର କାରଣ କଣ ; କେବେ ସୁଦ୍ଧା ପ୍ରାଥମିକ ଶିକ୍ଷକମାନଙ୍କ କ୍ଷେତ୍ରରେ ଠିକା ବ୍ୟବସ୍ଥା ଉଚ୍ଛେଦ ହେଲା ବୋଲି notification ବାହାରିବ ଓ ଠିକାରେ ଖଟିଥିବା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରାଯାଇ increment ପ୍ରଦାନ କରାଯିବ?

----

## ଆତ୍ମ ନିଯୁକ୍ତି ପ୍ରଦାନ

2108 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଯୁବ ବର୍ଗଙ୍କୁ ଆତ୍ମ ନିଯୁକ୍ତି ପାଇଁ ସରକାରଙ୍କର କି କି ଯୋଜନା କେବେ ଠାରୁ କାର୍ଯ୍ୟକାରୀ ହେଉଛି, କେତେ ପିଲା ଦକ୍ଷତା ବିକାଶ କେନ୍ଦ୍ରରୁ ଟ୍ରେନିଂ ନେଲାପରେ ରୋଜଗାରକ୍ଷମ ହୋଇଛନ୍ତି, ପ୍ରତିବର୍ଷ ଦକ୍ଷତା ବିକାଶ ଟ୍ରେନିଂ ନାମରେ ରାଜ୍ୟ ସରକାର କେତେ ଖର୍ଚ୍ଚ କରୁଛନ୍ତି ଓ କେତେ ପିଲାଙ୍କର ଦକ୍ଷତା ବିକାଶ ହୋଇଛି ?

----

## କିନ୍ନର ଭିକ୍ଷୁକ ଇତ୍ୟାଦିଙ୍କ ପାଇଁ ସାମାଜିକ ସୁରକ୍ଷା

2109 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ବର୍ଗର ଲୋକଙ୍କ ପାଇଁ ସରକାର କି ପ୍ରକାର ସାମାଜିକ ସୁରକ୍ଷା ଦେଉଛନ୍ତି ଓ ଏଥିପାଇଁ କି କି ଯୋଜନା କାର୍ଯ୍ୟକାରୀ ହେଉଛି, ବିଶେଷ କରି ବିଭିନ୍ନ ଘରୋଇ ସଂସ୍ଥାରେ କାମ କରି ବଡ଼ କଷ୍ଟରେ ଚାଲୁଥିବା ଲୋକମାନଙ୍କ ପାଇଁ କି କି ଯୋଜନା କାର୍ଯ୍ୟକାରୀ ହେଉଛି, କିନ୍ନର, ଭିକ୍ଷୁକ, ଦାଦଶ ଶ୍ରମିକ ଓ ଭାଗଚାଷୀମାନଙ୍କ ପାଇଁ ସାମାଜିକ ସୁରକ୍ଷା କ'ଣ କ'ଣ ଅଛି ?

----

## ଶିକ୍ଷକ ବଦଳୀ ସମ୍ପର୍କରେ

2110 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରାଥମିକ ଶିକ୍ଷକ ମାନଙ୍କର spouse ground ରେ ବଦଳୀ କରାଗଲେ ୨ ଜଣ spouse ଙ୍କୁ ଦୁଇଟି ଭିନ୍ନ ଭିନ୍ନ head quarter ପାଇଁ ୨ଟି HRA ବଦଳରେ ଗୋଟାଏ HRA ଦେଇ ସରକାର ଆର୍ଥୀକ ବୋଝକୁ କମାଇବା ପାଇଁ ସୁବିଧା ଥିବା ବେଳେ ସରକାର ନିଜର ଆର୍ଥିକ ଲାଭକୁ ଦୃଷ୍ଟିରେ ନରଖି spouse ground ର ବଦଳୀ ପ୍ରକ୍ରିୟାରେ ୨୦୨୫ ମସିହା ପ୍ରାଥମିକ ଶିକ୍ଷକ Inter dist. ବଦଳି Guideline ରେ ବଦଳୀକୁ ନ କରାଇବା ନିମନ୍ତେ କଠୋର ନୀତି ଅବଲମ୍ବନ କରିବାର କାରଣ କ'ଣ, ସରକାର ଶିକ୍ଷକ ମାନଙ୍କର ହିତ ଦୃଷ୍ଟିରୁ ଏହି ନିୟମର ପରିବର୍ତ୍ତନ କରିବେ କି ?

----

## ସଅର ଜାତିକୁ ଅନୁସୂଚିତ ଜନଜାତି ଘୋଷଣା ଓ ଅନୁସୂଚିତ ଜାତି

2111 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା ସଅର ଜାତି ଓ ଶବର ଜାତି ଏକ ହୋଇଥିବାବେଳେ ସଅର ଜାତିକୁ ଅନୁସୂଚିତ ଜନଜାତି ଘୋଷଣା ହୋଇନାହିଁ , ଏଣୁ ସଅର ଜାତିକୁ ଅନୁସୂଚିତ ଜନଜାତି ଘୋଷଣା କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଫୁଟବଲ ଖେଳକୁ ପ୍ରୋତ୍ସାହନ

2112 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ)ଃ**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଫୁଟବଲ ଖେଳକୁ ପ୍ରୋତ୍ସାହିତ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## ବୈଷୟିକ ଶିକ୍ଷାନୁଷ୍ଠାନ ସମ୍ପର୍କରେ

2113 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ)ଃ**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଟଣୀ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଛି, ତାହାର ଜାଗାବାଡି, ଶ୍ରେଣୀ ଗୃହ, ବିଜ୍ଞାନାଗାର, ପାଠାଗାର, ହଷ୍ଟେଲ ବ୍ୟବସ୍ଥା ସହ ସେମାନେ କେତେ ସରକାରୀ ଜମି ଜବରଦଖଲ କରିଛନ୍ତି, ଏଠାରେ କେଉଁ ବିଭାଗରେ Diploma, Degree ଓ ସ୍ନାତକୋତ୍ତର ଶ୍ରେଣୀରେ କେତେ ଜଣଙ୍କୁ ଶିକ୍ଷାଦାନର ସୁଯୋଗ ପ୍ରଦାନ କରାଯାଉଛି, ଏଠାରେ ଶିକ୍ଷା ଭିତ୍ତିଭୂମୀ ଯାଞ୍ଚ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପ୍ରତିମୂର୍ତ୍ତି ନିର୍ମାଣ

2114 **ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ (ଜଟଣୀ)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଚଳିତ ବର୍ଷ ନବ ଭାରତର ନିର୍ମାଣ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମର ୧୫୦ ତମ ବାର୍ଷିକୀପାଳନ କରାଯାଉଥିବା ବେଳେ ତାଙ୍କର ଭୁବନେଶ୍ୱରରେ ପ୍ରତିମୂର୍ତ୍ତୀ ନଥିବା କଥା ସତ୍ୟ କି, ଉତ୍ତର ହଁ ହେଲେ ତାଙ୍କର ପ୍ରତିମୂର୍ତ୍ତୀ ନିର୍ମାଣ ସହ ପ୍ରଥମ ଓଡିଆ ଲୋକସଭା ବାଚସ୍ପତି ରବି ରାୟଙ୍କର ଚଳିତ ବର୍ଷ ଜନ୍ମ ଶତ ବାର୍ଷିରୀ ପାଳନ ଅବସରରେ ତାଙ୍କ ଉଦ୍ଦେଶ୍ୟରେ ବିଭାଗ ତରଫରୁ କି କି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ଏବଂ (ଖ) ଚଳିତ ବର୍ଷ ମା ରମାଦେବୀ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମର ୧୨୫ ତମ ବାର୍ଷିକୀ ପାଳନ ନକରିବାର କାରଣ କ'ଣ ?

----

## ନେପାଳ ଛାତ୍ରଙ୍କ ଆତ୍ମହତ୍ୟା ମାମଲା

2115 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ନେପାଳ ଛାତ୍ର ଓ ଛାତ୍ରୀଙ୍କ ଆତ୍ମହତ୍ୟା ସମ୍ପର୍କରେ KIIT ବିଶ୍ୱ ବିଦ୍ୟାଳୟ ରାଜ୍ୟ ସରକାରଙ୍କର ଯେଉଁ ଉଚ୍ଚ ସମ୍ପର୍ଣ୍ଣ କମିଟି ମାଧ୍ୟମରେ inquiry ହୋଇଥିଲା ତାର ବାସ୍ତବ ତଥ୍ୟ କହିବେ କି, (ଖ) KISS କୁ Child Welfare Board ରୁ Certificate ମିଳିଥିବା ସତ୍ୟ ଅଟେ କି ?

----

## ଅଧ୍ୟାପକ ପଦବୀ ପୂରଣ

2116 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଗଜପତି ଜିଲ୍ଲାର ମୋହନା ନିର୍ବାଚନ ମଣ୍ଡଳୀରେ କେତୋଟି Grand-in-aid ମିଳିଥିବା ମହାବିଦ୍ୟାଳୟ ଅଛି, (ଖ) ସେହି ମହାବିଦ୍ୟାଳୟ ଗୁଡିକରେ କେଉଁ କେଉଁ ବିଭାଗରେ କେତେ ଅଧ୍ୟାପକ ପଦବୀ ଖାଲି ଅଛି ଏବଂ ଏହି ଖାଲିସ୍ଥାନ କେବେ ସୁଦ୍ଧା ପୂରଣ ହେବ, ସେଥିପ୍ରତି ସରକାର କି କି ବାସ୍ତବ ପଦକ୍ଷେପ ମାନ ଗ୍ରହଣ କରିବେ ତଥ୍ୟ ପ୍ରଦାନ କରିବେ କି, ୧୦/୧୫ ବର୍ଷ ହେବ ଯେଉଁ ସବୁ ଅଧ୍ୟାପକ ପରିଚାଳନା କମିଟି ମାଧ୍ୟମରେ ନିଯୁକ୍ତି ପାଇ ସୁଚାରୁ ରୂପେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବେ କି ?

----

## KSSY Loan

2117 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The Department has launched the new Kalinga Sikhya Saathi Yojana, can the Departments, furnish information in how many students from Gajapati district have avialed loan under the KSSY and how many have applied and needed support under KSSY in Mohana under Gajapati district and Khordha district, (b) What is the procurement to apply for status to get eligible to said loan and details thereof?

----

## ଗୁଣାତ୍ମକ ଶିକ୍ଷା ଦାନ

2118 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେସରକାରୀ ମହାବିଦ୍ୟାଳୟମାନଙ୍କରେ ପାଠପଢା ଦେୟ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ କି କି ନୀତି ନିର୍ଦ୍ଦେଶନାମା କେବେ ଜାରି କରାଯାଇଛି, ସଂପୃକ୍ତ ନିର୍ଦ୍ଦେଶନାମା ଓ ନୀତିର ଅନୁପାଳନ ସଂପର୍କରେ ଅନୁଧ୍ୟାନ ସମୀକ୍ଷା କରିବା ନିମନ୍ତେ ସରକାରୀ ବ୍ୟବସ୍ଥା ପରିପ୍ରେକ୍ଷୀରେ 2023 2024 ଓ 2024 2025 ବର୍ଷରେ କେଉଁ କେଉଁ ଜିଲ୍ଲାରେ କେତେସଂଖ୍ୟକ ମହାବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାଦାନ ସଂପର୍କରେ ଅନୁଧ୍ୟାନ ସମୀକ୍ଷା କରାଯାଇଥିଲା, ସେମାନଙ୍କ ମଧ୍ୟରୁ କେଉଁମାନେ ନିର୍ଦ୍ଧାରିତ ନୀତି ନିୟମକୁ ଉଲଂଘନ କରିଛନ୍ତି ତାର ବିବରଣୀ ପ୍ରଦାନ କରିବା ସହ ଉଲଂଘନକାରୀଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି?

----

## Employment of Students

**2119 Shri Rupesh Kumar Panigrahi (Paralakhemundi):**

Will the Minister for **Skill Development & Technical Education** be pleased to state that:- In The State, How Many Students are Pursuing Post-Graduation, Graduation, and Diploma Courses in Technical And Vocational Institutions, And How Many are Enrolled in Each Institution; How many of these Students have been Employed In Government and Non-Government Organizations during the last Five Years; what steps have been taken to improve the employment prospects of these candidates; further, which private Institutions are providing placement to successful candidates, and detailed information be furnished ?

----

## Fund Allocation for promotion of Odia Language

**2120 Shri Rupesh Kumar Panigrahi (Paralakhemundi):**

Will the Minister for **Odia Language, Literature & Culture** be pleased to state that:- To Publicize and promote Research In Odia Language and Literature, Two Odia Chairs were Established- one at Jawaharlal Nehru University In the name of Adikabisarala Das and another at Banaras Hindu University; In the name of Kabi Samrat Upendra Bhanja during 2017 and 2018 Respectively; Apart from these, for the remaining three of the Panchasakha; In which Universities have chairs been established or proposed to be established; Details may be furnished. Further, from the Financial Year 2019-2020 to the current Financial Year 2025- 2026, How Much fund Has been allocated, And from the Financial Year 2017-2018 to the current Financial year, How Much fund has been utilized; Details be provided?

----

## Steps to increase B.E.D Course Seat

**2121** **Shri Rupesh Kumar Panigrahi (Paralakhemundi):**

Will the Minister for **Higher Education** be pleased to state that:- Keeping In view the requirement of Teachers, In which Colleges under which Universities is the B.Ed course being offered, and How many seats are available In each College; A detailed list may Be Provided; Is the Government aware that most Students are going outside the State for pursuing the B.Ed Course; if yes will, with the Government take necessary steps to increase the number of seats within the State?

----

## Profit making Industries

**2122** **Shri Rupesh Kumar Panigrahi (Paralakhemundi):**

Will the Minister for **Industries** be pleased to state that:- How many operational Government industries are there In each district, and how many are In deteriorated condition; Which Government Industries are making profits and how much; How many Government industries have been set up from 2015 to 2025; District wise details be provided ?

----

## ପକ୍କାଗୃହ ନିର୍ମାଣ

**2123** **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ଥିବା ସମସ୍ତ ବିଦ୍ୟାଳୟରେ ମୋଟ ଶିକ୍ଷକ ପଦବୀ ସଂଖ୍ୟା କେତେ ଓ ଏଥିମଧ୍ୟରୁ କେତେ ପଦବୀ ଖାଲିଅଛି ତାହାର ବିଦ୍ୟାଳୟୱାରୀ ତଥ୍ୟ ପ୍ରଦାନ କରିବେକି, ଉକ୍ତ ଖାଲିପଡିଥିବା ପଦବୀଗୁଡିକୁ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଆଖିଆଗରେ ରଖି କେବେସୁଦ୍ଧା ପୁରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ଏବଂ ବାଲେଶ୍ୱର ଜିଲ୍ଲାରେ ଥିବା ବିଦ୍ୟାଳୟମାନଙ୍କ ମଧ୍ୟରୁ କାହାର ସ୍ଥାୟୀ ଓ ପକ୍କାଗୃହ ନାହିଁ ତାହାର ବ୍ଲକୱାରୀ ତାଲିକା ଦେବା ସହ ସ୍ଥାଣୁ ଅବସ୍ଥାରେ ପଡିଥିବା ବିଦ୍ୟାଳୟଗୁଡିକୁ କେବେସୁଦ୍ଧା ସ୍ଥାୟୀ ଓ ପକ୍କାଗୃହ ନିର୍ମାଣ କରିବେ?

----

## BEO ପଦବୀ ପୂରଣ

**2124** **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର କେଉଁ କେଉଁ ବ୍ଲକରେ କେତୋଟି BEO ପଦବୀ କେବେଠାରୁ ଖାଲିପଡିଛି, ତନ୍ମଧ୍ୟରୁ ବାଲେଶ୍ଵର ଜିଲ୍ଲାର ସିମୁଳିଆ ଖଇରା ବ୍ଲକର ଆଜିକୁ ଦିର୍ଘଦିନ ହେବ BEO ସରକାର ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନନେବାର କାରଣ କଣ, କେବେସୁଦ୍ଧା ଦୁଇଟି BEO ପଦବୀ ସ୍ଥାୟୀଭାବେ ନିଯୁକ୍ତ କରିବେ?

----

## ପରିଚାଳନା କମିଟି ଗଠନ

2125 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଥିବା ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ପରିଚାଳନା କମିଟି (Governing Body) ନଥିବା ସତ୍ୟ କି ; ଯଦି ହଁ ତେବେ ଏହାର କାରଣ କଣ ଏବଂ କେବେ ସୁଦ୍ଧା ଏହି ପରିଚାଳନା କମିଟି ଗଠନ କରାଯିବ ଓ ପରିଚାଳନା କମିଟି ଗଠନ ନିୟମ ପ୍ରକ୍ରିୟା କ'ଣ ?

----

## ପୋଷାକ ଯୋଗାଣ

2126 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକରେ School ପିଲାମାନଙ୍କୁ ଏ ପର୍ଯ୍ୟନ୍ତ School Dress ଯୋଗାଇ ଦିଆଯାଇନଥିବା କଥା ସତ୍ୟ କି; ଯଦି ହଁ ତେବେ ସରକାର ଏ ବିଷୟରେ ତୁରନ୍ତ ପଦକ୍ଷେପ ନେଇ ଏହାର ସମାଧାନ କରିବେ କି ?

----

## Govt ITI ଖୋଲିବା ପାଇଁ ପଦକ୍ଷେପ

2127 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି ଧାମରାଠାରେ ଏକ Skill Development ଏବଂ ଏକ Govt ITI ଖୋଲିବାର ବ୍ୟବସ୍ଥା ସରକାର କରିବେ କି ?

----

## ଶିକ୍ଷକ ପଦବୀ ପୂରଣ

2128 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକରେ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ Teacher ପଦବୀ ଖାଲିଅଛି, ତାହାର School ୱାରୀ ତାଲିକା ଦେବେ କି; ଖାଲିଥିବା ଏହି ଶିକ୍ଷକ ପଦବୀ ପୂରଣ ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ?

----

## NPCC ଆନୁକୂଲ୍ୟରେ ହୋଇଥିବା ପ୍ରକଳ୍ପ

**2129 Shri Nilamadhab Hikaka (Bissam-cuttack):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ଅନୁସୂଚିତ ଜାତି ଜନଜାତି କଲ୍ୟାଣ ତଥା ପଛୁଆ ବର୍ଗ ବିକାଶ ବିଭାଗ ଅଧୀନରେ ଥିବା NPCC ଆନୁକୂଲ୍ୟରେରେ ରାୟଗଡ଼ା ଜିଲ୍ଲା ତଥା ବିଷମକଟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ ମଧ୍ୟରେ SSD ଡ଼ିପାର୍ଟମେଣ୍ଟ ଅନ୍ତର୍ଗତ ବିଗତ ୧୦ ବର୍ଷ ମଧ୍ୟରେ କେଉଁ କେଉଁ ପ୍ରକଳ୍ପ, କେତେ ଟଙ୍କାର ପ୍ରକଳ୍ପ,କେଉଁଠି, କେବେ, କେଉଁ ଉଦ୍ଦେଶ୍ୟରେ କରାଯାଇଛି, ସମୁଦାୟ କେତେ ପାଣ୍ଠି ଆବଣ୍ଟନ କରାଯାଇଛି କେତେ ପ୍ରକଳ୍ପ କାମ ଜାରି ରହିଛି, କେତେ ସମାପ୍ତି ହୋଇଛି, କେତେ ୟୁସି ପ୍ରଦାନ କରାଯାଇଛି, କେତେ ପ୍ରକଳ୍ପ ଆରମ୍ଭ ହୋଇ ନାହିଁ କେତେ ଅନୁଦାନ ସମୁଦାୟ ବଳକା ରହିଛି ?

----

## ସପୁରୀ ପ୍ରକ୍ରିୟାକରଣ ୟୁନିଟ କାର୍ଯ୍ୟକ୍ଷମ

**2130 Shri Nilamadhab Hikaka (Bissam-cuttack):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- DKDA ଚାଟିକଣାଠାରେ ପ୍ରସ୍ତାବିତ ସପୁରି ପ୍ରକ୍ରିୟା କରଣ ୟୁନିଟ କେବେ କାର୍ଯ୍ୟକ୍ଷମ ହେବ; କେଉଁ ବିଭାଗକୁ ଏହାର ଦାୟିତ୍ୱ ଦିଆଯାଇଛି; କେତେ ଟଙ୍କା ଏଥିପାଇଁ ବ୍ୟୟ ବରାଦ ହୋଇଛି, ବର୍ତମାନ ସୁଦ୍ଧା କେତେ ଟଙ୍କା ଏଥିରେ ଖର୍ଚ୍ଚ ହୋଇଛି, ପ୍ରକ୍ରିୟାକରଣ କେନ୍ଦ୍ର କାର୍ଯ୍ୟକ୍ଷମ ହେବାର ଧାର୍ଯ୍ୟ ସମୟ ସୀମା କେବେ ଥିଲା, କେଉଁ କାରଣରୁ ଏହା କାର୍ଯ୍ୟକ୍ଷମ ହୋଇ ପାରୁନି, ORAMAS, TDCC କଣ ଏହାର କାର୍ଯ୍ୟକାରିତା, କଣ ଏ ବିଭାଗ ଗୁଡିକର ବିଗତ ଦଶ ବର୍ଷର କାରବାର, ଯୋଜନା, ପାଣ୍ଠି ବିଷମ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଏମାନଙ୍କର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## ଷ୍ଟାଡ଼ୟମ ନିର୍ମାଣ ପାଇଁ ସହାୟତା ପ୍ରଦାନ

**2131 Shri Nilamadhab Hikaka (Bissam-cuttack):**

Will the Minister for **Sports & Youth Services** be pleased to state that:- ବିଷମ କଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକ ମଧ୍ୟରେ କେତୋଟି ମିନି ଷ୍ଟାଡ଼ିୟମ, ଇଣ୍ଡୋର ଷ୍ଟାଡ଼ିୟମ ରହିଛି ; କେତୋଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉଛି ; କେତୋଟି କେବଳ କାଗଜ କଲମରେ ଅଛି; କେତୋଟିର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି; ଯୁବକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଷମ କଟକ ନିର୍ବାଚନ ମଣ୍ଡଳୀଠାରେ ବିଭାଗ ପକ୍ଷରୁ ମିନି ଷ୍ଟାଡ଼ିୟମ ଓ ଇଣ୍ଡୋର ଷ୍ଟାଡ଼ିୟମ ପାଇଁ କେତେ, କେଉଁଭଳି ଓ କେବେ ସୁଦ୍ଧା ସହାୟତା ପ୍ରଦାନ କରିବେ ?

----

## ଶିକ୍ଷକ ପଦବୀ ପୂରଣ

**2132 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ ଉଚ୍ଚଶିକ୍ଷା ବିଭାଗ ଅଧିନରେ କେତେ ଜଣ ଶିକ୍ଷକ ଅଛନ୍ତି ତାର ଏକ Subject - wise ତାଲିକା ଦେବା ସହିତ, ବର୍ତ୍ତମାନ କେତେଗୋଟି ଶିକ୍ଷକ ପଦବୀ ଖାଲି ପଡ଼ିଛି ଏବଂ ଏମାନଙ୍କର ସଂଖ୍ୟା କେତେ କେତେ ତାହାର ଏକ ତଥ୍ୟ ପ୍ରଦାନ କରିବେ କି ; ସରକାର ଏସବୁ ପଦବୀ ଗୁଡ଼ିକ କେବେ ସୁଧା ପୂରଣ କରିବେ ?

----

## ଖଣିଜ-ଆଧାରିତ ଶିଳ୍ପ ସ୍ଥାପନ

2133 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ଜିଲ୍ଲାରେ ଉପଲବ୍ଧ ଖଣିଜ ସମ୍ପଦକୁ ଆଧାର କରି ନୂତନ ଖଣିଜ-ଆଧାରିତ ଶିଳ୍ପ ସ୍ଥାପନ କରିବା ପାଇଁ ସରକାର କୌଣସି ପ୍ରସ୍ତାବ ରଖିଛନ୍ତି କି; ଯଦି ହଁ ତେବେ ତାହାର ଏକ ତଥ୍ୟ ଦେବା ସହିତ ସେଗୁଡ଼ିକ କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ନୂତନ ଶ୍ରେଣୀ ଗୃହ ନିର୍ମାଣ

2134 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ ଯେଉଁ ସବୁ ବିଦ୍ୟାଳୟ ମାନଙ୍କରେ ବିଭିନ୍ନ ଶ୍ରେଣୀ ପାଇଁ ଆବଶ୍ୟକୀୟ ଶ୍ରେଣୀ ଗୃହ ନାହିଁ ଏବଂ ଶ୍ରେଣୀ ଗୃହ ଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ଅଛି ତାର ଏକ ତାଲିକା ପ୍ରଦାନ କରିବା ସହିତ ସେଠାରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ କିଛି ସ୍ୱତନ୍ତ୍ର packageର ବ୍ୟବସ୍ଥା କରିବେ କି ?

----

## ହଷ୍ଟେଲ ନିର୍ମାଣର ବର୍ତ୍ତମାନ ସ୍ଥିତି

2135 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଣ୍ଟାବାଞ୍ଜିରେ ସ୍ଥିତ Industrial Training Institute (ITI), Kantabanji ଠାରେ କେତେ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ଚାଲୁଅଛି, ଏଥିପାଇଁ କେତେ ଅର୍ଥ ପ୍ରଦାନ କରାଯାଇଅଛି ଏବଂ କେଉଁ ସଂସ୍ଥା ଜରିଆରେ କେଉଁ ଠିକାଦାରଙ୍କୁ ନିର୍ମାଣ କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଛି; ଉକ୍ତ କାର୍ଯ୍ୟର ବର୍ତ୍ତମାନ ସ୍ଥିତି କଣ ?

----

## ଖେଳ ପଡ଼ିଆ ପାଇଁ ଅନୁଦାନ

2136 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ କେଉଁ କେଉଁ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଜସ୍ୱ ଖେଳପଡ଼ିଆ ଓ ଶାରୀରିକ ବ୍ୟାୟାମଶାଳା ଅଛି ଏବଂ ବିଗତ ୫ ବର୍ଷରେ ଉକ୍ତ ଭିତ୍ତିଭୂମୀ ଗୁଡ଼ିକର ନିର୍ମାଣ/ମରାମତି/ସମ୍ପ୍ରସାରଣ ପାଇଁ କେଉଁ କେଉଁ ସରକାରୀ ଯୋଜନାରେ କିମ୍ବା କେଉଁ ପାଣ୍ଠିରୁ କେତେ ଅର୍ଥ ପ୍ରଦାନ କରାଯାଇଛି ?

----

## ବିଦ୍ୟାଳୟର ଭିତ୍ତିଭୂମି ବିକାଶ

2137 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ୨୦୨୫-୨୬ ଶିକ୍ଷା ବର୍ଷରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକ ଅଧିନସ୍ଥ କେଉଁ କେଉଁ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କେତେ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି; ଛାତ୍ର ଅନୁପାତରେ କେତେ ଗୋଟି ଲେଖାଏଁ ଶ୍ରେଣୀଗୃହ, ଅତିରିକ୍ତ ଶ୍ରେଣୀଗୃହ, ପାଇଖାନା ସହ ଅନ୍ୟାନ୍ୟ ଭିତ୍ତିଭୂମୀ ଅଛି, ସେଗୁଡ଼ିକର ବର୍ତ୍ତମାନ ସ୍ଥିତି କଣ; ତାହାର ଏକ ବିଦ୍ୟାଳୟୱାରୀ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି ?

----

## ଦକ୍ଷତା ତାଲିମପ୍ରାପ୍ତଙ୍କୁ ନିଯୁକ୍ତି

2138 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ବିଗତ ୨ ବର୍ଷରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସରକାରଙ୍କ ପକ୍ଷରୁ କେତେ ଯୁବକଯୁବତୀମାନଙ୍କୁ ବିଭିନ୍ନ ଅନୁଷ୍ଠାନ ମାଧ୍ୟମ ଦକ୍ଷତା ତାଲିମ୍ ଦେଇଛନ୍ତି ଏବଂ ଏମାନଙ୍କ ମଧ୍ୟରୁ କେତେ ଜଣ, ଆତ୍ମନିଯୁକ୍ତି ଓ ନିଯୁକ୍ତି ପାଇଛନ୍ତି, ତାର ଜିଲ୍ଲାୱାରୀ ତଥ୍ୟ ଦେବେ କି ?

----

## ବୃହତ ଶିଳ୍ପ ପ୍ରତିଷ୍ଠା

2139 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଜୁନ ୧୨, ୨୦୨୪ରୁ ଆଜିପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ରାଜ୍ୟରେ ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ କେଉଁ କେଉଁ ଶିଳ୍ପ କମ୍ପାନୀ ସହ ଯୋଗାଯୋଗ କରିଥିଲେ କେତେ ଶିଳ୍ପ ପ୍ରତିଷ୍ଠାନ କେଉଁଠାରେ କି ପ୍ରକାର ଶିଳ୍ପ ପ୍ରତିଷ୍ଠା ପାଇଁ MOU କରିଛନ୍ତି/ ଆଗ୍ରହ ପ୍ରକାଶ କରିଛନ୍ତି ?

----

## Sanctioned post of professor in various university

2140 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- What is the sanctioned post of Professor, Associate Professor and Assistant Professor on various University in the state, out of which how many posts are lying vacant; will the Govt. furnish the details of vacancy university were and step are been taken by the deptt. to fill up the vacancy ?

----

## ପୁଞ୍ଜି ନିବେଶର ବିବରଣୀ ପ୍ରଦାନ

2141 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୪-୨୫ ଆର୍ଥିକ ବର୍ଷରେ ସରକାର Make in Odisha Conclave ଯେଉଁ ଆୟୋଜନ କରିଥିଲେ ସେଥିରେ କେତେ ଜଣ ରାଜ୍ୟ ଓ ରାଜ୍ୟ ବାହାରୁ ଶିଳ୍ପପତି ଓ ଶିଳ୍ପାନୁଷ୍ଠାନ ଯୋଗ ଦେଇଥିଲେ; ସେଥିରେ ରାଜ୍ୟ ସରକାରଙ୍କର କେତେ ଅର୍ଥ ଖର୍ଚ୍ଚ ହୋଇଛି, କେତୋଟି ସଂସ୍ଥା ଦ୍ୱାରା କେତେ ପୂଞ୍ଜି ନିବେଶର ରାଜୀନାମା ହୋଇଅଛି ଓ ଅଦ୍ୟାବଧି କେତେ ପୁଞ୍ଜି ନିବେଶ ହୋଇ ଅଛି ?

----

## ନିୟୋଜିତ ଥିବା ଶିକ୍ଷକଙ୍କ ବିବରଣୀ ପ୍ରଦାନ

2142 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳାହାଣ୍ଡି ଜିଲ୍ଲାରେ କେତୋଟି SSD Govt. ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଅଛି, କେତେ ଜଣ ଛାତ୍ରଛାତ୍ରୀ ଅଧ୍ୟାୟନ ରତ ଅଛନ୍ତି, କେତେ ଜଣ ଶିକ୍ଷକ ଏଥିପାଇଁ ନିୟୋଜିତ ହୋଇଛନ୍ତି ?

----

## ଖେଳ ପଡ଼ିଆ ନିର୍ମାଣ

2143 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ସରକାରୀ ଏବଂ ଅନୁଦାନ ପ୍ରାପ୍ତ ଡ଼ିଗ୍ରୀ କଲେଜ୍ ସଂଖ୍ୟା କେତେ, କେତୋଟି ଡ଼ିଗ୍ରୀ କଲେଜରେ ନିଜସ୍ୱ ଖେଳ ପଡ଼ିଆ ଅଛି, ଯେଉଁ ଡ଼ିଗ୍ରୀ କଲେଜରେ ଖେଳପଡ଼ିଆ ନାହିଁ ସେଠାରେ ସରକାର କଣ ସବୁ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ତାଲିକା

2144 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ଜିଲ୍ଲା ବାଙ୍କି ନିର୍ବାଚନ ମଣ୍ଡଳୀରେ କେତେ ଜଣ ହିତାଧିକାରୀ ବର୍ତ୍ତମାନ ସୁଦ୍ଧା Rs.3500 old age pension ପାଉଛନ୍ତି, ତାର ପଞ୍ଚାୟତୱାରୀ ଏବଂ ବ୍ଲକୱାରୀ ତାଲିକା ସରକାର ଦେବେ କି ?

----

## ମଧୁସୁଦନ ଦାସଙ୍କ ଜନ୍ମପୀଠର ଉନ୍ନତି କରଣ

2145 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମଧୁସୁଦନ ଦାସଙ୍କ ଗ୍ରାମ ସାଲେପୁରର ସତ୍ୟଭାମା ପୁରରେ ଥିବା ଉକ୍ତ ପୀଠସ୍ଥଳୀର ଉନ୍ନତି ପାଇଁ ସରକାର କଣ କଣ ପଦକ୍ଷେପ ନେଇଛନ୍ତି ?

----

## ସ୍ମୃତି ମଣ୍ଡପ ନିର୍ମାଣ

2146 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ଥିଙ୍କର୍ସ କ୍ଲବ ପକ୍ଷରୁ dt.15.10.2025ରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ସ୍ମାରକ ପତ୍ରରେ କଟକ ଭୁବନେଶ୍ୱର ଦୈତ ସହରକୁ ଯୁଗ୍ମ ରାଜଧାନୀ ରୂପେ ରୂପାନ୍ତର ଏବଂ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେସନ ଇଦଗା ପଡ଼ିଆରେ ଅନୁଷ୍ଠିତ ହୋଇଥିବାରୁ ଏଠାରେ ଏକ ପ୍ରେକ୍ଷାଳୟ ସ୍ମୃତି ମଣ୍ଡପ, ସ୍ମାରକୀ ଭବନ ନିର୍ମାଣ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## କର୍ମଚାରୀ ବଦଳି ସମ୍ପର୍କରେ

2147 **Shri Kadraka Appalaswamy (Rayagada):**

Will the Minister for **Odia Language, Literature & Culture** be pleased to state that:- ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରତି ଜିଲ୍ଲାରେ ଗତ ୫ବର୍ଷରେ କଣ କଣ କାର୍ଯ୍ୟକ୍ରମ କରାଯାଇଛି, କେଉଁ କାର୍ଯ୍ୟକ୍ରମ ପାଇଁ କେତେ ଅର୍ଥ ବ୍ୟୟ କରାଯାଇଛି, ଗତ ୨୦୧୯ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଓ ୱାରୀ ଖର୍ଚ୍ଚ କରାଯାଇଥିବା ବିବରଣୀ ପ୍ରଦାନ କରିବେ କି, ସେହିପରି କେଉଁ ଜିଲ୍ଲା ମାନଙ୍କରେ ବିଭାଗୀୟ ଅଧିକାରୀ କେତେ ବର୍ଷ ହେଲା ଗୋଟିଏ ସ୍ଥାନରେ କାର୍ଯ୍ୟ କରି ଆସୁଛନ୍ତି, ନୂଆ ସରକାର ଆସିବା ପରେ ଗୋଟିଏ ସ୍ଥାନରେ ତିନି ବର୍ଷରୁ ଅଧିକ କୌଣସି କର୍ମଚାରୀ ରହିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯିବା ପରେ ଏହା କାର୍ଯ୍ୟକାରୀ କରାଯାଉ ନଥିବାର ସୂଚନା ପ୍ରଦାନ କରିବେ କି ?

----

## ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀ ପୂରଣ

2148 **Shri Kadraka Appalaswamy (Rayagada):**

Will the Minister for **School and Mass Education** be pleased to state that:- ରାୟଗଡା ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କେତୋଟି ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀ କେତେ ବର୍ଷ ହେଲା କେଉଁ କେଉଁ ବ୍ଲକରେ ଖାଲି ରହିଛି ତାଲିକା ପ୍ରଦାନ କରିବା ସହ କେବେ ସୁଦ୍ଧା ଏହି ଖାଲି ଥିବା ପଦବୀ ପୂର୍ଣ୍ଣ କରିବା ପାଇଁ ସରକାର ଯୋଜନା ରଖିଛନ୍ତି, ବର୍ତ୍ତମାନ କେଉଁ ସବୁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱ ଅନ୍ୟ ଭାରପ୍ରାପ୍ତ ଶିକ୍ଷକ କାର୍ଯ୍ୟ ତୁଲାଉଛନ୍ତି ଏହାର ତାଲିକା ବ୍ଲକୱାରୀ ପ୍ରଦାନ କରନ୍ତୁ, ଏହି ପ୍ରଧାନ ଶିକ୍ଷକ ଭାବେ ଭାରପ୍ରାପ୍ତ ଦାୟିତ୍ୱ ତୁଲାଇବା ଦ୍ୱାରା ନବମ ଓ ଦଶମ ଛାତ୍ର ଛାତ୍ରୀଙ୍କୁ ପାଠପଢ଼ାରେ କ୍ଷେତ୍ରରେ ବାଧା ସୃଷ୍ଟି ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ରାୟଗଡା ଜିଲ୍ଲାରେ କାରଖାନା ପ୍ରତିଷ୍ଠା

2149 **Shri Kadraka Appalaswamy (Rayagada):**

Will the Minister for **Industries** be pleased to state that:- ରାୟଗଡା ଜିଲ୍ଲାରେ ଆଗାମୀ ଦିନରେ କେଉଁ କେଉଁ କାରଖାନା ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି, ସେମଧ୍ୟରୁ କେତୋଟି ପ୍ରସ୍ତାବିତ କାରଖାନା ସରକାରଙ୍କ ସହ ଚୁକ୍ତିନାମା କରିଛନ୍ତି ସେମାନଙ୍କ ନାମ, କେବେ ସୁଧା କେଉଁ ସ୍ଥାନରେ ପ୍ରସ୍ତାବିତ କାରଖାନା ପ୍ରତିଷ୍ଠା ହେବ ତାହାର ଠିକଣା, କେଉଁ କେଉଁ ପ୍ରସ୍ତାବିତ କାରଖାନା କେବେ ସୁଧା କାର୍ଯ୍ୟ ଆରମ୍ଭ କରାଯିବ, ବର୍ତ୍ତମାନ କେତୋଟି କାରଖାନା ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରାଯାଇଛି ?

----

## CSR ପାଣ୍ଠି ବିନିଯୋଗ

2150 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ 5 ବର୍ଷରେ କଳାହାଣ୍ଡି ଜିଲ୍ଲାରେ CSR ପାଣ୍ଠି ପାଇଁ କେଉଁ କେଉଁ Company କେତେ ପରିମାଣର ଅର୍ଥ ପ୍ରଦାନ କରିଛନ୍ତି ତା'ର ଏକ ତାଲିକା Company wise ପ୍ରଦାନ କରିବା ସହ ଏଥିମଧ୍ୟରୁ ନର୍ଲା ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ପ୍ରକଳ୍ପ ପାଇଁ କେତେ କେତେ ପରିମଣର ଅର୍ଥ ମଞ୍ଜୁର କରାଯାଇଛି ?

----

## ତଥ୍ୟ ପ୍ରଦାନ

2151 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲା DEO/BEO ଅଫିସର Repair & Renovation ପାଇଁ ଚଳିତ ଆର୍ଥିକ ବର୍ଷରେ ଆଜି ପର୍ଯ୍ୟନ୍ତ କେତୋଟି ପ୍ରସ୍ତାବ DEO ଅଫିସରୁ DEE/DSE ରେ ପ୍ରାପ୍ତ ହୋଇଅଛି, ତାହାର Date-wise ବିବରଣୀ ପ୍ରଦାନ କରିବେ କି ?

----

## ITDA ମାଧ୍ୟମରେ କାର୍ଯ୍ୟ

2152 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନର୍ଲା ନିର୍ବାଚନ ମଣ୍ଡଳୀର ITDA ମାଧ୍ୟମରେ କେଉଁ କେଉଁ Scheme ରେ କେଉଁ କେଉଁ କାର୍ଯ୍ୟ ବିଗତ 2019 ରୁ 2024 ବର୍ଷ ମଧ୍ୟରେ ହୋଇଛି ?

----

## ଉନ୍ନୟନମୂଳକ କାର୍ଯ୍ୟକ୍ରମର ସୁବିଧା ପ୍ରଦାନ

2153 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଗ୍ରାମ ଗୁଡିକରେ ଅନୁସୂଚିତ ଜାତିର ସାହି ରହିଅଛି, କିନ୍ତୁ ଅଧିକାଂଶ ଗ୍ରାମର ସେହି ସାହି ଗୁଡିକରେ ବସବାସ କରୁଥିବା ପରିବାର ସରକାରଙ୍କ ଦ୍ଵାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସୁବିଧା ପାଇପାରୁନାହାନ୍ତି ଯାହାଦ୍ଵାରା ସେମାନଙ୍କର ଦୈନନ୍ଦିନ ଜୀବନ ଶୈଳୀରେ ଉନ୍ନତି ପରିଲିଖିତ ହେଉନାହିଁ, ଏହି ଦୃଷ୍ଟିରୁ ଉକ୍ତ ସାହି ଗୁଡିକର ମୌଳିକ ସୁବିଧା ଯଥା- ବିଦ୍ୟୁତ ଯୋଗାଣ, ପାନୀୟ ଜଳର ବ୍ୟବସ୍ଥା, ରାସ୍ତାଘାଟ, ଡ୍ରେନେଜ ବ୍ୟବସ୍ଥା ଓ କୋଠଘର (Community Centre) ର ବ୍ୟବସ୍ଥା କରିବେ କି ?

----

## ପ୍ରେକ୍ଷାଳୟର ବ୍ୟବସ୍ଥା

2154 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିକିଟି ଓ ପାତ୍ରପୁରରେ ତହସିଲ ଓ ବ୍ଲକର ମୁଖ୍ୟ କାର୍ଯ୍ୟାଳୟ ରହିଅଛି, କିନ୍ତୁ ଉକ୍ତ ଦୁଇଟି ସ୍ଥାନରେ ସରକାରୀ ତଥା ବେସରକାରୀ କାର୍ଯ୍ୟକ୍ରମ ପାଇଁ କୌଣସି ପ୍ରେକ୍ଷାଳୟ (Auditorium) ର ବ୍ୟବସ୍ଥା ନାହିଁ, ଉକ୍ତ ଦୁଇଟି ସ୍ଥାନରେ ବିଭାଗ ତରଫରୁ ପ୍ରେକ୍ଷାଳୟ (Auditorium) ର ବ୍ୟବସ୍ଥା କରିବେ କି?

----

## ANWESHA ପାଇଁ ଦାବି

2155 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 17 ଜିଲ୍ଲାରେ ANWESHA 2025-26 ପୂରାପୂରି ବନ୍ଦ ହୋଇପାରିଛି, ଏଥିପାଇଁ 10,000 SC/ST ଶିଶୁ ବଞ୍ଚିତ ହେବେ, ଏହାକୁ ପୁଣି ଲାଗୁକରିବାକୁ ନେଇ ଓଡିଶା ଅଭିଭାବକ ମହାସଂଘ ଦାବି ଉପରେ ସରକାର କଣ ନିଷ୍ପତ୍ତି ନେଇଛନ୍ତି, ଏହାର ଚୟନ ପ୍ରକ୍ରିୟା କାହିଁକି ବନ୍ଦ କରାଗଲା ଏହାର କାରଣ କଣ ? ସ୍କୁଲମାନଙ୍କରେ ବାକି ଅର୍ଥ ନ ଦେବା ଫଳରେ ଅଭିଭାବକ ଚିନ୍ତାରେ, କେତେ ଦିନ ମଧ୍ୟରେ ସମସ୍ତ ବକେୟା ଅର୍ଥ ଦିଆଯିବା ପାଇଁ ବ୍ୟବସ୍ତା କରିଛନ୍ତି । ଆଗାମୀ 15 ଦିନରେ ବିଶେଷ ଲଟେରୀ କରି ନୂଆ ପିଲାଙ୍କୁ 2025-26 ପାଇଁ ୫ ସୁଯୋଗ ଦିଆଯିବାର କିଛି ବ୍ୟବସ୍ତା କରିଛନ୍ତି? ରାଜ୍ୟରେ ଏହି ସ୍କିମରେ ସମସ୍ତ ବଞ୍ଚିତ ଶିଶୁଙ୍କ ସଂଖ୍ୟା କେତେ ?

----

## ବେସରକାରୀ ସଂସ୍ଥାର ସଂଖ୍ୟା ଓ ନାମ

2156 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ଃ**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ER-1 ଓ ER-II ଦେଇଥିବା ବେସରକାରୀ ସଂସ୍ଥାର ସଂଖ୍ୟା ଓ ନାମ, ବିନା ନିଯୁକ୍ତି ଏକ୍ସଚେଞ୍ଜର ପଞ୍ଜିକରଣରେ କେତେ କର୍ମଚାରୀ ନିଯୁକ୍ତି ଦେଇଛନ୍ତି, କେତେ ଓଡିଶାର ଓ ଓଡିଶା ବାହାର ରାଜ୍ୟର ସମ୍ପୂର୍ଣ ବିବରଣୀ ଦେବେ କି, ସରକାରୀ ଡିପାର୍ଟମେଣ୍ଟରେ ଆଉଟସୋର୍ସ କର୍ମଚାରୀ ସଂଖ୍ୟା କେତେ, ସେମାନେ ନିଯୁକ୍ତି ଏକ୍ସଚେଞ୍ଜରେ ନାମ ପଞ୍ଜିକରଣ କରିଛନ୍ତି କି ନାହିଁ, ER-I/ER-II ନ ଦେଇଥିବା ସଂସ୍ଥା ବିରୁଦ୍ଧରେ କଣ କାର୍ଯ୍ୟନୁଷ୍ଠାନ ନେଇଛନ୍ତି ଏବଂ ରାଜ୍ୟରେ ବେରୋଜଗାରୀ ଯୁବକ ସଂଖ୍ୟା ଯେଉଁମାନେ ପଞ୍ଜିକରଣ କରିଛନ୍ତି କେତେ ଓ ପଞ୍ଜିକରଣ କରିନଥିବା ଯୋଗ୍ୟ ଯୁବକ ଓ ଯୁବତୀ ସଂଖ୍ୟା କେତେ?

----

## ବୋଲଗଡରେ ଶିକ୍ଷ ସଂସ୍ଥା

2157 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବୋଲଗଡ ଓ ବେଗୁନିଆ ଶିକ୍ଷାଞ୍ଚଳ ପାଇଁ ବେଗୁନିଆ ଓ ବୋଲଗଡ ତହସିଲ ଦ୍ଵାରା ଶିକ୍ଷ ପ୍ରତିଷ୍ଠା ନିମନ୍ତେ ବିଭିନ୍ନ ଶିକ୍ଷ ସଂସ୍ଥାକୁ ଆବଣ୍ଟନ କରାଯାଇଥିଲା ଅଦ୍ୟାବଧି ସର୍ବମୋଟ କେତୋଟି ଶିକ୍ଷ ସଂସ୍ଥା ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟ କରୁଛନ୍ତି, ତାହାର ସବିଶେଷ ବିବରଣୀ ଦେବେ କି, ଆବଣ୍ଟନ କରାଯାଇଥିବା ଜମିରେ କେଉଁ କେଉଁ ସଂସ୍ଥା Construction ଜାରୀ ରଖିଛନ୍ତି ଓ କେଉଁ ସଂସ୍ଥା ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରିନାହାନ୍ତି, କେତୋଟି ଶିକ୍ଷ ସଂସ୍ଥାକୁ IDCO କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଏବଂ କେଉଁ ସଂସ୍ଥା କୋର୍ଟଙ୍କ ବିଚାରଧୀନ ଅଛି ଜଣାଇବା ସହ ଏଦିଗରେ ବିହିତ ପଦକ୍ଷେପ ନେବାପାଇଁ କ'ଣ ବିଚାର କରୁଛନ୍ତି ?

----

## Govt. ITI ପ୍ରତିଷ୍ଠା

2158 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଧାନସଭା UDAQ No.୫୫୦, ୨୨.11.2024 ରିଖ ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ମହାବିଦ୍ୟାଳୟର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ placement cell ଗଠନ ମାଧ୍ୟମରେ ନିଯୁକ୍ତି କରାଯାଇଥାଏ, ଖୋର୍ଦ୍ଧା ଜିଲ୍ଲାର ଅବସ୍ଥିତ ମହାବିଦ୍ୟାଳୟରେ କେଉଁ କେଉଁ ତାରିଖରେ placement ଦ୍ଵାରା କେତେ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି କେଉଁ କେଉଁ ସଂସ୍ଥାରେ ଦିଆଯାଇଛି ତାହାର ସବିଶେଷ ବିବରଣୀ ଉପସ୍ଥାପନ କରିବେ କି ; (ଖ) ବୋଲଗଡ ଓ ବେଗୁନିଆ ବ୍ଲକରେ Govt. ITI ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର କେବେସୁଦ୍ଧା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ?

----

## Government Order ପ୍ରକାଶ

2159 **Shri Santosh Khatua (Nilgiri):**

Will the Minister for **School and Mass Education** be pleased to state that:- ଗତ ଅଗଷ୍ଟ ମାସରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଯୋଜନାଭିତ୍ତିକ କନିଷ୍ଠ ଶିକ୍ଷକ ମାନଙ୍କୁ ନିୟମିତ କରାଯିବା ସମ୍ବନ୍ଧରେ ଏପର୍ଯ୍ୟନ୍ତ କୌଣସି ଶାସନାଦେଶ (government order) ପ୍ରକାଶ ହୋଇନଥିବାର କାରଣ କ'ଣ, ଏହାର govt. order କେବେ ପ୍ରକାଶ ପାଇବ, ଏବଂ କନିଷ୍ଠ ଶିକ୍ଷକମାନେ କେବେଠୁ ନିୟମିତ ହିସାବରେ ଗଣାଯିବେ ?

----

## UGC ନିୟମ ପାଳନ

2160 **Shri Santosh Khatua (Nilgiri):**

Will the Minister for **Higher Education** be pleased to state that:- (କ) ଦେଶର ସମସ୍ତ ରାଜ୍ୟ ଗୁଡିକରେ ଏବଂ ଓଡିଶାର ସରକାରୀ କଲେଜରେ ଡିଗ୍ରୀ ସ୍ତରର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ନିମନ୍ତେ U.G.C. ନିୟମ ପାଳନ କରି ନେଟ ବା ପିଏଚଡି ଥିବା ପ୍ରାର୍ଥୀ ମାନଙ୍କୁ ନିଯୁକ୍ତି ଦିଆଯାଉଥିବା ବେଳେ ଓଡିଶାର ଅନୁଦାନପ୍ରାପ୍ତ କଲେଜ ଗୁଡିକରେ କାହିଁକି UGC ନିୟମ ପାଳନ କରି ନିଯୁକ୍ତି ଦିଆଯାଉନାହିଁ ; (ଖ) ଏ ସଂକ୍ରାନ୍ତରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ମଧ୍ୟ UGC ନିୟମ ପାଳନ କରି ନିଯୁକ୍ତି କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ଉକ୍ତ ନିର୍ଦ୍ଦେଶ ପାଳନ କରୁନଥିବା ସତ୍ୟ କି ?

----

## କଲେଜ ଗୁଡିକର ଉନ୍ନତିକରଣ

2161 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନିର୍ବାଚନ ମଣ୍ଡଳୀର ୩ ଗୋଟି ବ୍ଲକ ବିରିଡି, ରଘୁନାଥପୁର ଓ ତିର୍ତ୍ତୋଲରେ ଥିବା କଲେଜ ଗୁଡିକର 2021 ମସିହା ଠାରୁ କେଉଁ କେଉଁ ଉନ୍ନତିକରଣ ବା ଉନ୍ନତିମୂଳକ କାର୍ଯ୍ୟକ୍ରମ ହୋଇଛି ଓ ଉନ୍ନତି ବା ରକ୍ଷଣାବେକ୍ଷଣ ପାଇଁ କେତେ ଅର୍ଥରାଶି ମଞ୍ଜୁର କରାଯାଇଛି ?

----

## ସହାୟତା ଉପକରଣ ପ୍ରଦାନ

2162 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକରେ ଭିନ୍ନକ୍ଷମ ତଥା ବିକଳାଙ୍ଗ ମାନଙ୍କୁ ସହାୟତା ଉପକରଣ (wheel chair, hearing, tricycle) ଇତ୍ୟାଦି ବିତରଣ ବ୍ୟବସ୍ଥା କିପରି ରହିଛି, ଏଯାବତ କେତେଜଣ କ'ଣ କ'ଣ ସହାୟତା ଉପକରଣ ପାଇଛନ୍ତି, କେତେଜଣ ଆବେଦକ ଅପେକ୍ଷାରେ ଅଛନ୍ତି ?

----

## ITDA ଅନୁଦାନର ବ୍ୟୟ ବିବରଣୀ

2163 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବଡସାହି ଓ ବେତନଟୀ ବ୍ଲକରେ ITDA ବିଭାଗରେ ଗତ ୬ ବର୍ଷରେ କେଉଁ କେଉଁ ଯୋଜନାରେ କେତେ funds ଆସିଛି, କେତେ କାମ ଶେଷ ହୋଇଛି, କେତେ funds ବାକିଅଛି ଏବଂ ସମ୍ପୂର୍ଣ୍ଣ ଥିବା ସମସ୍ତ ଯୋଜନାର କାମ କେବେସୁଦ୍ଧା ଶେଷ ହେବ ଏବଂ ନୂଆ କାମ କ'ଣ କ'ଣ ହେବାକୁ ଅଛି ?

----

**Establishment of Polytechnique College**

2164 **ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- That there is a demand of govt. polytechnique college at Birmaharajpur Constituency, can the govt. establish the same to create skill manpower for the development of this area ?

----